

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୦୪ ମାର୍ଚ୍ଚ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 04 MARCH 2023
Vol.No. 34 ■ No. 60 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ସିଜିଆଇ-ଏସସିବିଏ ସଭାପତି ହେଲେ ମୁହାଁମୁହିଁ



ନୂଆଦିଲ୍ଲୀ, ୦୩/୦୩ : ଭାରତ ଇତିହାସରେ ପ୍ରଥମ ଥର ପାଇଁ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତିଙ୍କୁ ପରୋକ୍ଷରେ ଧମକ ଦେଇଛନ୍ତି ସୁପ୍ରିମକୋର୍ଟ ବାର ଆସୋସିଏସନ ସଭାପତି(ଏସସିବିଏ) । ସୁପ୍ରିମକୋର୍ଟ ପରିସରରେ ଆଇନଜୀବୀ ପାଇଁ ଚାମ୍ବର ବ୍ଲକ ନିର୍ମାଣ ପାଇଁ ଜମି ଆବଣ୍ଟନ ମାମଲାର ଶୁଣାଣି ହେବାର ଥିଲା । କିନ୍ତୁ ଶୁଣାଣି ପାଇଁ ଏହି ଆବେଦନକୁ ତାଲିକାଭୁକ୍ତ କରିନଥିଲେ ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ । ଯାହାକୁ ବିରୋଧ କରି ମାମଲାକୁ ପ୍ରଧାନ ବିଚାରପତିଙ୍କ ବାସଭବନ ପାଖକୁ ନେବାକୁ କହିଥିଲେ ଏସସିବିଏ ସଭାପତି ତଥା ବରିଷ୍ଠ ଆଇନଜୀବୀ ବିକାଶ ସିଂହ । ଏକଥା ଶୁଣିବା ପରେ ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୂଡ ରାଗିଯିବା ସହ କହିଥିଲେ, ପ୍ରଧାନ ବିଚାରପତିଙ୍କୁ ଧମକ ଦିଅନାହିଁ । ଏହା ପରେ କିଛି ସମୟ ପାଇଁ କୋର୍ଟ ପରିସର ଗମ୍ଭୀର ହୋଇଯାଇଥିଲା । ଶେଷରେ ବିକାଶ ସିଂହଙ୍କୁ ନିଜ କୋର୍ଟରୁ ବାହାରିଯିବାକୁ କହିଥିଲେ ପ୍ରଧାନ ବିଚାରପତି । ଯୁକ୍ତିତର୍କ ପରେ ସୁପ୍ରିମକୋର୍ଟ ବାର ଆସୋସିଏସନ ପକ୍ଷରୁ ବରିଷ୍ଠ ଆଇନଜୀବୀ କପିଲ ଶିବଲ ଏବଂ ଏନ.କେ କୋଏଲ ପ୍ରଧାନବିଚାରପତିଙ୍କୁ କ୍ଷମା ମାଗିଥିଲେ । କିନ୍ତୁ ଦେଶର ମୁଖ୍ୟ ନ୍ୟାୟଧୀଶଙ୍କୁ ଆଇନଜୀବୀ ବିକାଶ ସିଂହଙ୍କ ଏଭଳି ବ୍ୟବାହରକୁ ନାପସନ୍ଦ କରାଯାଉଛି ।

## ବିଜେପିର ହଲ୍ଲାବୋଲ, ପୋଲିସ ବିରୋଧରେ ସବୁ ଥାନାରେ ଏତଲା



ଭୁବନେଶ୍ୱର, ୦୩/୦୩ (ନି.ପ୍ର): ବିଜେପି ଯୁବ ମୋର୍ଚ୍ଚାର ଆନ୍ଦୋଳନବେଳେ, ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଓ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ବିରୋଧରେ ପ୍ରତିବାଦ କରିଛି ବିଜେପି । ବିଜେପି ଯୁବ ମୋର୍ଚ୍ଚା କର୍ମୀଙ୍କ ବିରୋଧରେ ଯୋଜନାବଦ୍ଧ ଆକ୍ରମଣ କରାଯାଇଥିବା ଓ ବେଆଇନ ଭାବେ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା, ଅଭିଯୋଗ ଆଣି ପୋଲିସ ଡିଜି, ପୋଲିସ କମିଶନର ଓ ଭୁବନେଶ୍ୱର ଡିସିପିଙ୍କ ବିରୋଧରେ ଥାନାରେ ଏତଲା ଦେଇଛି ଦଳ । ଭୁବନେଶ୍ୱର, କଟକ, ସାଲେପୁର, ସୋନପୁର, ବାଙ୍କି ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଶୋଭାଯାତ୍ରା କରିବା ସହ ଏତଲା ଦେଇଛି ବିଜେପି । ଆସନ୍ତାକାଲି କଲି ରାଜ୍ୟର ସମସ୍ତ ଏସପି ଅଫିସ ଆଗରେ ବିଜେପି ଯୁବମୋର୍ଚ୍ଚା କର୍ମୀ ବିକ୍ଷୋଭ ପ୍ରଦର୍ଶନ କରିବ ବୋଲି ଦଳ ପକ୍ଷରୁ କୁହାଯାଇଛି । ଆଉ ଯଦି ଏଫଆଇଆର ଥାନାରେ ଗ୍ରହଣ କରାନଯାଏ କୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛି ଭାରତୀୟ ଜନତା ପାର୍ଟି । ଏସବୁ ଭିତରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର, ବିଜେପି ଯୁବ ମୋର୍ଚ୍ଚା କର୍ମୀଙ୍କୁ ଚୂଡାନ୍ତ ଲଢ଼େଇ ପାଇଁ ପ୍ରସ୍ତୁତ ହେବାକୁ କହିଛନ୍ତି । ଲୋୟର ପିଏମଜିରେ ଖଣ୍ଡଯୁଦ୍ଧ ପରେ ୨୨ ଜଣ ଯୁବ ମୋର୍ଚ୍ଚା କର୍ମୀ ଜେଲରେ ଅଛନ୍ତି । ଅନ୍ୟପଟେ ବିଜେପି ଯୁବ ମୋର୍ଚ୍ଚା କର୍ମୀଙ୍କୁ ମାଡ ମାରିଥିବା ପୋଲିସଙ୍କ ବିରୋଧରେ ଦିଆଯାଇଥିବା ଏତଲାକୁ ପୋଲିସ ଗ୍ରହଣ କରିନଥିବା ଅଭିଯୋଗ କରି ଆସୁଛି ଭାରତୀୟ ଜନତା ପାର୍ଟି । ଯାହାକୁ ନେଇ ବଢ଼ିବାରେ ଲାଗିଛି ବିବାଦ ।

## ନବ ଦାସ ହତ୍ୟା ମାମଲାରେ କ୍ରାଇମବ୍ରାଂଚ ଆବେଦନ ଖାରଜ



ଝାରସୁଗୁଡା, ୦୩/୦୩ (ନି.ପ୍ର): ନବ ଦାସ ହତ୍ୟା ମାମଲାରେ କ୍ରାଇମବ୍ରାଂଚକୁ ଝଟକା ଲାଗିଛି । ଗୋପାଳର ମାନସିକ ସ୍ଥିତି ଯାଂଚ କରିବାକୁ କ୍ରାଇମବ୍ରାଂଚ ପକ୍ଷରୁ କରାଯାଇଥିବା ଆବେଦନକୁ ଝାରସୁଗୁଡା ଏଡିଜେ ଖାରଜ କରି ଦେଇଛନ୍ତି । ଉଲ୍ଲେଖନୀୟ ଯେ କ୍ରାଇମବ୍ରାଂଚ ଗୋପାଳକୁ ନିମହାନ୍ସ ନେବାକୁ ଆବେଦନ କରିଥିଲା । ପୂର୍ବରୁ କ୍ରାଇମବ୍ରାଂଚର ଏହି ଆବେଦନକୁ ତଳ କୋର୍ଟ ଖାରଜ କରିଥିଲେ । ତଳ କୋର୍ଟଙ୍କ ରାୟ ବିରୋଧରେ ଏଡିଜେ କୋର୍ଟ ଆସିଥିଲା କ୍ରାଇମବ୍ରାଂଚ ।

## ସ୍ୱର୍ଗଦ୍ୱାରରେ ଅଭିନେତା ପିଣ୍ଟୁ ନନ୍ଦଙ୍କ ଶେଷକୃତ୍ୟ ସମ୍ପନ୍ନ



ପୁରୀ, ୦୩/୦୩ (ନି.ପ୍ର): ଅଭିନେତା ପିଂଟୁ ନନ୍ଦଙ୍କ ଶେଷକୃତ୍ୟ ଆଜି ଅପରାହ୍ନରେ ପୁରୀ ସ୍ୱର୍ଗଦ୍ୱାରରେ ସମ୍ପନ୍ନ ହୋଇଛି । ପଂଚଭୂତରେ ଲୀନ ହୋଇଛି ପିଂଟୁଙ୍କ ପାର୍ଥିବ ଶରୀର । ତାଙ୍କ ବଡ ପୁଅ ସାଇ ମୁଖାଗ୍ନି ଦେଇଥିଲେ । ଲିଭର ସିରୋସିସ୍ ରୋଗରେ ପୀଡ଼ିତ ହୋଇ ହାଇଦ୍ରାବାଦର ଯଶୋଦା ହସ୍ପିଟାଲରେ ଚିକିତ୍ସାଧିନ ଥିବା ୪୭ ବର୍ଷିୟ ଅଭିନେତା ପିଂଟୁଙ୍କ ବୁଧବାର ରାତିରେ ପରଲୋକ ଘଟିଥିଲା । ଗୁରୁବାର ରାତିରେ ତାଙ୍କ ମରଶରୀରକୁ ହାଇଦ୍ରାବାଦରୁ ବିମାନ ଯୋଗେ ଭୁବନେଶ୍ୱର କିମ୍ସକୁ ଅଣାଯାଇଥିଲା । ଏହାପରେ କଳାରାହାଙ୍ଗ ସ୍ଥିତ ତାଙ୍କ ବାସଭବନକୁ ନିଆଯାଇଥିଲା । ସେଠାରେ ଜ୍ଞାତି, ପରିବାର ବର୍ଗ, ସିନେ ଜଗତର ଅନେକ କଳାକାର ଓ ତାଙ୍କୁ ଭଲ ପାଉଥିବା ଲୋକ ମାନେ ତାଙ୍କର ଶେଷ ଦର୍ଶନ କରିଥିଲେ । ଏହାପରେ ଏକ ବିରାଟ ଶୋଭାଯାତ୍ରାରେ ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାର ଅଭିମୁଖେ ନିଆଯାଇଥିଲା । ସେଠାରେ ବହୁ କଳାକାର, ଅଭିନେତା ଓ ସିନେପ୍ରେମୀ ତାଙ୍କ ମରଶରୀରରେ ଶେଷ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପରେ ଶୋକାକୂଳ ପରିବେଶ ମଧ୍ୟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି । ଚଳଚ୍ଚିତ୍ର ଓ ଧାରାବାହିକରେ ପିଂଟୁଙ୍କ ନିଖୁଣ ଅଭିନୟ ତାଙ୍କୁ ଲୋକପ୍ରିୟତାର ଶୀର୍ଷରେ ପହଂଚାଇଥିଲା ।

## ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଖଣି ବିଭାଗର ଅତିରିକ୍ତ ନିର୍ଦ୍ଦେଶକଙ୍କ ସହ ଜଡିତ ବିଭିନ୍ନ ସ୍ଥାନରେ ଭିଜିଲାନ୍ସ ଚଢାଉ



ଭୁବନେଶ୍ୱର, ୦୩/୦୩ (ନି.ପ୍ର): ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଖଣି ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ନିର୍ଦ୍ଦେଶକ ଉମେଶ ଚନ୍ଦ୍ର ଜେନାଙ୍କ ଘରେ ଭିଜିଲାନ୍ସ ପକ୍ଷରୁ ଆଜି ସକାଳୁ ଚଢ଼ଉ ଆରମ୍ଭ କରାଯାଇଛି । ଭିଜିଲାନ୍ସ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଭିଜିଲାନ୍ସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ କେନ୍ଦୁଝରର ୭ଟି ଓ ଭୁବନେଶ୍ୱରର ୫ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଉଛି । ଭୁବନେଶ୍ୱରର ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତିଙ୍କ ଦ୍ୱାରା ଜାରି ଆଦେଶ ବଳରେ ୧୦ଜଣ ଡିଏସପି, ୭ଇନ୍ସପେକ୍ଟର ଏବଂ ଅନ୍ୟ କର୍ମଚାରୀଙ୍କ ନେତୃତ୍ୱରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଏକକାଳୀନ ଚଢ଼ଉ କରାଯାଉଛି ।

## ଏକାମ୍ର କ୍ଷେତ୍ରରେ ୧୪ ମନ୍ଦିରର ଉନ୍ନତି ଲାଗି ଖର୍ଚ୍ଚ ହେବ ୪ କୋଟି ଟଙ୍କା : ଅପରାଜିତା ଷଡଙ୍ଗୀ



ଭୁବନେଶ୍ୱର, ୦୩/୦୩ (ନି.ପ୍ର): ଲିଙ୍ଗରାଜ ମନ୍ଦିର ସମେତ ଏକାମ୍ର କ୍ଷେତ୍ରରେ ୧୪ ମନ୍ଦିରର ଉନ୍ନତି ଲାଗି ୪ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସୂଚନା ଦେଇଛନ୍ତି ଭୁବନେଶ୍ୱର ସାଂସଦ ତଥା ବିଜେପିର ରାଷ୍ଟ୍ରୀୟ ପ୍ରବକ୍ତା ଅପରାଜିତା ଷଡଙ୍ଗୀ । ଶ୍ରୀମତୀ ଷଡଙ୍ଗୀ ଆଜି ଏଏସଆଇର ଅଧିକାରୀ ମାନଙ୍କ ସହ ଭୁବନେଶ୍ୱରର ୧୪ଟି ମନ୍ଦିର ବୁଲିଛନ୍ତି । ସେ ଏହି ସମୟରେ ଏହି ମନ୍ଦିର ମାନଙ୍କର ପୂଜକ ଓ ସାଧାରଣ ଲୋକ ମାନଙ୍କ ସହ ଆଲୋଚନା କରିଛନ୍ତି । ଏହା ପରେ ସେ ସାମ୍ବାଦିକ ମାନଙ୍କ ସହ ଆଲୋଚନା ବେଳେ କହିଛନ୍ତି ଯେ ଲିଙ୍ଗରାଜ ମନ୍ଦିର ରୋଷ ଘର ଓ ଆଉ ୨ଟି ମନ୍ଦିରର ପୁନରୁଦ୍ଧାର ହେବ । ରୋଷ ଘର ଓ ୨ ମନ୍ଦିର ପୁନରୁଦ୍ଧାର ପାଇଁ ୧ କୋଟି ଟଙ୍କା ଖର୍ଚ୍ଚ ହେବ । ସେହିପରି ଶିଶୁପାଳଗଡ଼ ଓ ବ୍ରହ୍ମେଶ୍ୱର ମନ୍ଦିର ମରାମତି ପାଇଁ ୨୫ ଲକ୍ଷ – ଟଙ୍କା ଖର୍ଚ୍ଚ ହେବ ବୋଲି ସେ କହିଛନ୍ତି । ଭାସ୍କରେଶ୍ୱର ପାଇଁ ୩୦ ଲକ୍ଷ, ରାଜାରାଣୀ ମନ୍ଦିର ପାଇଁ ୨୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ସେ କହିଛନ୍ତି । ସେହିପରି ଖଣ୍ଡଗିରି, ଉଦୟଗିରି ଗୁମ୍ଫା ନବୀକରଣ ପାଇଁ ୨୫ ଲକ୍ଷ ଖର୍ଚ୍ଚ ହେବାକୁ ଥିବା ବେଳେ ଶୁକଶାରୀ, ସହସ୍ରଲିଙ୍ଗ, ରାମେଶ୍ୱର ମନ୍ଦିର ପାଇଁ ୨୦ ଲକ୍ଷ ଖର୍ଚ୍ଚ ହେବ । ବୈତାଳ ମନ୍ଦିର ପାଇଁ ୩୩ ଲକ୍ଷ, ପର୍ଶୁରାମ ମନ୍ଦିର ପାଇଁ ୩୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ ବୋଲି ସେ କହିଛନ୍ତି । ଏହି କାମ ଖୁବ ଶୀଘ୍ର କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।

## ବାପା କରୁଥିଲେ ଡିଲ, ପୁଅ ଆଦାୟ କରୁଥିଲେ ଲାଞ୍ଚ ଟଙ୍କା

ଭୁବନେଶ୍ୱର, ୦୩/୦୩ (ନି.ପ୍ର): ଯେତେ ଖୋଜିଲେ ସେତେ ମିଳୁଛି । ଯେତେ ଆଗକୁ ବଢୁଛି ଖୋଳତାଡ ସେତିକି ବିଡ଼ାବିଡ଼ା ନୋଟ ହାତରେ ଲାଗୁଛି । ଦେଖୁ ଦେଖୁ ଗଦା ହୋଇଗଲାଣି ନୋଟର ପାହାଡ଼ । ଏହି ଘଟଣା ହେଉଛି କର୍ଣ୍ଣାଟକ ରାଜଧାନୀ ବେଙ୍ଗାଲୁରର ଆଉ ଜବତ ହୋଇଥିବା ପୁଳାପୁଳା ନୋଟ । ଜବତ ହୋଇଥିବା ନୋଟର ମାଲିକ ହେଉଛନ୍ତି ପ୍ରଶାନ୍ତ ମଦଲ । ବେଙ୍ଗାଲୁର ୱାଟର ସପ୍ଲାଏ ବୋର୍ଡର ଆକାଉଂଟାଂଟ ମୁଖ୍ୟ ଭାବେ କାର୍ଯ୍ୟରତ । ତାଙ୍କ ଅଫିସରୁ ମିଳିଛି ଦୁଇବ୍ୟାଗ ଭର୍ତି ନୋଟ୍ । ଜବତ ନୋଟର ମୂଲ୍ୟ ଆନୁମାନିକ ମୂଲ୍ୟ ପାଖାପାଖି ୨କୋଟି ଟଙ୍କା ବୋଲି ଜଣାପଡିଛି । ଅଫିସର ବାବୁ ଲାଂଚ ନେଉଥିବା ସମୟରେ ଲୋକାୟୁକ୍ତ ଆଣ୍ଟି କରପସନ ୱିଙ୍ଗସ ହାତରେ ଧରାପଡିଛି । ସେପଟେ ପ୍ରଶାନ୍ତଙ୍କ ଘରୁ ମିଳିଛି ୬କୋଟି ଟଙ୍କା । ସବୁଠୁ ବଡ କଥା ହେଉଛି ପ୍ରଶାନ୍ତ ହେଉଛନ୍ତି ବିଜେପି ବିଧାୟକ ମଦଲ ବିରୁପାକ୍ଷଙ୍କ ପୁଅ । ପ୍ରଶାନ୍ତଙ୍କ ନାଁରେ ଅଭିଯୋଗ ଆସିବପରେ ଲୋକାୟୁକ୍ତ ଏକ ଜାଲ ବିଛାଇଥିଲେ । ପ୍ରଶାନ୍ତ ଗୋଟିଏ ଟେଣ୍ଡର ପାସ ପାଇଁ ୪୦ଲକ୍ଷ ଟଙ୍କା ▶▶ପୃଷ୍ଠା ୭

## ଗ୍ୟାସ ସିଲିଣ୍ଡର ଦାମ ବୃଦ୍ଧି ପ୍ରତିବାଦରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ପ୍ରତିବାଦ

ଭୁବନେଶ୍ୱର, ୦୩/୦୩ (ନି.ପ୍ର): ଗ୍ୟାସ ସିଲିଣ୍ଡର ଦାମ ବୃଦ୍ଧି ପ୍ରତିବାଦରେ ବିଜେଡି ମହିଳା ମୋର୍ଚ୍ଚା ପକ୍ଷରୁ ଆଜି ବିଜେଡି ପକ୍ଷରୁ ଧାରଣା ଦିଆଯାଇଛି । ବିଜୁ ମହିଳା ଜନତା ଦଳ ପକ୍ଷରୁ ରାଜଭବନ ସମ୍ମୁଖରେ ଗ୍ୟାସ ସିଲିଣ୍ଡର ରଖି, ଚୁଲି ଜାଳି ପ୍ରତିବାଦ କରିଛନ୍ତି । ରାଜଧାନୀରେ ବିଜୁ ମହିଳା ଜନତା ଦଳର କର୍ମୀମାନେ ରାଜଭବନ ଆଗରେ ଚୁଲି ଜାଳି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି । ରାଜଭବନ ଆଗରେ ବିରୋଧ ପ୍ରଦର୍ଶନ କରିବା ସହ ପ୍ରତିବାଦ ସଭା କରି ବର୍ଦ୍ଧିତ ଗ୍ୟାସ ଦର ପ୍ରତ୍ୟାହାର କରିବାକୁ ବିଜେଡି ପକ୍ଷରୁ ଦାବି କରାଯାଇଛି । ଏହି ଅବସରରେ ବିଜୁ ମହିଳା ଜନତା ଦଳର ନେତା ଓ ପଦାଧିକାରୀ ମାନେ କହିଛନ୍ତି ତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ବୃଦ୍ଧି ସହିତ ଇନ୍ଧନ ଏବଂ ମୁଦ୍ରାସ୍ଫୀତି ବୃଦ୍ଧି ଓଡିଶାର ୪.୫ କୋଟି ଲୋକଙ୍କୁ ବହୁତ ଯନ୍ତ୍ରଣା ଦେଉଥିବାବେଳେ ଏଲପିଜି ରନ୍ଧନ ଗ୍ୟାସର ମୂଲ୍ୟ ହ୍ରାସ କରିବାକୁ କେନ୍ଦ୍ର ଗୁରୁତ୍ୱ ଦେଉଥିବା ମନେ ହେଉନାହିଁ । ମାର୍ଚ୍ଚ ୨୦୧୪ ରେ ଗୋଟିଏ ଘରୋଇ ଏଲପିଜି ସିଲିଣ୍ଡରର ମୂଲ୍ୟ ୪୧୦ ଟଙ୍କା ଥିଲାବେଳେ ବର୍ତମାନ ତାହା ୨୦୨୩ ମାର୍ଚ୍ଚ ▶▶ପୃଷ୍ଠା ୭

## କ୍ଷୁଦ୍ର ଜଳସେଚନ ବିଭାଗର ଅତିରିକ୍ତ ମୁଖ୍ୟଯନ୍ତ୍ରୀଙ୍କ ସହ ଜଡିତ ୮ ଟି ସ୍ଥାନରେ ଭିଜିଲାନ୍ସର ଚଢାଉ

ଭୁବନେଶ୍ୱର, ୦୩/୦୩ (ନି.ପ୍ର): ଆୟ ବହିର୍ଭୂତ ସମ୍ପତି ଠୁଳ ଅଭିଯୋଗରେ କେବିକେ ଭବାନୀପାଟଣାର କ୍ଷୁଦ୍ର ଜଳସେଚନ ସର୍କଲର ଅତିରିକ୍ତ ମୁଖ୍ୟଯନ୍ତ୍ରୀ କନ୍ଦର୍ପ ପ୍ରଧାନଙ୍କ ସହ ଜଡିତ ବିଭିନ୍ନ ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢାଉ କରାଯାଇଛି । ଭିଜିଲାନ୍ସ ପକ୍ଷରୁ ଏହି ସୂଚନା ଦିଆଯାଇଛି । ମିଳିଥିବା ସୂଚନା ଅନୁସାରେ ଆଜି ତାଙ୍କ ଘର ସମେତ ୮ଟି ସ୍ଥାନରେ ଏକକାଳୀନ ଭିଜିଲାନ୍ସ ଚଢ଼ଉ ଜାରି ରହିଛି । ଭୁବନେଶ୍ୱରର ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତିଙ୍କ ଦ୍ୱାରା ଜାରି ଆଦେଶ ବଳରେ ୪ଜଣ ଡିଏସପି, ୧୦ ଇନ୍ସପେକ୍ଟର ଏବଂ ଅନ୍ୟ କର୍ମଚାରୀଙ୍କ ନେତୃତ୍ୱରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଏକକାଳୀନ ଚଢ଼ଉ କରାଯାଉଥିବା ନେଇ ସୂଚନା ରହିଛି ।

## ମହିଳା ସଶକ୍ତିକରଣ କେବଳ ଏକ ସ୍ଲୋଗାନ ନୁହେଁ, ଏବେ ଏହା ଏକ ବାସ୍ତବତା : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୦୩/୦୩ (ନି.ପ୍ର): ଆଜି ଲୋକସେବା ଭବନସ୍ଥିତ କନ୍‌ଭେନସନ ସେଣ୍ଟର ଠାରେ ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ରାଜ୍ୟ ମହିଳା ଓ ଶିଶୁବିକାଶ ବିଭାଗ ପକ୍ଷରୁ ଏକ ସପ୍ତାହ ବ୍ୟାପୀ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ସାଧାରଣ ଜୀବନରେ ଯେଉଁ କୋଟି କୋଟି ମା ସଂଗ୍ରାମ ଜାରି ରଖିଛନ୍ତି ଏବଂ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି, ସେମାନଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜିର ଦିନଟିକୁ ସମର୍ପିତ କରିଛନ୍ତି । କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମହିଳା ସଶକ୍ତିକରଣ ଆଜି କେବଳ ଏକ ସ୍ଲୋଗାନ ନୁହେଁ, ଏହା ଆଜି ଏକ ବାସ୍ତବତା । ଓଡିଶାର ମା ମାନେ ଆଜି ରୂପାନ୍ତରର ସାରଥୀ ହୋଇଛନ୍ତି । ୭୦ ଲକ୍ଷ ମା ମାନଙ୍କ ବିଶାଳ ସଂଗଠନ ଆଜି ଏସଏଚଜିରୁ ଏସଏମଇ ହେବାକୁ ଯାଉଛି । ମା ମାନେ ଉଦ୍ୟୋଗୀ ହେବାକୁ ଯାତ୍ରା ଆରମ୍ଭ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମା ମାନେ କାହା ଠାରୁ କମ୍ ନୁହେଁ । ମା ମାନେ ନିଜ ନିଜର ପ୍ରତିଭା ଓ ଦକ୍ଷତା ଦ୍ୱାରା ସମାଜରେ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି । ସେମାନେ ପ୍ରମାଣିତ କରିପାରିଛନ୍ତି ଝିଅ ଆଜି ପରିବାର ପାଇଁ ବୋଝ ନୁହେଁ, ବରଂ ପରିବାରର ମଣି । କନ୍ୟା ରତ୍ନ । ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ଆନ୍ତର୍ଜାତିକ ମହିଳା ଦିବସ ପାଇଁ ବିଷୟ ବସ୍ତୁ ରହିଛି 'ନବ ପରିବର୍ତ୍ତନ ଓ ପ୍ରଯୁକ୍ତି ବିଦ୍ୟା ଦ୍ୱାରା ଲିଙ୍ଗଗତ ସମାନତା ହାସଲ' ଏହା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ପ୍ରଯୁକ୍ତି ବିଦ୍ୟା ଆମକୁ ସମାଜରେ ଲିଙ୍ଗଗତ ବିଭେଦ ଦୂର କରିବା ପାଇଁ ▶▶ପୃଷ୍ଠା ୭

## ଦିଲ୍ଲୀରେ ବସିଲା ଜି-୨୦ ବୈଦେଶିକ ମନ୍ତ୍ରୀଙ୍କ ବୈଠକ



ନୂଆଦିଲ୍ଲୀ, ୦୩/୦୩ : ଦିଲ୍ଲୀରେ ଚାଲିଛି ଜି-୨୦ ବୈଦେଶିକମନ୍ତ୍ରୀଙ୍କ ସମ୍ମିଳନୀ । ଏହି ବୈଠକାର କ୍ୱାର୍ଡ ଦୋମନେ ରୁଷ-ୟୁକ୍ରେନ ଯୁଦ୍ଧ ପ୍ରସଙ୍ଗ ଉଠାଇଛନ୍ତି । ଯୁଦ୍ଧରେ ରୁଷର ଆଣବିକ ଅସ୍ତ୍ରଶସ୍ତ୍ର ବ୍ୟବହାର ଆଦୌ ଗ୍ରହଣୀୟ ନୁହେଁ ବୋଲି କ୍ୱାଡ ଦେଶ କହିଛନ୍ତି । ଏଥିସହ ଯୁଦ୍ଧରେ ହୋଇଥିବା କ୍ଷତିକୁ ନେଇ କ୍ୱାଡଦେଶ ଦୁଖ ପ୍ରକାଶ କରିଛନ୍ତି । ଭାରତୀୟ ବୈଦେଶିକମନ୍ତ୍ରୀ ଏସ ଜୟଶଙ୍କର ଆମେରିକା, ଜାପାନ, ଅଷ୍ଟ୍ରେଲିଆର ପ୍ରତିପକ୍ଷ ନେତାଙ୍କୁ ଭେଟିଛନ୍ତି ।

# ରାଜ୍ୟ ମହିଳା ଆୟୋଗର ୩୦ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୦୩/୦୩ (ନି.ପ୍ର): ରାଜ୍ୟର ମହିଳାମାନଙ୍କୁ ସଶକ୍ତ କରିବା ନିମନ୍ତେ ରାଜ୍ୟ ସରକାର ସଙ୍କଳ୍ପବଦ୍ଧ ବୋଲି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀମତୀ ଉଷା ଦେବୀ ପ୍ରକାଶ କରିଛନ୍ତି। ଗୁରୁବାର ସ୍ଥାନୀୟ ଜୟଦେବ ଭବନଠାରେ ରାଜ୍ୟ ମହିଳା ଆୟୋଗର ୩୦ତମ ପ୍ରତିଷ୍ଠା ଦିବସ ଓ 'ଆନ୍ତର୍ଜାତିକ ମହିଳା ଦିବସ' ସପ୍ତାହ ପାଳନର ଶୁଭାରମ୍ଭ କାର୍ଯ୍ୟକମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀମତୀ ଉଷା ଦେବୀ କହିଲେ ଯେ ନାରୀ ମଧ୍ୟରେ ଅସାଧାରଣ ଦକ୍ଷତା, ଶକ୍ତି ଓ ସାମର୍ଥ୍ୟ ରହିଛି।ରାଜ୍ୟ ମହିଳା ଆୟୋଗ ପ୍ରତିଷ୍ଠା ହେବାର ୩୦ ବର୍ଷ ମଧ୍ୟରେ ମହିଳାମାନଙ୍କ ସମ୍ମାନ ଓ ସ୍ୱାଭିମାନକୁ ବଢ଼ାଇବା ଦିଗରେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି ମନ୍ତ୍ରୀ ଶ୍ରୀମୀ ଉଷା ଦେବୀ ମତବ୍ୟକ୍ତ କରିଛନ୍ତି।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀମତୀ ପ୍ରମିଳା ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ ଯେ ଅଧିକରୁ ଅଧିକ ମହିଳା ନିର୍ଯାତନା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ଆରମ୍ଭ କଲେଣି। ରାଜ୍ୟ ମହିଳା ଆୟୋଗର କାର୍ଯ୍ୟ ପରିସର ଆଜି ବୃଦ୍ଧି ପାଇଛି। ଏହି ୩୦ ବର୍ଷ ମଧ୍ୟରେ ରାଜ୍ୟ ମହିଳା ଆୟୋଗ ବହୁ ପରିବାରକୁ ଯୋଡ଼ି ରଖିବାରେ ସଫଳ ହୋଇଛି ବୋଲି ମନ୍ତ୍ରୀ ଶ୍ରୀମତୀ ମଲ୍ଲିକ ମତ ପ୍ରକାଶ କରିଥିଲେ।

ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ମନ୍ତ୍ରୀ ଶ୍ରୀମତୀ ବାସନ୍ତୀ ହେମ୍ବ୍ରମ୍ ସମ୍ମାନିତ ଅତିଥି ଭାବେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କହିଲେ ଯେ, ମହିଳାମାନେ ଆଜି ସମାଜର ପ୍ରତ୍ୟେକ କ୍ଷେତ୍ରରେ ସୁନାମ ଅର୍ଜନ କରିବା ସହ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଦିନ ଥିଲା, ପରିବାରର ପ୍ରତ୍ୟେକ ସଦସ୍ୟଙ୍କ ପାଇଁ ଅବିରତ କାର୍ଯ୍ୟ କରୁଥିଲେ ମଧ୍ୟ ନିଜର ଦୁଃଖକୁ ସେ କାହା ଆଗରେ ପ୍ରକାଶ କରୁ ନଥିଲେ। ନାରୀ ଆଜି ଉଦ୍ୟୋଗୀ ଭାବେ ଅର୍ଥ ଉପାର୍ଜନ ପାଇଁ ଅଣ୍ଟା ଭିଡ଼ିଲାଣି ।

ଭୁବନେଶ୍ୱର ମହାନଗର ନିଗମର ମେୟର ଶ୍ରୀମତୀ ସୁଲୋଚନା ଦାସ କହିଲେ ଯେ, ମହିଳାମାନଙ୍କୁ ସମ୍ମାନ ଦେବା ଆମ ସଂସ୍କୃତିର ଅଭିନ୍ନ ଅଙ୍ଗ। ଆଜି ମହିଳାମାନେ ନିଜର କର୍ମ ଓ ଦାୟିତ୍ୱ ଯୋଗୁଁ ସମାଜରେ ସମ୍ମାନର ଅଧିକାରିଣୀ ହୋଇପାରିଛନ୍ତି। ମହିଳାମାନଙ୍କ ମଧ୍ୟରେ ଆତ୍ମପ୍ରତ୍ୟୟ ବଢ଼ାଇବା ପାଇଁ ସମସ୍ତେ ଉଦ୍ୟମ କରିବାକୁ ଶ୍ରୀମତୀ ଦାସ ଆହ୍ୱାନ ଦେଇଥିଲେ । ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା କହିଲେ ଯେ, ରାଜ୍ୟ ମହିଳା ଆୟୋଗ କ୍ରମବର୍ଦ୍ଧିଷ୍ଣୁ ଭାବେ ସଶକ୍ତ ଓ ପ୍ରଭାବୀ ହୋଇ ରାଜ୍ୟକୁ ଗୌରବାନ୍ୱିତ କରିଛି। ମହିଳାମାନଙ୍କ ମଧ୍ୟରେ ଜାଗରୁକତା ଆସିବା ଜରୁରୀ। ମା'ମାନେ ଛୋଟବେଳୁ ଝିଅମାନଙ୍କୁ କେବଳ ଆକଟ ନକରି ସେମାନେ ଯେପରି ବିଭିନ୍ନ କ୍ଷେତ୍ରରେ ଯଶ ଓ ଗୌରବ ଆଣିପାରିବେ ସେଦିଗରେ ଯତ୍ନବାନ ହେବା ଆବଶ୍ୟକ ବୋଲି ଶ୍ରୀମତୀ ଶର୍ମା ମତବ୍ୟକ୍ତ କରିଥିଲେ। ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଶାସନ ସଚିବ ଶ୍ରୀମତୀ ରୂପାରୋଶନ ସାହୁ କହିଲେ ଯେ, ମହିଳାମାନେ ଐକ୍ୟବଦ୍ଧ ହେଲେ ଓ ନିଜ ସ୍ୱାର୍ଥରୁ ଉର୍ଦ୍ଧ୍ୱକୁ ଉଠି ସମାଜର ହିତସାଧନ କରିବା ପାଇଁ ପ୍ରୟାସରତ ହେଲେ ଅନ୍ୟମାନଙ୍କ ପାଇଁ ଆଦର୍ଶ ହୋଇପାରିବେ ।

ରାଜ୍ୟ ମହିଳା ଆୟୋଗର ଅଧ୍ୟକ୍ଷା ଡ. ମିନତୀ ବେହେରା ସ୍ୱାଗତ ଭାଷଣ ଦେଇ କହିଲେ ଯେ, ୧୯୯୩ ମସିହାରେ ପ୍ରତିଷ୍ଠାଲାଭ କରିଥିବା ରାଜ୍ୟ ମହିଳା ଆୟୋଗ ଆଜି ୯୨ ପ୍ରତିଶତ କେଶ୍ ର ଆପୋଷ ସମାଧାନ କରି ଜାତୀୟ ମହିଳା କମିଶନ ଦ୍ୱାରା ପ୍ରଶଂସିତ ହୋଇଛି । ଓଡ଼ିଶାର ହାଇକୋର୍ଟ ରାଜ୍ୟ ମହିଳା ଆୟୋଗକୁ ପ୍ରଦାନ କରିଥିବା କିଛି କେଶ୍ କୁ ଆମେ ସଫଳତାର ସହ ସମାଧାନ କରି ହାଇକୋର୍ଟରେ ବିହିତ ରାୟ ନିମନ୍ତେ ପଠାଇ ପାରିଛୁ ବୋଲି ଡ. ବେହେରା ପ୍ରକାଶ କରିଥିଲେ । ଶେଷରେ ଆୟୋଗର ସଫଳତାର କାହାଣୀକୁ ନେଇ ଏକ ପୁସ୍ତିକା 'ହସ ଫୁଟିଲା, ପରିବାର ତିଷ୍ଠିଲା' ଉନ୍ମୋଚିତ ହୋଇଥିଲା । ଅତିଥି ରୂପେ ଯୋଗଦେଇଥିବା ସମସ୍ତ ମନ୍ତ୍ରୀ, ପ୍ରଶାସିକା ଓ ମେୟରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲ୍ଲା ପରିଷଦଗୁଡ଼ିକର ଅଧ୍ୟକ୍ଷା ଓ ଉପାଧ୍ୟକ୍ଷାମାନଙ୍କୁ ତୃଣମୂଳସ୍ତରର ରାଜନୀତିରେ ଦକ୍ଷତା ପାଇଁ ସମ୍ମାନିତ କରାଯାଇଥିଲା ।

## ବିପଦଜନକ ସ୍ଥିତିରେ କାମ କରୁଛନ୍ତି ମହିଳା ବିଡ଼ି ଶ୍ରମିକ

ମାଲକାନଗିରି, ୦୩/୦୩ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ପେଟ ପାଇଁ ମହିଳା ମାନେ ବାନ୍ଧୁଛନ୍ତି ବିଡି। ହାତରେ କୁଲା, କେନ୍ଦୁପତ୍ର, ତମ୍ୱାଖୁ ଓ ସୁତା ଧରି ବିଡି ତିଆରି କରିବାରେ ବ୍ୟସ୍ତ ମହିଳା । କିନ୍ତୁ, ଏଭଳି ମାରାତ୍ମକ ନିଶାଦ୍ରବ୍ୟ ତିଆରି ବେଳେ ନା ମୁହଁରେ ଅଛି ମାସ୍କ ନା ହାତରେ ଗ୍ଲୋବ୍ସ । ତଥାପି ପେଟପାଟଣା ପାଇଁ ନିଜ ଜୀବନକୁ ବାଜି ଲଗାଇଛନ୍ତି ମାଲକାନଗିରି ଜିଲ୍ଲାର ହଜାର ହଜାର ମହିଳା । ପ୍ରତିଦିନ ଜଙ୍ଗଲରୁ କେନ୍ଦୁପତ୍ର ସଂଗ୍ରହ କରିବାଠୁ ଆରମ୍ଭ କରି ଏହାକୁ ଶୁଖେଇବା ଓ କାଟିବା ପରେ ବାନ୍ଧୁଛନ୍ତି ବିଡି । ପ୍ରତି ବଦଳରେ ହଜାରେ ବିଡି ପାଇଁ କମ୍ପାନୀ ଏମାନଙ୍କୁ ଦେଉଛି ମାତ୍ର ୧୨୦ଟି ଟଙ୍କା ।
ଜିଲ୍ଲାର ଅପହଂଚ ଇଲାକାର ଲୋକଙ୍କୁ କୁଲି ମଜୁରି କରିବା ଲାଗି କାମ ନାହିଁ। ଯେଉଁ ପରିବାରରେ ଭେଣ୍ଡିଆ ପିଲା ଅଛନ୍ତି ସେମାନେ ଦାଦନ ଖଟିବା ଲାଗି ଆନ୍ଧ୍ର ପ୍ରଦେଶକୁ ଯାଉଛନ୍ତି । ଏମିତିରେ ଜିଲ୍ଲାର ଗରିବ ଲୋକଙ୍କ ଲାଗି ଅର୍ଥ ରୋଜଗାର କରିବାର ଅନ୍ୟ ବିକଳ୍ପ ନଥିବାରୁ ଏହାର ଫାଇଦା ଉଠାଛନ୍ତି ବିଡି କମ୍ପାନୀର ମାଲିକମାନେ । ଦିନକୁ ମାତ୍ର ୧୨୦ ଟଙ୍କା ମଜୁରୀ ଦେଇ ଶ୍ରମିକ ମାନଙ୍କ ଠାରୁ ଆଦାୟ କରୁଛନ୍ତି ଏକ ହଜାର ବିଡି । ବିଡି କମ୍ପାନୀର ମାଲିକମାନେ ଶ୍ରମିକ ମାନଙ୍କୁ କେବଳ ତମ୍ୱାଖୁ ଏବଂ ସୂତା ଯୋଗାଇ ଥାଆନ୍ତି । ବିଡି ତିଆରି କରିବା ପରେ ଏହାକୁ ନିଆଁରେ ସେକି ଦେବା ପରେ ଶ୍ରମିକ ମାନଙ୍କୁ ମିଳେ ସେମାନଙ୍କ ପାରିଶ୍ରମିକ। କାମ କଲେ ଶ୍ରମିକ ମାନଙ୍କୁ ମିଳେ ମଜୁରୀ, ନକଲେ ହାତ ଶୂନ୍ୟ । ହେଲେ ଏଇଠି ବିଡମ୍ବନାର କଥା ଏହା ଯେ, ଦିନକୁ ମାତ୍ର ୧୨୦ ଟଙ୍କା ରୋଜଗାର କରିବା ଲାଗି ଘରର ମହିଳା ମାନେ ତମ୍ୱାଖୁ ପରି ଏକ ନିଶା ଦ୍ରବ୍ୟ ଉପରେ ଦିନ ସାରା ସମୟ ଦିଅନ୍ତି । ସେପଟେ ତମ୍ୱାଖୁରେ ମହିଳା ମାନେ ବିଡି ତିଆରି କରିବା ସମୟରେ ସେମାନଙ୍କର ଛୋଟ ଛୋଟ ପିଲାମାନେ ମଧ୍ୟ ପାଖରେ ରହୁଥିବା ଦେଖିବାକୁ ମିଳିଛି । ହେଲେ ସେମାନଙ୍କ ପ୍ରତି କାହାରି ଦରଦ ନାହିଁ । ଏସବୁ ଭିତରୁ କୌଣସିଟି କାର୍ଯ୍ୟକାରି ହେଉନଥିବା ବେଳେ ବିଡି ଶ୍ରମିକ ମାନେ ଟିଭି ଓ କ୍ୟାନସର ପରି ମାରାତ୍ମକ ରୋଗର ଶିକାର ହେଉଛନ୍ତି । ଦାରିଦ୍ରତା ଆଗରେ ଯେତେବେଳେ ସବୁକିଛି ହାର ମାନିଥାଏ ସେତେବେଳେ ଏମାନଙ୍କ ପରି ଅଭାବୀ ମଣିଷ ଟଙ୍କା ରୋଜଗାର କରିବା ଲାଗି ବିଡି ତମ୍ୱାଖୁ ଭଳି ଏକ ମାରାତ୍ମକ ନିଶା ଦ୍ରବ୍ୟ ତିଆରି କରିବାକୁ ମଧ୍ୟ ପଛେଇ ନଥାଆନ୍ତି । ପ୍ରତିଦିନ ମରଣ ଅଭିମୁଖେ ପାଦ ବଢାଉଛନ୍ତି ମାଲକାନଗିରିର ମହିଳା ମାନେ । ସରକାର ଏନେଇ ପଦକ୍ଷେପ ନେଲେ ଅନେକ ଜୀବନ ବଂଚିବା ସହ ସେମାନଙ୍କୁ ମିଳିପାରିବ ପ୍ରକୃତ ପାଉଣା।

## ଦରଦାମ ବୃଦ୍ଧି ପ୍ରସଙ୍ଗରେ ବିଜେଡି ସରକାରଙ୍କ କୁମ୍ଭୀର କାନ୍ଦଣା ଅତ୍ୟନ୍ତ ହାସ୍ୟାସ୍ପଦ : ମୋହନ ମାଝୀ

ଭୁବନେଶ୍ୱର, ୦୩/୦୩ (ନି.ପ୍ର): ଦେଶରେ ରୋଷେଇ ଗ୍ୟାସର ଚାହିଦାକୁ ପୁରଣ କରିବା ପାଇଁ ଅନ୍ୟ ଦେଶ ଉପରେ ନିର୍ଭରଶୀଳ ଭାରତବର୍ଷ । ଆନ୍ତର୍ଜାତୀୟ ସ୍ତରରେ ନିର୍ଦ୍ଧାରିତ ହେଉଥିବା ଦରକୁ ନେଇ ରୋଷେଇ ଗ୍ୟାସର ମୁଲ୍ୟ ନିର୍ଦ୍ଧାରଣ କରାଯାଏ । ଏହି କାରଣରୁ ଗ୍ୟାସ ଦର ତଳ ଉପର ହୋଇଥାଏ । ଗ୍ୟାସ ଭଳି ପଦାର୍ଥର ଦରଦାମ ଉପରେ ସରକାରଙ୍କ କୌଣସି ନିୟନ୍ତ୍ରଣ ନଥାଏ । ଏହି କ୍ରମରେ ବର୍ତମାନ ଗ୍ୟାସ ମୂଲ୍ୟରେ ବୃଦ୍ଧି ପାଇଛି ଏବଂ ଆଗାମୀ ଦିନରେ ହ୍ରାସ ମଧ୍ୟ ପାଇବ । ଏହା ଏକ ନିରନ୍ତର ପ୍ରକ୍ରିୟା । ଦରଦାମ ବୃଦ୍ଧି ନେଇ ବିଜେଡିର ଅଭିଯୋଗର କୌଣସି ଭିତିଭୁମି ନାହିଁ ବୋଲି ବିରୋଧୀ ଦଳ ମୁଖ୍ୟ ସଚେତକ ଶ୍ରୀ ମୋହନ ମାଝୀ କହିଛନ୍ତି । କ୍ରମାଗତ ୧୮ ବର୍ଷ ଧରି ବିତୀୟ ବଳକା ରାଜ୍ୟ ଭାବେ ଓଡିଶା ଥିବାର ରାଜ୍ୟ ସରକାର ଡିଣ୍ଡିମ ପିଟୁଛନ୍ତି । ସେହିଭଳି ଗ୍ୟାସ ଉପରେ ଲାଗୁ ହେଉଥିବା ଟ୍ୟାକ୍ସରେ ରାଜ୍ୟ ସରକାରଙ୍କ ମଧ୍ୟ ବଡ ଅଂଶ ରହିଛି । ଗ୍ୟାସ ଦରବୃଦ୍ଧିକୁ ନେଇ ଶାସକ ବିଜେଡି ରାଜନୀତି କରିବା ଅତ୍ୟନ୍ତ ହାସ୍ୟାସ୍ପଦ । ବରଂ ଏଭଳି ପରିସ୍ଥିତିରେ ରାଜ୍ୟବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟ ସରକାରଙ୍କୁ ମିଳୁଥିବା ତାଙ୍କ ଅଂଶରୁ ସିଂହଭାଗ ଟଙ୍କାକୁ ଛାଡ କରନ୍ତୁ ବୋଲି ଶ୍ରୀ ମାଝୀ ଦାବୀ କରିଛନ୍ତି ।
ବୈଶ୍ୱିକ ମହାମାରୀ କରୋନା ସଂକଟ ସମୟରେ ମୋଦି ସରକାର ୮୦ କୋଟି ଦେଶବାସୀଙ୍କୁ ମାଗଣାରେ ଚାଉଳ ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ଦେଇଥିଲେ । କରୋନା ସଂକଟ ଶେଷ ହେବା ପର୍ଯ୍ୟନ୍ତ ଏହି ମାଗଣା ଚାଉଳ ଦିଆଯାଇଥିଲା । ବର୍ତମାନ ସଂପୂର୍ଣ୍ଣ ମାଗଣାରେ ଚାଉଳ ଦେଉଛନ୍ତି ମୋଦି ସରକାର । ଚାଉଳ ଦେବାରେ କେବେହେଲେ କଂଜୁସି କରିନାହାନ୍ତି ବରଂ ଚାଉଳ ଦେବାରେ ମୋଦି ସରକାର ରେକର୍ଡ କରିଛନ୍ତି ବୋଲି ଶ୍ରୀ ମାଝୀ କହିଛନ୍ତି । ଦୀର୍ଘ ୨୩ ବର୍ଷ ଧରି ନିରୁଙ୍କଶ ଶାସନ କ୍ଷମତାରେ ରହି ସୁଦ୍ଧା ଆଳୁ, ପିଆଜ ଭଳି ନିତିଦିନିଆ ଅତ୍ୟାବଶ୍ୟକୀୟ ଘରୋଇ ଜିନିଷର ଦରଦାମ ନିୟନ୍ତ୍ରଣ କରିବାରେ ବିଫଳ ହୋଇଥିବା ବିଜେଡି ସରକାରଙ୍କ ଦରଦାମ ବୃଦ୍ଧି ପ୍ରସଙ୍ଗରେ କୁମ୍ଭୀର କାନ୍ଦଣା ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି ଶ୍ରୀ ମାଝୀ କହିଛନ୍ତି।

## ମାର୍ଚ୍ଚ ୨୨ରେ ନବବର୍ଷ ପାଳନ ପାଇଁ ପ୍ରସ୍ତୁତି

ପୁରୀ, ୦୩/୦୩ (ନି.ପ୍ର): ଚଳିତମାସ ୨୨ ତାରିଖରେ ରାଷ୍ଟ୍ରୀୟ ନବବର୍ଷ ପାଳନ କରାଯିବ । ଏଥିପାଇଁ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସମିତି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଅନୁଷ୍ଠାନର ପୂର୍ବତନ ସଭାପତି ରାଜକିଶୋର ସାହୁ ଅଧ୍ୟକ୍ଷତା କରିଥିଲେ। ମାର୍ଚ୍ଚ ୨୨ ଚୈତ୍ର ଶୁକ୍ଳ ପ୍ରତିପଦାରେ ରାଷ୍ଟ୍ରୀୟ ନବବର୍ଷ ପାଳନ କରାଯିବ ।
କିମ୍ବଦନ୍ତୀ ଅନୁଯାୟୀ, ଏହି ଦିନ ବ୍ରହ୍ମାଙ୍କ କାଳ ଗଣନା, କଳିଯୁଗ ଆରମ୍ଭ, ଯୁଧିଷ୍ଠିରଙ୍କ ରାଜ୍ୟ ଅଭିଷେକ, ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱାରା ଆର୍ଯ୍ୟ ସମାଜ ପ୍ରତିଷ୍ଠା, ତେଲୁଗୁ ନବବର୍ଷ, ଶତାବ୍ଦ ଆରମ୍ଭ ହୋଇଥାଏ । ଅନୁଷ୍ଠାନ ପକ୍ଷରୁ ୨୨ ତାରିଖ ସକାଳ ୫ଟା ୫୩ ମିନିଟ ସୂର୍ଯ୍ୟୋଦୟ ସମୟରେ ଘଂଟ, ଘଂଟା, ଶଙ୍ଖ, ସଂକୀର୍ତନ, ହରିବୋଲ ଓ ହୁଳହୁଳି ଦିଆଯାଇ ନବବର୍ଷକୁ ସ୍ୱାଗତ କରାଯିବ । ପ୍ରତ୍ୟେକ ପରିବାର ଘର ସମ୍ମୁଖରେ ପୂର୍ଣ୍ଣକୁମ୍ଭ ବସିବ । ଗୈରୀକ ପତକା ଉଡ଼ିବ। ପ୍ରଦୀପ ପ୍ରଜ୍ୱଳନ କରାଯିବ। ସେହିଦନି ଅପରାହ୍ନ ୪ଟା ୩୦ରେ ଶ୍ରୀମନ୍ଦିର ସମ୍ମୁଖରେ ଅନୁଷ୍ଠାନ ପକ୍ଷରୁ ଦୀପଦାନ କରାଯିବ । ବଡ଼ଦାଣ୍ଡରେ ଶୋଭାଯାତ୍ରା କରାଯାଇ ମୁକ୍ତାକାଶ ରଙ୍ଗମଂଚ ଠାରେ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସମିତିର ସହ ସମ୍ପାଦକ ରଞ୍ଜନ କୁମାର ମହାରଣା ସୂଚନା ଦେଇଛନ୍ତି।

## ମୋବାଇଲ୍ ନେଇ ସୀମା ପାର: ୨ ବର୍ଷରେ ୪ ହଜାର ଚୋରି: ଅଡୁଆ କରୁଛି ଟ୍ରାଇ କଟକଣା

କଟକ, ୦୩/୦୩ (ନି.ପ୍ର): ମୋବାଇଲ ଫୋନ୍ ଲୁଟେରାଙ୍କ ନୂଆ ଢଙ୍ଗରେ କାରବାର ଏବେ ସେମାନଙ୍କୁ ଧରିବାର ବଡ଼ ପ୍ରତିବନ୍ଧକ ସାଜିଛି। ଓଡ଼ିଶା ସୀମା ପାର୍ କରି ପଶ୍ଚିମବଙ୍ଗ ଏବଂ ସେଠାରୁ ନେପାଳ, ବଙ୍ଗଳାଦେଶ ଚାଲାଣ କରି ଦିଆଯାଉଥିବା ଚୋରା ମୋବାଇଲ୍ ଫୋନ୍‌କୁ ଟ୍ରାକ୍ କରିବା ପୁଲିସ ପାଇଁ ସହଜ ହେଉନାହିଁ। ମୋବାଇଲ୍‌ର ଆଇଏମ୍ଇଆଇ ନମ୍ବର ଟ୍ରାକ୍ କରିବା କିମ୍ବା ସିଡିଆର୍ ଯାଞ୍ଚ କରିବାକୁ ହେଲେ କେନ୍ଦ୍ର ଗୃହ ମନ୍ତ୍ରାଳୟ ମାଧ୍ୟମରେ ପଶ୍ଚିମବଙ୍ଗର କ୍ରାଇମବ୍ରାଞ୍ଚ ଏଡିଜିଙ୍କୁ ଚିଠି ଲେଖିବାକୁ ପଡୁଛି। ତା'ପରେ ଏହି ମୋବାଇଲ୍ ଫୋନ୍ ସମ୍ପର୍କିତ ତଥ୍ୟ ଓଡ଼ିଶା ପୁଲିସ ହସ୍ତଗତ କରୁଛି। ପୁଲିସ୍ ଏଭଳି କୌଶଳରେ ମୋବାଇଲ୍‌ର ଟ୍ରାକ୍ କରିବାକୁ କସରତ କଲେ ବି ଠାବ କରିବା ଆଶା ଖୁବ୍ କମ୍। ପୁଣି ହ୍ୱାଡ଼ାରେ ଚୋରା ମୋବାଇଲର ଆଇଏମ୍ଇଆଇ ନମ୍ବର ଓ ସିମ୍‌କୁ ବଙ୍ଗ ଭେଣ୍ଡରଙ୍କ ଦ୍ୱାରା ବଦଳାଇ ଦିଆଯାଉଛି। ଏଭଳି ପରିସ୍ଥିତିରେ ଏବେ ଚୋରା ମୋବାଇଲ୍ ଠାବ କରିବା କମିସନରେଟ୍ ପୁଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କଲାଣି।
କେବଳ ଓଡ଼ିଶା ନୁହେଁ, ସମସ୍ତ ରାଜ୍ୟରେ ଚୋରି ବା ନିଖୋଜ ହେଉଥିବା ମୋବାଇଲ୍ ରାଜ୍ୟ ଭିତରେ ଥିଲେ ଏହାକୁ ମୋବାଇଲ୍ ସର୍ଭିସ ପ୍ରୋଭାଇଡରଙ୍କ ମାଧ୍ୟମରେ ପୁଲିସ ଠାବ କରିପାରିବ। କିନ୍ତୁ, ରାଜ୍ୟ ବାହାରକୁ ମୋବାଇଲ୍ ଫୋନ ଚାଲିଗଲେ ଏହାକୁ ସିଧାସଳଖ ମୋବାଇଲ୍ ସର୍ଭିସ୍ ପ୍ରୋଭାଇଡରଙ୍କ




ମାଧ୍ୟମରେ ଠାବ କରିବା ସମ୍ଭବପର ନୁହେଁ। ଟ୍ରାଇ ଏହା ଉପରେ କଟକଣା ଲଗାଇଛି। ଯାହା ଫାଇଦା ନେଉଛନ୍ତି କଟକ ଓ ଭୁବନେଶ୍ୱରରେ ପରିବା ମାର୍କେଟ, ଆମିଷ ମାର୍କେଟ ଓ ବିଭିନ୍ନ ମହୋତ୍ସବରୁ ମୋବାଇଲ୍ ଫୋନ୍ ଚୋରି କରୁଥିବା ଅନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗ। ସେହିପରି ଜଳେଶ୍ୱର, ଭଦ୍ରକ, ଯାଜପୁର ରୋଡ, କଟକ, ଭୁବନେଶ୍ୱର, ପୁରୀ ରେଳଷ୍ଟେସନରୁ ବି ଏହି ଗ୍ୟାଙ୍ଗ୍ ମୋବାଇଲ୍ ଫୋନ ଲୁଟୁଛନ୍ତି।
ଜଣେ ବରିଷ୍ଠ ପୁଲିସ ଅଧିକାରୀଙ୍କ କହିବା ଅନୁଯାୟୀ, ବଙ୍ଗ ଭେଣ୍ଡର ମାଧ୍ୟମରେ ଚୋରା ମୋବାଇଲ୍ ଟ୍ରେନ୍ ଯୋଗେ ହ୍ୱାଡା ଷ୍ଟେସନରେ ପହଞ୍ଚାଯାଉଛି। ସେଠି ଦାମୀ ଓ କମ୍ ଦାମୀ ମୋବାଇଲ୍ ଫୋନ୍‌କୁ ଅଲଗା କରାଯିବା ପରେ ଏହାର ଆଇଏମଇଆଇ ନମ୍ବରକୁ ବଦଳାଯାଉଛି। ମୋବାଇଲର ଫଟୋ ବାଙ୍ଗଲାଦେଶ ଓ ନେପାଳର ଭେଣ୍ଡରଙ୍କୁ ପ୍ରାୟ ୫୦ଟି ହ୍ୱାଟସଆପ୍ ଗ୍ରୁପରେ ଅପଲୋଡ କରାଯାଉଛି। ଏହି ହ୍ୱାଟ୍ସଆପ୍ ଗ୍ରୁପରେ ହିଁ ଚୋରା ମୋବାଇଲର ନିଲାମ ଡକାଯାଉଛି। ବିଦେଶୀ ଭେଣ୍ଡର ପସନ୍ଦ କରିବା ପରେ ସେଠାରୁ ପଶ୍ଚିମବଙ୍ଗର ମାଲଦା ଓ ପୁରୁଲିଆକୁ ଯାଉଛି। ମାଲଦାରୁ ୧୬୦ କିମି ଏବଂ ପୁରୁଲିଆରୁ ୨୯୦ କିମି ଦୂରରେ ଥିବା ବାଂଲାଦେଶ ସୀମା ଦେଇ ମୋବାଇଲ୍ ଚାଲାଣ ହେଉଛି। ବିହାରର କିସନଗଞ୍ଜ ଜିଲ୍ଲା ନେପାଳ ସୀମାକୁ ଲାଗିଛି। ଏହି ଜିଲ୍ଲା ମାଧ୍ୟମରେ ମଧ୍ୟ ମୋବାଇଲ୍ ଫୋନ ନେପାଳ ପାର୍ ହେଉଛି। ପଶ୍ଚିମବଙ୍ଗର ଦାର୍ଜିଲିଂ ଜିଲ୍ଲା ମାଧ୍ୟମରେ ବି ଫୋନ୍ ନେପାଳ ଯାଉଛି।
କଟକ କମିସନରେଟର କ୍ୟାଣ୍ଟନମେଣ୍ଟ ଥାନା ପୁଲିସ ଗଲା ୧ ତାରିଖରେ ଝାଡ଼ଖଣ୍ଡ ସାହେବଗଞ୍ଜ ଜିଲ୍ଲା ରାଜମହଲର ଶିବ ମହନ୍ତ ଓ ଅନିଲ ଚୌହ୍ୱାନଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ୪୦ ଲକ୍ଷ ଟଙ୍କାର ଚୋରା ମୋବାଇଲ୍ ଧରିବା ପରେ ଏଭଳି ଅନ୍ତଃର୍ଜାତୀୟ ମୋବାଇଲ୍ କାରବାର ସମ୍ପର୍କିତ ତଥ୍ୟ ପୁଲିସ ହାତରେ ଲାଗିଛି। କମିସନରେଟ୍ ପୁଲିସରେ ଗଲା ଦୁଇବର୍ଷରେ ପ୍ରାୟ ୪ ହଜାର ଚୋରା ମୋବାଇଲ୍ ପୁଲିସ ଠାବ କଲାଣି। ଏଥିରେ ଚୋରି ମୋବାଇଲ୍ ୨୫ଶହ ହେବ ବୋଲି ଆକଳନ କରାଯାଉଛି। ରୁଜୁ ମାମଲା ସଂଖ୍ୟା ୪ ହଜାରରୁ ଅଧିକ ବୋଲି କୁହାଯାଉଛି।

## ସାଇକେଲ ବିତରଣର ଶୁଭାରମ୍ଭ

ପୁରୀ, ୦୩/୦୩ (ନି.ପ୍ର): ପୁରୀ ପୌରପାଳିକାର ୨୧୮ ଜଣ ସ୍ୱଚ୍ଛ ସାଥୀ, ଜଳ ସାଥୀ, ଆହାର କର୍ମୀ ଇତ୍ୟାଦିଙ୍କୁ ଆଜି ସାଇକେଲ ବଂଟନ କରାଯାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଗୋଷ୍ଠୀ ସହଭାଗିତାର ଉତ୍ସବ ପାଳନ ଅବସରରେ ଏହି ସାଇକେଲ ବିତରଣ କରାଯାଇଛି। ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହେବା ପରେ ପୁରୀ ପୌରପାଳିକା ପକ୍ଷରୁ ଟାଉନ ହଲ ଠାରେ ଏହି ସାଇକେଲ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ କହିଲେ, ଏହି ସାଇକେଲ ପାଇବା ଦ୍ୱାରା କର୍ମଚାରୀ ମାନଙ୍କର କର୍ମ ତତ୍ପରତା ବୃଦ୍ଧି ପାଇବା ସହ କର୍ମ କ୍ଷେତ୍ରକୁ ଯିବା ଆସିବାରେ ବେଶ ସହାୟକ ହୋଇ ପାରିବ। ପୁରୀ ଏକ ଧାର୍ମିକ ସହର ସହ ପର୍ଯ୍ୟଟନ କ୍ଷେତ୍ର ହୋଇଥିବାରୁ ହଜାର ହଜାର ପର୍ଯ୍ୟଟକ ଦୈନିକ ଆସିଥାନ୍ତି। ତେଣୁ ସହରକୁ ସ୍ୱଚ୍ଛ ରଖିବା ଦାୟିତ୍ୱ ଆମ ସମସ୍ତଙ୍କର ହେବା ଉଚିତ। ଆମ ସମସ୍ତଙ୍କ ଉଦ୍ୟମରେ ପୁରୀର ଅନେକ ବିକାଶ ହେଉଛି। ତେଣୁ ସମସ୍ତଙ୍କ ସହଯୋଗରେ ପୁରୀକୁ ଏକ ନମ୍ବର ମୁନିସିପାଲଟି କରିବାକୁ ସେ ଆହ୍ୱାନ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ସାଇକେଲ ବିତରଣ କାର୍ଯ୍ୟକ୍ରମ ରାଜ୍ୟ ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିବା ସହ ଏହାଦ୍ୱାରା କର୍ମଚାରୀ ମାନେ ସମୟ ବଂଚାଇବା ସହ ଯାତାୟାତ ଖର୍ଚ୍ଚକୁ ସଂଚୟ କରି ଉପକୃତ ହୋଇପାରିବେ ବୋଲି କହିଥିଲେ। ମହିଳା ସଶକ୍ତିକରଣ କ୍ଷେତ୍ରରେ ଏହା ଆଉ ଏକ ପାଦ ଆଗକୁ ନେବ ବୋଲି ସେ କହିଥିଲେ।
ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରିବା ସହ ଯେଉଁ ମାନେ ସାଇକେଲ ପାଉଛନ୍ତି ସେମାନେ ତାହାର ସଠିକ ଉପଯୋଗ କରିବା ସମୟାନୁବର୍ତି ହେବା ଓ ନିଷ୍ଠାପର ଭାବେ ସେବା ପ୍ରଦାନ ପାଇଁ ଅନୁରୋଧ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।ଅତିରିକ୍ତ ପୌର ନିର୍ବାହୀ ଅଧିକାରୀ ମନୋଜ କୁମାର ବେହେରା ସମସ୍ତଙ୍କୁ ସ୍ୱାଗତ କରିବା ସହ ସଭା ପରିଚାଳନା ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ହିତାଧିକାରୀଙ୍କୁ ଅତିଥି ମାନେ ସାଇକେଲ ବିତରଣ କରିଥିଲେ।

## ମିଶନ ଶକ୍ତି କମ୍ୟୁନିଟି ପାର୍ଟନରଙ୍କୁ ସାଇକେଲ ବଂଟନ

ଭୁବନ, ୦୩/୦୩ (ନି.ପ୍ର): ଭୁବନ ବିଜ୍ଞାପିତ ଅଂଚଳ ପରିଷଦ ତରଫରୁ ମିଶନ ଶକ୍ତି କମ୍ୟୁନିଟି ପାର୍ଟନର(ସହଭାଗୀ)ଙ୍କୁ ସାଇକେଲ ବଂଟନ କରାଯାଇଛି। ନଗରପାଳ ଶୁଭେନ୍ଦୁ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଆପଣମାନଙ୍କ ଭାଗିଦାରୀ , ଆପଣମାନଙ୍କର ଆତ୍ମବିଶ୍ୱାସ , ଆପଣମାନଙ୍କର ଉତ୍ସାହ ଓ କର୍ତବ୍ୟ ନିଷ୍ଠା ମିଶନ ଶକ୍ତିକୁ ସଫଳ କରିଛି। ଆପଣମାନେ ଅନେକ ଦାୟିତ୍ୱ ହାତକୁ ନେଇଛନ୍ତି । ଆହାର କେନ୍ଦ୍ର ପରିଚାଳନା, ପରିମଳ, ଜଳସାଥୀ, ସ୍ୱଚ୍ଛସାଥୀ ଆଦି ଅନେକ କାର୍ଯ୍ୟ କରୁଛନ୍ତି । ଆପଣମାନେ ସୁବିଧାରେ ଯେପରି ନିଜ କାର୍ଯ୍ୟ କରିପାରିବେ ସେଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆପଣମାନଙ୍କୁ ସାଇକେଲ ପ୍ରଦାନ କରିଛନ୍ତି । ଏହି ଅବସରରେ କେତେକ ମିଶନ ଶକ୍ତି ମା' ମାନେ ସେମାନଙ୍କ ଅଭିଜ୍ଞତା ବର୍ଣ୍ଣନା କରିଥିଲେ।

## ରାଜ୍ୟ ପୁରସ୍କାର ଆଦିବାସୀ ପ୍ରତିଭା ସମ୍ମାନ-୨୦୨୩ ପାଇଲେ କୁଇକବି ପ୍ରଦୀପ କହଁର

କନ୍ଧମାଳ, ୦୩/୦୩ (ନି.ପ୍ର): ଚଳିତ ବର୍ଷ ୨୦୨୩ ଭୁବନେଶ୍ୱର ସ୍ଥିତ ଆଦିବାସୀ ପଡିଆ ୟୁନିଟ୍ -୧ରେ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଓଡିଶା ସରକାରଙ୍କ ଦ୍ୱାରା ଆୟୋଜିତ ଆଦିବାସୀ ମେଳା ଭୁବନେଶ୍ୱର ୨୦୨୩ ଶେଷ ସଂନ୍ଧ୍ୟାରେ ଜନଜାତି ସାହିତ୍ୟ କୃତି ପାଇଁ କନ୍ଧମାଳର କୁଇକବି ପ୍ରଦୀପ କହଁର ଆଦିବାସୀ ପ୍ରତିଭା ସମ୍ମାନ-୨୦୨୩ ରାଜ୍ୟ ପୁରସ୍କାରରେ ସମ୍ବର୍ଦ୍ଧିତ ହୋଇଛନ୍ତି । ଏହି ପୁରସ୍କାର ପାଇବାରେ ପ୍ରଦୀପ କହଁର ହେଉଛନ୍ତି କନ୍ଧମାଳର ପ୍ରଥମ ବ୍ୟକ୍ତି । ପ୍ରଦୀପ କହଁର ଜଣେ ଏକାଧାରରେ କବିତା, ପ୍ରବନ୍ଧ, ଗଳ୍ପ, କ୍ଷୁଦ୍ର ନାଟକ, ବ୍ୟଙ୍ଗ, ବିରହାତ୍ମକ, ବିପ୍ଳବାତ୍ମକ କବିତା, ଶିଶୁ କବିତା, ଶିଶୁ ଗଳ୍ପ, ଢଗଢମାଳି, ଆଧୁନିକ କବିତା, ଭଜନ, ଜଣାଣ, ଦେଶାତ୍ମକବୋଧ ଓ ଆଦିବାସୀ କୁଇକବି ନିଜସ୍ୱ ମାତୃଭାଷା କୁଇଭାଷା ସାହିତ୍ୟରେ ମଧ୍ୟ କୁଇ କବିତା, କୁଇ ପ୍ରବନ୍ଧ, କୁଇ ଗଳ୍ପ, କୁଇ ନାଟକ, କୁଇ ଢଗଢମାଳି, କୁଇ ଗୀତ, କୁଇ ଭଜନ, ଜଣାଣ, ଶିଶୁ କବିତା, ଶିଶୁ ଗଳ୍ପ, କୁଇ ଆଧୁନିକ କବିତା, କନ୍ଧ ପୂଜା ପଦ୍ଧତି, କନ୍ଧ ସଂସ୍କୃତି ଓ କନ୍ଧବଂଶୀୟ ଗବେଷଣାତ୍ମକ ଲେଖା ଲେଖିବା ସହିତ ଜଣେ ବାଦ୍ୟକାର, ଗୀତିକାର, ମଂଚ କଳାକାର, କୁଇଭାଷା ଅନୁବାଦକ ଓ କୁଇ ସଂସ୍କୃତି ଗବେଷକ ଭାବେ ପରିଚିତ । ୧୯୯୪ ରୁ ଲେଖି ଆସୁଥିବା ହଜାର ହଜାର ଲେଖା ମଧ୍ୟରୁ ପ୍ରକାଶିତ ଚିତ୍ରପଟ୍ଟ, ପକ୍ଷୀ, ସ୍ମୃତିତୀର୍ଥ କବିତା ସଂକଳନ ପାଠକ ମହଲରେ ଆଦୃତି ଲାଭ କରିଛି । ସେ ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ଦ୍ୱାରା ପ୍ରାପ୍ତ ହୋଇଥିବା ପୁରସ୍କାର, ସାଲ୍ ଖାନ ହେମ୍ବ୍ରମ୍ ସ୍ମୃତି ସମ୍ମାନ-୨୦୧୮, କନ୍ଧମାଳ ସାରସ୍ୱତ ପ୍ରତିଭା ସମ୍ମାନ-୨୦୧୯ରେ, କୁସୁମ ଭାଷା ସାହିତ୍ୟ ସଂସ୍କୃତି ସମ୍ମାନ, ଲୋକକବି ଉପାଧି, ଆମରି ସ୍ରଷ୍ଟା ସମ୍ମାନ-୨୦୨୦ ରେ, କବି ମଞ୍ଜୁଳ ସ୍ମୃତି ସମ୍ମାନ, ସାରସ୍ୱତ ପ୍ରତିଭା ସମ୍ମାନ, କବିକୁଳ ସମ୍ମାନ, ଜନଜାତୀୟ ଗୌରବ ଦିବସ ସମ୍ମାନ-୨୦୨୨, ଭୀମ ଭୋଇ ପ୍ରତିଭା ସମ୍ମାନ-୨୦୨୩, କେନ୍ଦ୍ର ସାହିତ୍ୟ ଏକାଡେମୀ - ୨୦୧୯, କେନ୍ଦ୍ର ସାହିତ୍ୟ ଏକାଡେମୀ- ୨୦୨୨, ଓଡିଶା ସାହିତ୍ୟ ଏକାଡେମୀ ପ୍ରମାଣ ପତ୍ର ୨୦୨୨ଦ୍ୱାରା ପୁରସ୍କୃତ ଏବଂ ବହୁ ଅନୁଷ୍ଠାନ ଦ୍ୱାରା ସମ୍ମାନୀତ, ସମ୍ବର୍ଦ୍ଧିତ ହୋଇଛନ୍ତି। ଏବେ ସେ ରାଜ୍ୟ ପୁରସ୍କାର ଆଦିବାସୀ ପ୍ରତିଭା ସମ୍ମାନ ପାଇଥିବାରୁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦେବା ସହ ରାଜ୍ୟ ଓ କନ୍ଧମାଳର ଗର୍ବ ଓ ଗୌରବ ହୋଇଥିବାରୁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ଖରାଦିନ ପୂର୍ବରୁ ଜଳକଷ୍ଟ : ଲୋକେ ପାଣି ପାଇଁ ଡହଳ ବିକଳ



କନ୍ଧମାଳ, ୦୩/୦୩ (ନି.ପ୍ର): ଦୀର୍ଘ ଦିନରୁ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବିଜ୍ଞାପିତ ଅଂଚଳ ପରିଷଦର ଅନେକ ୱାର୍ଡରେ ଜଳ ସଂକଟ ଲାଗି ରହିଛି । ହେଲେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ କିମ୍ବା ଜଳ ଯୋଗାଣ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି । ଅନେକ ୱାର୍ଡରେ ପାଇପ୍ ଲାଇନ୍ ସଂଯୋଗ ହୋଇଥିବା ସତ୍ୱେ ଲୋକଙ୍କୁ ପାଣି ମିଳୁନଥିବା ବେଳେ ଏବେ ବି ଅନେକ ୱାର୍ଡରେ ଲୋକଙ୍କ ଘରକୁ ପାଇପ୍ ପାଣି ସଂଯୋଗ ହୋଇନଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି । ରାଜ୍ୟ ସରକାର ଗାଁ ଠୁ ସହର ସବୁ ଅଂଚଳରେ ଘରକୁ ଘର ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ବ୍ୟବସ୍ଥା କରିଥିବା ବେଳେ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଏନଏସିର ଅନେକ ପରିବାର ଏଥିରୁ ବଂଚିତ ଅଛନ୍ତି । ତେବେ ଗ୍ରାମାଂଚଳରେ କଣ ବ୍ୟବସ୍ଥା ଥିବ ଏଥିରୁ ସ୍ପଷ୍ଟ ଅନୁମେୟ । କିନ୍ତୁ, ଜଳ ଯୋଗାଣ ପ୍ରକଳ୍ପ ଦାୟିତ୍ୱରେ ଥିବା ସଂସ୍ଥା କର୍ମଚାରୀଙ୍କୁ ଘରକୁ ଘର ପଠାଇ ହିତାଧିକାରୀଙ୍କ ଠିକଣା ଯୋଗାଡ଼ କରୁଥିବା ବେଳେ ଜନସାଧାରଣଙ୍କୁ ଉପଯୁକ୍ତ ଜଳ ଯୋଗାଣ ନକରି ହିତାଧିକାରୀଙ୍କ ନିକଟରୁ ବିଭାଗ ପକ୍ଷରୁ ଟିକସ ଆଦାୟ ପାଇଁ ଜୁଲମ୍ କରାଯାଉଛି । ବାଲିଗୁଡ଼ାରେ ସହରାଂଚଳ ଜଳଯୋଗାଣ କାର୍ଯ୍ୟାଳୟ ନଥିବା ହେତୁ ଲୋକେ ନିଜ ସମସ୍ୟା ବିଷୟରେ କାହାକୁ ଜଣାଇ ପାରୁନାହାନ୍ତି । ଅନ୍ୟପଟେ ବିଜ୍ଞାପିତ ଅଂଚଳ ପରିଷଦ ସହରର ସମସ୍ତ ସୁବିଧା ଅସୁବିଧା ବୁଝିବା କଥା, କିନ୍ତୁ କେହି ଏଥିପ୍ରତି ଦୃଷ୍ଟି ଦେଉନଥିବା ଅଂଚଳବାସୀଙ୍କ ମଧ୍ୟରେ ଆଲୋଚନା ହେଉଛି । ଜଣେ ଅନ୍ୟ ଜଣକ ମୁଣ୍ଡରେ ଦୋଷ ଲଦି ଚାଲିଛନ୍ତି, ହେଲେ ଅଂଚଳବାସୀଙ୍କ ସମସ୍ୟାକୁ କେହି ଧ୍ୟାନ ଦେଉନାହାନ୍ତି । ଏବେ ଖରାଦିନ ଆସିଲାଣି । ରାଜ୍ୟ ସରକାର ପ୍ରତି ଘରକୁ ଦିନ ରାତି ବିଶୁଦ୍ଧ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରିଛନ୍ତି । ହେଲେ ଆମେ କ'ଣ ପାଇଁ ସରକାରୀ ଯୋଜନାରୁ ବଂଚିତ ରହିବୁ ବୋଲି ଲୋକେ ପ୍ରଶ୍ନ କଲେଣି । ଯଦି ଏଥିରେ ବ୍ୟତିକ୍ରମ ଘଟେ ତେବେ ଜନ ଆନ୍ଦୋଳନ ହେବ ଏବଂ ଏଥିପାଇଁ ବିଭାଗୀୟ ଅଧିକାରୀ ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ଅଂଚଳବାସୀ ଚେତାବନୀ ଦେଇଛନ୍ତି ।



**ପାରାଲିସିସ୍ କିମ୍ବା ଦୀର୍ଘମିଆଦୀ ରୋଗ ଭୋଗୁଥିବା ଜଣେ ରୋଗୀ, ଯେ କି ନିଜର ସମସ୍ତ ସ୍ପର୍ଶ ଶକ୍ତି ବା ଅନୁଭବ ଶକ୍ତି ହରାଇ ଦେଇଥାଏ, ସେ ଏହି ପୀଡ଼ାକୁ ଅନୁଭବ କରିପାରେ ନାହିଁ କିମ୍ବା ନିଜର ଅବସ୍ଥିତିକୁ ପରିବର୍ତ୍ତନ କରିପାରେ ନାହିଁ । ଫଳରେ ଦୀର୍ଘ ସମୟର ଚାପ ହେତୁ ତା’ ଦେହରେ ବେଡ୍‌ସୋର୍ ହୋଇଥାଏ ।**

# ଅଜାଗା ଘା’

ସାଧାରଣତଃ ଓଡ଼ିଆରେ ଗୋଟିଏ ଲୋକପ୍ରିୟ ଆପ୍ତବାକ୍ୟ ରହିଛି- ‘ଅଜାଗା ଘା’ କାହାକୁ ଦେଖିହୁଏ ନାହିଁ କି ଦେଖାଇ ହୁଏ ନାହିଁ ।’ ଅର୍ଥାତ୍ ଶରୀରର ଅଭ୍ୟନ୍ତର ତଥା ଗୋପନୀୟ ସ୍ଥାନରେ ଯନ୍ତ୍ରଣାସିକ୍ତ ଘା’, ସ୍ୱାଭାବିକ ଭାବରେ ଦେଖିହୋଇ ନଥାଏ କି ଲଜ୍ଜାବଶତଃ ଜଣେ କାହାକୁ ଦେଖାଇ ମଧ୍ୟ ପାରିନଥାଏ । ତେବେ ସମ୍ପ୍ରତି ଚିକିତ୍ସା ପଦ୍ଧତିର ବ୍ୟାପକତା ଓ ସ୍ୱାସ୍ଥ୍ୟ ପ୍ରଯୁକ୍ତିରେ ବିସ୍ମୟାତୀତ ଭାବରେ ବିଭିନ୍ନ ଅତ୍ୟାଧୁନିକ ସର୍ଜରୀ ପଦ୍ଧତି ବା ଔଷଧ ବ୍ୟବହାରରେ ଅଜାଗା ଗା’ ଆଉ ସେପରି ଭୟଙ୍କର ହୋଇ ରହିନାହିଁ ।

ଅଚଳ ଅବସ୍ଥାରେ ଜଣେ ଲୋକ ବିଛଣାରେ ଶୋଇ ରହିଲେ ଦେହର ଯେଉଁ ସ୍ଥାନ ବିଛଣାର ସଂସ୍ପର୍ଶରେ ଆସୁଥାଏ, ସାଧାରଣତଃ ସେହିଠାରେ ହିଁ ବେଡ୍‌ସୋର ହୋଇଥାଏ । ଏହି ସ୍ଥାନଗୁଡ଼ିକ ଭିତରେ ଦୁଇ ଗୋଇଠି, ପିଚା, ଦୁଇ କହୁଣି, ମେରୁ ହାଡ଼ର ନିମ୍ନଭାଗ ବା ତ୍ରିକାସ୍ଥି ଅଞ୍ଚଳ, କାନ୍ଧଫଳକ ଆଦି ପ୍ରଧାନ । ଦେହର ଓଜନ ସାଧାରଣତଃ ଏହିସବୁ କେନ୍ଦ୍ର ଦେଇ ବିଛଣାକୁ ବା ଭୂମିକୁ ଗତି କରିଥାଏ ଓ ସେଇଥିପାଇଁ ଏହିସବୁ ଅଞ୍ଚଳର ଅଧିକ ଚାପ ପଡ଼ି ବେଡ୍‌ସୋର୍ ହୋଇଥାଏ ।

ଏହି ଅଞ୍ଚଳଗୁଡ଼ିକରେ ଦେହର ଓଜନର ଚାପ ଏତେ ଅଧିକ ପରିମାଣର ପଡ଼େ ଯେ, ଏଠାରେ ଥିବା ରକ୍ତନଳୀଗୁଡ଼ିକ ଚାପି ହୋଇ ସଂକୁଚିତ ଓ ରକ୍ତଶୂନ୍ୟ ହୋଇଯାନ୍ତି । ଫଳରେ ସେହିସବୁ ଅଞ୍ଚଳକୁ ଆଉ ରକ୍ତ ପ୍ରବାହିତ ହୋଇପାରେ ନାହିଁ । ଏହାଦ୍ୱାରା ସେହିସବୁ ଅଞ୍ଚଳର ତନ୍ତୁଗୁଡ଼ିକ ଆବଶ୍ୟକ ପୁଷ୍ଟି ପାଇ ପାରନ୍ତି ନାହିଁ ଓ ମୃତ ହୋଇଯାନ୍ତି । ତନ୍ତୁ ମୃତ ହୋଇଗଲେ କ୍ଷତ ବା ଘା’ ସୃଷ୍ଟି ହୁଏ । ଏହି କ୍ଷତକୁ ହିଁ ବେଡ୍‌ସୋର୍ କୁହାଯାଏ ।



ବିଛଣାରେ ଶୋଇଥିବା ବେଳେ ଏହିସବୁ ଅଞ୍ଚଳରେ ଦେହର ଚାପ ପଡ଼ିଲେ ଜଣେ ସାଧାରଣ ସୁସ୍ଥ ଲୋକ ତାହା ସଜରେ ଅନୁଭବ କରିପାରେ । ଏହା ଯୋଗୁଁ ତାକୁ ସାମାନ୍ୟ ପୀଡ଼ା ହୁଏ ଓ ତାହା ଜାଣି ପାରି ସେ ନିଜର ଅବସ୍ଥିତି ବଦଳାଇ ଦେଇ କଡ଼ ଲେଉଟାଇ ଶୁଏ । କିନ୍ତୁ ପାରାଲିସିସ୍ କିମ୍ବା ଦୀର୍ଘମିଆଦୀ ରୋଗ ଭୋଗୁଥିବା ଜଣେ ରୋଗୀ, ଯେ କି ନିଜର ଅବସ୍ଥିତିକୁ ପରିବର୍ତ୍ତନ କରିପାରେ ନାହିଁ । ଫଳରେ ଦୀର୍ଘ ସମୟର ଚାପ ହେତୁ ତା’ ଦେହରେ ବେଡ୍‌ସୋର୍ ହୋଇଥାଏ ।

ଅତି ବୃଦ୍ଧ ଲୋକମାନେ ନିଜ ଦେହର ପୀଡ଼ା ସାମାନ୍ୟ ପରିମାଣରେ ଅନୁଭବ କରିପାରୁଥିଲେ ମଧ୍ୟ ନିଜର ଅବସ୍ଥାନ ପରିବର୍ତ୍ତନ କରିବା ପାଇଁ ଶକ୍ତିହୀନ ହୋଇପଡ଼ିଥାନ୍ତି । ଫଳରେ ଗୋଟିଏ ଅବସ୍ଥାରେ ଶୋଇ ରହି ସେମାନେ ବେଡ୍‌ସୋର୍ ଭୋଗିଥାନ୍ତି ।

ଖାଦ୍ୟାଭାବ, ମନ୍ଦ ପୁଷ୍ଟି, ରକ୍ତହୀନତା ଆଦି ରୋଗରେ ରୋଗୀ ନିଜର ଚଳତ୍‌ଶକ୍ତି ହରାଇବସେ ଓ ବିଛଣାରେ ଏପଟ ସେପଟ ହୋଇପାରେ ନାହିଁ । ଫଳରେ ଖୁବ୍ ସହଜରେ ସେ ବେଡ୍‌ସୋରରେ ଶିକାର ହୁଏ । ଅତି କ୍ଷୀଣକାୟ ଲୋକମାନଙ୍କର ଅସ୍ଥି ଓ ଚର୍ମ ମଧ୍ୟରେ ଅତି ଅଳ୍ପ ପରିମାଣରେ ଚର୍ବି ରହିଥାଏ, ଯାହା ଫଳରେ ଚାପ ପଡୁଥିବା ଅଞ୍ଚଳଗୁଡ଼ିକରେ ଅଧିକ ଚାପ ପଡ଼ି ବେଡ୍‌ସୋର୍ ସୃଷ୍ଟି ହୋଇଥାଏ ।

ତେବେ ଅନେକ ରୋଗୀଙ୍କ କ୍ଷେତ୍ରରେ ଦେଖାଯାଇଥାଏ କି ସବୁ ଘା’ ବେଡ୍‌ସୋର୍ ହୋଇନଥାଏ । ଭୁଲ ଭାବରେ ବା ଅପ୍ରଶିକ୍ଷିତ ଭେଷଜ ତତ୍ତ୍ୱାବଧାରକମାନଙ୍କଠାରୁ ଯନ୍ତ୍ରଣା ନିବାରକ, ଆଣ୍ଟିବାୟୋଟିକ୍ ଇଂଜେକ୍‌ସନ୍ ନେବା ଦ୍ୱାରା ମଧ୍ୟ କ୍ଷତଟି ପରବର୍ତ୍ତୀ ସମୟରେ ଭୟଙ୍କର ଘା’ର ରୂପ ନେଇ ତାହା ଅପରେସନ୍ ବା ସ୍ଥଳବିଶେଷରେ ପ୍ଲାଷ୍ଟିକ୍ ସର୍ଜରୀର ସହାୟତା ନେବାକୁ ପଡ଼ିଥାଏ । ଯାହାକି ବହୁ ବ୍ୟୟବହୁଳ ଓ ସମୟସାପକ୍ଷ । ଜଣକରର ନିର୍ଦ୍ଦିଷ୍ଟ ଚିକିତ୍ସା ବା ନିଦାନ ବ୍ୟବସ୍ଥା ପାଇଁ ଭେଷଜ ଚିକିତ୍ସକ ବା ଶଲ୍ୟ ବିଶେଷଜ୍ଞ ନିର୍ଦ୍ଧାରିତ ଭାବରେ ରୋଗୀ ପାଇଁ ସ୍ୱାସ୍ଥ୍ୟପଯୋଗୀ ଚିକିତ୍ସା ବ୍ୟବସ୍ଥା କରିଥାନ୍ତି । ତଥାପି ସଚେତନତାର ଅଭାବ, ଅପରିଷ୍କାର ତ୍ୱଚା ବା ଶରୀର ପାଇଁ ବେଡ୍‌ସୋର୍ ପରି ବା ସେହିପରି ଦୀର୍ଘକାଳୀନ ଘା’ର ଚିକିତ୍ସା ଭିନ୍ନ ଭିନ୍ନ ଡ୍ରେସିଂ ଓ ଘା’ରେ ପାଣିସେକ ଦ୍ୱାରା ମଧ୍ୟ ରୋଗୀ ଦ୍ରୁତ ଆରୋଗ୍ୟ ଲାଭ କରୁଛନ୍ତି ।



## ସତର୍କତା :

- ବେଡସୋର୍ ବା ସେହିପରି ଯନ୍ତ୍ରଣାଦାୟକ ଘା’ ପାଇଁ ଭୟଭୀତ ହୁଅନ୍ତୁ ନାହିଁ ।
- ଗୁଣିଗାରେଡି, ହୁକୁମ୍ ବା ଦେଶୀୟ ଚିକିତ୍ସା ଅପେକ୍ଷା ତୁରନ୍ତ ସର୍ଜରୀ ବିଶେଷଜ୍ଞଙ୍କ ସାହାଯ୍ୟ ନିଅନ୍ତୁ ।
- ରୋଗୀ ନିଜର ବିଛଣାପତ୍ର ପରିଷ୍କାର ରଖନ୍ତୁ, ସ୍ନାନ ନ କରୁଥିଲେ ଚିକିତ୍ସକଙ୍କ ପରାମର୍ଶାନୁଯାୟୀ
- ଦେହର ସବୁ ଆଡ଼େ ଉଷୁମ ପାଣିରେ ଡେଟଲ୍ ବା ସାଭଲନ୍ ପାଣିରେ ପୋଛି ଦିଅନ୍ତୁ । ଦେହରେ ସ୍ୱାସ୍ଥାନୁମୋଦିତ ପାଉଡର ବ୍ୟବହାର କରିପାରନ୍ତି ।
- ଘା’ ସଫା ବା ସଂସ୍ପର୍ଶରେ ଆସୁଥିବା ବର୍ଜ୍ୟବସ୍ତୁ ଗଜ୍ ଇତ୍ୟାଦି ଘରଠାରୁ ଯଥେଷ୍ଟ ଦୂରରରେ ପୋଡ଼ି ଦିଅନ୍ତୁ ।
- ରୋଗୀଙ୍କ ସଂସ୍ପର୍ଶରେ ଆସୁଥିବା ଚିକିତ୍ସକ ବା ଡ୍ରେସର୍‌ଙ୍କ ସମେତ ସମସ୍ତେ ଗ୍ଲୋଭ୍‌ସ ବ୍ୟବହାର କରିବା କଥା କିମ୍ବା ହାଇଜେନିକ୍ ସାବୁନ୍‌ରେ ହାତ ସଫା ରଖନ୍ତୁ ।
- ଦୀର୍ଘ ଦିନ ଘା’ ଶୁଖିବା ମଧୁମେହର ବି ଅନ୍ୟତମ ଲକ୍ଷଣ । ରକ୍ତ ଅପରିଷ୍କାରର ଭୟ ରହିଛି । ରକ୍ତ ପରୀକ୍ଷା ଏ କ୍ଷେତ୍ରରେ ଜରୁରୀ ।
- କ୍ଷତର ଅଭ୍ୟନ୍ତରରେ ଗଜ୍ ବା ତୁଳା ସଦାସର୍ବଦା ଧୂଳି ଓ ପବନଠାରୁ ଦୂରେରଇ ରହିବା ଅତ୍ୟନ୍ତ ଜରୁରୀ । ଷ୍ଟେରିଲାଇଜ୍‌ଡ ଜିନିଷ ବ୍ୟବହାର କରନ୍ତୁ ।
- ଏହା ପାଇଁ ବିଚଳିତ, ଚିନ୍ତିତ ନ ହୋଇ ବରଂ ଭଲ ଭାବରେ ଡ୍ରେସିଂ ହୋଇ ଚିକିତ୍ସକଙ୍କ ପରାମର୍ଶ ଅନୁଯାୟୀ ନିଜ ଦାୟିତ୍ୱ ଓ କର୍ମରେ ବ୍ୟସ୍ତ ରୁହନ୍ତୁ ।
- ସଦା ସର୍ବଦା ଈଶ୍ୱର ଚିନ୍ତନରେ ନିମଗ୍ନ ରହି ନିଜେ ଜଣେ ରୋଗୀ ଏ ଚିନ୍ତା ଆଦୌ ମନ ଭିତରକୁ ଆଣନ୍ତୁ ନାହିଁ, ଦେଖିବେ ଆପଣ ଜାଣିନଥିବେ କିନ୍ତୁ ଘା’ ବା କ୍ଷତ ଜମା ନଥିବ ।

## ଭୁଲି ଯାଆନ୍ତୁ ଔଷଧ

ପ୍ରତିଦିନ ରାତିରେ ୫ଟି ପିସ୍ତା ବାଦାମକୁ ଭିଜାଇ, ସକାଳେ ଏହାକୁ ଖାଇ ଆପଣ ପିଅନ୍ତୁ । ଦେଖିବେ ଲୋ ବ୍ଲଡ ପ୍ରେସରରୁ ଆରାମ ମିଳିବା ସହ ସ୍ମରଣ ଶକ୍ତିକୁ ବି ପ୍ରଖର ହେବ ।

ଗଣ୍ଠି ଯନ୍ତ୍ରଣାରୁ ବ୍ୟସ୍ତ ଅଛନ୍ତି, ତା ହେଲେ ଅମୃତଭଣ୍ଡାର କୋମଳ ପତ୍ରକୁ ବାଟି ଯନ୍ତ୍ରଣା ହେଉଥିବା ସ୍ଥାନରେ ଲଗାନ୍ତୁ ଆରାମ ମିଳିବ ।

ତୁଳସୀ ମଞ୍ଜିକୁ ବଡ଼ ଦାନା ମୁକ୍ତ ଚିନି ଓ କ୍ଷୀର ସହିତ ମିଶାଇ ପିଇଲେ ମୂତ୍ରାଶୟରେ ଅଟକି ଥିବା ଷ୍ଟୋନ ଦୂର ହୋଇଥାଏ ।

ପ୍ରତିଦିନ ସକାଳୁ ଖାଲି ପେଟରେ ଅଧା ଚାମଚ ମେଥି ଚୂର୍ଣ୍ଣକୁ ନଖ ଉଷୁମ ପାଣିରେ ମିଶାଇ ସେବନ କଲେ ଗଣ୍ଠି ଯନ୍ତ୍ରଣାରୁ ଉପଶମ ମିଳିବ ।



## ଦିନ ବେଳା ଶୁଅନ୍ତୁ ନାହିଁ

ଗବେଷକଗଣ ବିଭିନ୍ନ ବର୍ଗର ଓ ପ୍ରାନ୍ତର ୩ଲକ୍ଷ ବ୍ୟକ୍ତିଙ୍କୁ ନେଇ ୨ବର୍ଷ ଗବେଷଣା କରିବା ପରେ ଏକ ଜରୁରୀ ତଥ୍ୟ ପ୍ରକାଶ କରିଛନ୍ତି । ସେମାନଙ୍କ ତଥ୍ୟରୁ ପ୍ରକାଶିତ ଯେ ଦିନବେଳା ଲୋକେ ଶୋଇବା ସ୍ୱାସ୍ଥ୍ୟ ପାଇଁ ସମ୍ପୂର୍ଣ୍ଣ କ୍ଷତିକାରକ । ଯଦିଓ ବୟସ୍କ ଲୋକଙ୍କୁ ଥକାପଣ ଲାଗୁଛି କିମ୍ବା ନିଦ ଦିନେବେଳା ଅଧିକ ଲାଗୁଛି, ତେବେ ସେମାନେ ପୁସ୍ତକ ପଢ଼ିବା ଉଚିତ ନଚେତ ଅନ୍ୟ କୌଣସି କାମରେ ନିଜକୁ ବ୍ୟସ୍ତ ରଖିବା ଆବଶ୍ୟକ । କାରଣ ଦିନବେଳା ଶୋଉଥିବା ବ୍ୟକ୍ତିଙ୍କୁ ମଧୁମେହ ଆକ୍ରାନ୍ତ ହେବାର ସମ୍ଭାବନା ସର୍ବାଧିକ ।

## ବ୍ୟାୟାମର ଆବଶ୍ୟକତା

କାନାଡ଼ା ବିଶ୍ୱ ବିଦ୍ୟାଳୟର ଗବେଷକ ଡେଭିଡ ହୁପିନ ୪ବର୍ଷ ଗବେଷଣା କରିବା ପରେ ତଥ୍ୟ ପ୍ରକାଶ କରିଛନ୍ତି ଯେ, ବୟସ୍କ ଲୋକେ ଦୈନିକ ଅତି କମରେ ୧୫ମିନିଟ୍ ବ୍ୟାୟାମ କରନ୍ତୁ । ଏହା ସେମାନଙ୍କ ଦୀର୍ଘାୟୁର ଅନ୍ୟତମ ରହସ୍ୟ । ୫୦ ବର୍ଷରୁ ଅଧିକ ବୟସ୍କ ବୟସର ୨ହଜାର ଲୋକଙ୍କ ଉପରେ ଏହି ଗବେଷଣା ଡେଭିଡ କରିଥିଲେ । ଯେଉଁ ବ୍ୟକ୍ତିମାନେ ନିୟମିତ ୧୫ରୁ ୨୦ ମିନିଟ ବ୍ୟାୟାମ କରୁଥିଲେ, ସେମାନଙ୍କ ମଧ୍ୟରୁ ୬୦ ପ୍ରତିଶତରୁ ଅଧିକ ଲୋକେ ସୁସ୍ଥସବଳ ଓ ନିରୋଗ ଅଛନ୍ତି । ଡେଭିଡ୍ ଏହି ଗବେଷଣା କରିବା ପରେ ବିଭିନ୍ନ ସୋସିଆଲ ସାଇଟ ତଥା ଗଣମାଧ୍ୟମ ସହାୟତାରେ ବୟସ୍କ ଲୋକଙ୍କୁ ନିୟମିତ ବ୍ୟାୟାମ କରିବାକୁ ଉପଦେଶ ଦେଇଛନ୍ତି । ଘରେ ରହି ପ୍ରାୟତଃ ଓ ସନ୍ଧ୍ୟାବେଳେ ଏହା ଅଭ୍ୟାସ କରିବା ବୟୋଜ୍ୟେଷ୍ଠ ଲୋକଙ୍କ ପାଇଁ ସର୍ବୋତ୍ତମ ।



## ସ୍ମାର୍ଟଫୋନ ଖରାପ ହେବା ପଛର କାରଣ

ସ୍ମାର୍ଟଫୋନ ଗରମ ହୋଇଗଲେ ତୁରନ୍ତ ଫୋନ ବନ୍ଦ କରିଦେବା ଉଚିତ । ତେବେ ଆବଶ୍ୟକତାଠାରୁ ଅଧିକ ସମୟ ବାର୍ତ୍ତାଳାପ କରୁଥିବା ଲୋକଙ୍କ ଫୋନ ହିଁ ଗରମ ହେଉଥିବାର ତଥ୍ୟ ମିଳିଛି । ଘଣ୍ଟାଘଣ୍ଟା ଧରି ଫୋନରେ କଥାବାର୍ତ୍ତା କରିବାର ଅଭ୍ୟାସଠାରୁ ଦୂରେଇ ରହିବା ଉଚିତ । ଜରୁରୀ ତଥ୍ୟ ଦେବା ନିମନ୍ତେ ନିର୍ମିତ ହୋଇଥିବା ସ୍ମାର୍ଟଫୋନର ଅନାବଶ୍ୟକ ବ୍ୟବହାର କରିବା ସ୍ୱାସ୍ଥ୍ୟ ପାଇଁ ହାନିକାରକ । ପ୍ରତ୍ୟେକ ସ୍ମାର୍ଟଫୋନ ଏସିଡି କାର୍ଡ ସହ ବ୍ୟବହାର କରିବା ଉଚିତ । ଏପରି କଲେ ସ୍ମାର୍ଟଫୋନ ହ୍ୟାଙ୍ଗ ହୋଇନଥାଏ । ସପ୍ତାହକୁ ଅନ୍ତତଃ ଥରୁଟିଏ ଫୋନ ସୁଇଚ ଅଫ କରି କିଛି ସମୟ ରଖନ୍ତୁ । ନଚେତ ରିବୁଟ କରିବା ଆବଶ୍ୟକ । ବୁନ୍ଦାଏ ପାଣି ମଧ୍ୟ ସ୍ମାର୍ଟଫୋନକୁ ଖରାପ କରିଥାଏ । ତେଣୁ ଫୋନକୁ ପାଣିଠାରୁ ଯଥା ସମ୍ଭବ ଦୂରେଇ ରଖନ୍ତୁ ।

# ହୃଦ୍‌ରୋଗରୁ କିପରି ପାଇବେ ମୁକ୍ତି

ଲୋକଙ୍କୁ ହୃତ୍‌ପିଣ୍ଡ ଓ ହୃଦରୋଗ ସଂପର୍କରେ ସଚେତନ କରାଇବା ଉଦ୍ଦେଶ୍ୟରେ ୨୦୦୦ ମସିହା ସେପ୍ଟେମ୍ବର ୨୯ ତାରିଖରୁ ବିଶ୍ୱ ହୃତ୍‌ପିଣ୍ଡ ଦିବସ ପାଳିତ ହୋଇଆସୁଛି । କିନ୍ତୁ ବିଶ୍ୱରେ ହୃଦ୍‌ରୋଗ ଜନିତ ମୃତ୍ୟୁ ସଂଖ୍ୟା ଉଦ୍‌ବେଗଜନକ । ପ୍ରତିବର୍ଷ ପ୍ରାୟ ୧୭.୩ ନିୟୁତ ଲୋକ ଏହି ରୋଗରେ ପ୍ରାଣ ହରାଇଥାନ୍ତି । ୨୦୩୦ ମସିହା ସୁଦ୍ଧା ଏହି ମୃତ୍ୟୁ ସଂଖ୍ୟା ୨୩ ନିୟୁତ ଛୁଇଁବା ଆଶଙ୍କା କରାଯାଉଛି । ଏହି ସଂଖ୍ୟା ଅଷ୍ଟ୍ରେଲିଆର ଜନସଂଖ୍ୟା ସହିତ ପ୍ରାୟ ସମାନ । କିନ୍ତୁ ୟା’ମାନେ ନୁହେଁ ଯେ ଏହା ମଣିଷ ଭାଗ୍ୟର କଥା ଓ ଏଥିରୁ ବର୍ତ୍ତିହେବ ନାହିଁ । କିଛି ଲୋକଙ୍କ କ୍ଷେତ୍ରରେ ବୟସ, ଲିଙ୍ଗ ଓ ବଂଶାନୁକ୍ରମିକ ଯୋଗୁଁ ହୃଦ୍‌ରୋଗ ଭଳି ସମସ୍ୟା ଦେଖାଦେଇଥାଏ । ନଚେତ୍ କେତୋଟି ସହଜ ଏବଂ ସୁବିଧା ପନ୍ଥା ଅବଲମ୍ବନ କଲେ ଆମେ ଆମ ହୃତ୍‌ପିଣ୍ଡକୁ ସର୍ବଦା ସୁସ୍ଥ ରଖିବା ସହ ଏହି ପ୍ରାଣଘାତୀ ରୋଗରୁ ନିଜକୁ ବଞ୍ଚାଇ ପାରିବା ।

ମାନସିକ ଚାପ ତଥା ମାନସିକ ବିଡ଼ମ୍ବନା ବିଭିନ୍ନ ହୃଦ୍‌ରୋଗର କାରଣ ହୋଇଥାଏ । ମାନସିକ ଚାପ ମଣିଷକୁ ଅସ୍ତବ୍ୟସ୍ତ କରି ଶରୀରର ବିଭିନ୍ନ ପ୍ରକାର ହରମୋନ ସ୍ନାୟୁ ଓ ମସ୍ତିଷ୍କରେ ବିଭିନ୍ନ ପରିବର୍ତ୍ତନ ଆଣିଥାଏ । ଏହା ଦ୍ୱାରା ଶରୀରର ବିଭିନ୍ନ ଧମନୀ ଓ ରକ୍ତ ପ୍ରବାହରେ ପରିବର୍ତନ ହୋଇଥାଏ । ରକ୍ତରେ ତୈଳୀୟ ପଦାର୍ଥ ଯଥା ଟ୍ରାଇଗ୍ଲିସେରାଇଡ୍ ଓ କୋଲେଷ୍ଟ୍ରଲ ମାତ୍ରା ଓ ରକ୍ତଚାପ ବଢ଼ିଥାଏ । ଫଳରେ ଏହା ପ୍ରଭାବରେ ହୃଦୟ, ମସ୍ତିଷ୍କ ଓ ରକ୍ତରେ ବିଭିନ୍ନ ପ୍ରକାରର ରୋଗ ଆରମ୍ଭ ହୁଏ । ହୃତ୍‌ପିଣ୍ଡର ଧମନୀରେ ରକ୍ତ ପ୍ରବାହ ଅବରୋଧ ହେଲେ, ଏହା ବିଭିନ୍ନ ପ୍ରକାର ଜଟିଳ ହୃଦ୍‌ରୋଗକୁ ନିମନ୍ତ୍ରଣ କରିଥାଏ ।

ସେହି ସମୟରେ ରୋଗୀକୁ ଉପଯୁକ୍ତ ଚିକିତ୍ସା କରାନଗଲେ ଅନେକେ ମୃତ୍ୟୁମୁଖରେ ପଡ଼ିଥାନ୍ତି । ମାନସିକ ଚାପ ସହିତ ଉଚ୍ଚ ରକ୍ତଚାପ ଉଚ୍ଚ ମାତ୍ରାରେ କୋଲେଷ୍ଟ୍ରଲ (ଡାଇବେଟିସ୍) ରୋଗ, ଧୂମପାନ ଆଦି ହୃଦରୋଗକୁ ସହଜରେ ଆମନ୍ତ୍ରଣ କରିଥାଏ । ମଣିଷ ପ୍ରୟାସ କଲେ ନିଜ ଇଛା ଶକ୍ତିକୁ ବଢ଼ାଇ ମାନସିକ ଚାପକୁ ଦୂର କରିପାରିବ । ଅନେକ ସମୟରେ ପରିସ୍ଥିତି ଓ ବାତାବରଣ ଯଥା–ଚାକିରି କ୍ଷେତ୍ରରେ ଅଶାନ୍ତି, ପାରିବାରିକ କଳହ, ବୈବାହିକ ଜୀବନରେ ଅଶାନ୍ତି ଭଳି ମାନସିକ ଚାପ ମଣିଷକୁ ଭିତରୁ ଦୁର୍ବଳ କରିଦେଇଥାଏ । ତେଣୁ ଏସବୁ ସମସ୍ୟାକୁ ଦୃଢ଼ତାର ସହ ସମ୍ମୁଖୀନ ହେବା ଉଚିତ । ଯଦି ଚେଷ୍ଟା ପରେ ବି ମାନସିକ ଚାପ ଦୂର ହୋଇପାରୁନାହିଁ, ସେ କ୍ଷେତ୍ରରେ ଡାକ୍ତରଙ୍କ ସାହାଯ୍ୟ ନେବା ଦରକାର । ଏହା ଦ୍ୱାରା ହୃଦ୍‌ରୋଗ ଭଳି ମାରାତ୍ମକ ରୋଗରୁ ରକ୍ଷା ପାଇପାରିବା ।

**ଧୂମପାନ ଏବଂ ତମାଖୁ ସେବନଠାରୁ ଦୂରେଇ ରହନ୍ତୁ**

ଧୂମପାନ ଏବଂ ତମାଖୁ ବ୍ୟବହାର କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ହୃଦ୍‌ରୋଗ ହେବାରେ ବେଶି ଆଶଙ୍କା ଥାଏ । ତମାଖୁରେ ବ୍ୟବହାର ହେଉଥିବା ରାସାୟନିକ ପଦାର୍ଥ ହୃତ୍‌ପିଣ୍ଡ ଓ ଧମନୀର ପ୍ରଭୂତ କ୍ଷତି କରିଥା’ନ୍ତି । ଏହାଦ୍ୱାରା ହୃତ୍‌ପିଣ୍ଡର ଧମନୀଗୁଡ଼ିକ ଅଣଓସାରିଆ ହୋଇଯାଇଥାଏ ଏବଂ ଏହା ହୃଦ୍‌ଘାତ ଭଳି ଗୁରୁତର ସମସ୍ୟା ଦେଖାଦିଏ । ତେଣୁ ଧୂମପାନ ଏବଂ ତମାଖୁ ସେବନଠାରୁ ଦୂରରେ ରହିବା ଉଚିତ ।



**ନିୟମିତ ୩୦ ମିନିଟ୍ ବ୍ୟାୟାମ କରନ୍ତୁ**

ଦିନକୁ ଅନ୍ତତଃ ୩୦ ମିନିଟ୍ ଶାରୀରିକ ବ୍ୟାୟାମ କରନ୍ତୁ । ଏହା ଆପଣଙ୍କ ଓଜନକୁ ନିୟନ୍ତ୍ରଣରେ ରଖିବା ସହ ଉଚ୍ଚରକ୍ତଚାପ, କୋଲେଷ୍ଟ୍ରଲ ଏବଂ ଡାଇବେଟିସ୍‌ଠାରୁ ଦୂରେଇ ରଖିବ ।

**ସନ୍ତୁଳିତ ଆହାର ନିଅନ୍ତୁ**

ହୃତ୍‌ପିଣ୍ଡକୁ ସୁସ୍ଥ ରଖିବାକୁ ହେଲେ ଆପଣଙ୍କ ଖାଦ୍ୟପେୟରେ କିଛିଟା ପରିବର୍ତ୍ତନ କରିବାକୁ ହେବ । ଅତ୍ୟଧିକ ତେଲ ମସଲାଯୁକ୍ତ ଖାଦ୍ୟ ବଦଳରେ ତାଜା ଫଳମୂଳ ଓ ସତେଜ ପନିପରିବା ଅଧିକ ଖାଆନ୍ତୁ । ମଦ୍ୟପାନଠାରୁ ବି ଦୂରେଇ ରୁହନ୍ତୁ । ଏହାଦ୍ୱାରା ରକ୍ତରେ କୋଲେଷ୍ଟ୍ରଲ ମାତ୍ରା କମ୍ ରହିବ ।

**ଓଜନ ନିୟନ୍ତ୍ରଣ କରନ୍ତୁ**

ଅତ୍ୟଧିକ ଓଜନ ବୃଦ୍ଧିରୁ ହିଁ ଉଚ୍ଚ କୋଲେଷ୍ଟ୍ରଲ, ଉଚ୍ଚରକ୍ତଚାପ ଏବଂ ଡାଇବେଟିସ୍ ଭଳି ସମସ୍ୟା ଦେଖା ଦେଇଥାଏ, ଯାହାକି ହୃତ୍‌ପିଣ୍ଡର କ୍ଷତି କରିଥାଏ । ତେଣୁ ଓଜନ ଓ ଉଚ୍ଚତାକୁ ନେଇ ହିସାବ କରି ନିଅନ୍ତୁ ଯେ ଆପଣଙ୍କ ଓଜନ ଅଧିକ ହୋଇଛି କି ନାହିଁ । ଯଦି ଆପଣଙ୍କ ବଡି-ମାସ୍ ଇଣ୍ଡେକ୍ସ ୨୫ କିମ୍ବା ତା’ଠାରୁ ଅଧିକ, ତାହା ହୃତ୍‌ପିଣ୍ଡ ପାଇଁ ବିପଦ ।

**ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରନ୍ତୁ**

ହୃଦରୋଗଠାରୁ ଦୂରେଇ ରହିବା ପାଇଁ ବିଶେଷଜ୍ଞଙ୍କ ପରାମର୍ଶ ନେବାକୁ ହେବ ଏବଂ ନିୟମିତ ରକ୍ତଚାପ, କୋଲେଷ୍ଟ୍ରଲ ଏବଂ ଡାଇବେଟିସ୍ ପରୀକ୍ଷା କରାଇ ନେବା ଉଚିତ ।

## ଗିଲୋୟ ଓ ଅଶ୍ୱଗନ୍ଧା

ଯେଉଁମାନଙ୍କର ଇମ୍ୟୁନିଟି କମଥାଏ, ଶ୍ୱାସ ରୋଗୀ, ପାନକ୍ରିୟାଜ ଦୁର୍ବଳ ବ୍ୟକ୍ତି, ଡାଇବେଟିସ ପରି ସମସ୍ୟା ଥିବା ଲୋକମାନଙ୍କ ପାଇଁ କରୋନା ଭାଇରସ୍‌ର ବିପଦ ଅଧିକ । ଏପରିସ୍ଥଳେ ଗିଲୋୟ ଓ ଅଶ୍ୱଗନ୍ଧା ଅଧିକ ଉପକାରୀ ହୋଇପାରିବ । ଭାରତରେ କରୋନା ଭାଇରସ୍‌ର ପ୍ରକାର ବୃଦ୍ଧି ପାଇବାରେ ଲାଗିଛି । ତେଣୁ ଲୋକମାନେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ନିର୍ଦ୍ଦେଶ ପାଳନ କରୁଛନ୍ତି । ଆୟୁର୍ବେଦରେ କରୋନା ଭାଇରସ୍‌ର ଉପଚାର କରି ହେବ । ଇମ୍ୟୁନିଟିକୁ ବଢେଇବା ପାଇଁ ପ୍ରାଣାୟାମ ଯେପରି କପାଳଭାତୀ, ଆନୁଲୋମ ଓ ଭ୍ରାମରୀ କରିବା ଉଚିତ । ଏହା ବ୍ୟତୀତ ଆୟୁର୍ବେଦ ଅନୁସାରେ ଅଶ୍ୱଗନ୍ଧା, ଗିଲୋୟ, ଶତାୱରୀ, ଅଁଳା, ଏଲୋଭେରା ଓ ତୁଳସୀ ଏହି ଭାଇରସ୍ ପାଇଁ ଉପଯୋଗୀ । ଆୟୁର୍ବେଦିକ ଜଡିବୁଟି ଗିଲୋୟକୁ ପାଣିରେ ଫୁଟାଇ ସେଥିରେ ହଳଦୀ, ଗୋଲମରିଚ ଗୁଣ୍ଡ ଓ ତୁଳସୀ ପତ୍ର ମିଶାନ୍ତୁ । କିଛି ସମୟ ଫୁଟିଗଲା ପରେ ସେହି କାଢାକୁ ପିଇଲେ ଲାଭ ମିଳିବ । ଯଦି ଗିଲୋୟ, ଅଶ୍ୱଗନ୍ଧା, ତୁଳସୀ ନାହିଁ ତେବେ ଗିଲୋୟର ଟାବଲେଟ୍ ବା ଜୁସ୍ ପିଇପାରିବେ । ଅଶ୍ୱଗନ୍ଧାର ପାଉଡର ଖାଇପାରିବେ । ଏହି ସବୁ ଜିନିଷ ଇମ୍ୟୁନିଟି ବୃଦ୍ଧି କରିବାରେ ସହାୟକ ହେବ ।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୦୪ ମାର୍ଚ୍ଚ ୨୦୨୩, ଶନିବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଏସ୍‌ଡିଜି ଓ ଭାରତ...

ପରିପୋଷଣୀୟ ବିକାଶ ଲକ୍ଷ୍ୟ (ଏସ୍‌ଡିଜି)- ସଦସ୍ୟ ରାଷ୍ଟ୍ରମାନଙ୍କ ଜୀବନଶୈଳୀରେ ସମୟ ସହିତ ତାଳ ଦେଇ ପରିବର୍ତ୍ତନ ଆଣିବା ପାଇଁ ଜାତିସଂଘ ସାଧାରଣ ପରିଷଦ ସମ୍ମିଳନୀରେ ଗୃହୀତ ହୋଇଥିଲା ସେପ୍ଟେମ୍ବର ୨୦୧୫ରେ ଏବଂ ଏହା କାର୍ଯ୍ୟକାରୀ ହୋଇଥିଲା ୧ ଜାନୁଆରୀ ୨୦୧୬ରୁ । ୨୦୩୦ ସୁଦ୍ଧା ହାସଲ କରାଯିବାକୁ ଥିବା ଏହି ରୂପାନ୍ତରଣକାରୀ କାର୍ଯ୍ୟସୂଚୀର ଏକ ଅଂଶ ଭାବରେ ଏହା ମଧ୍ୟରେ ରହିଛି ୧୭ଟି ଏସ୍‌ଡିଜି ଏବଂ ୧୬୯ଟି ଲକ୍ଷ୍ୟ । ଏହି ବୈଶ୍ୱିକ କାର୍ଯ୍ୟସୂଚୀର କେନ୍ଦ୍ରରେ ଯେଉଁ ଉଦ୍ଦେଶ୍ୟଟି ନିହିତ, ତାହା ହେଉଛି, ସାର୍ବଜନୀନତାର ନୀତି: 'କାହାକୁ ପଛରେ ଛାଡ଼ିଯାଅ ନାହିଁ' । ଅର୍ଥାତ୍ ବିକାଶ ସବୁ ଦିଗରୁ ନିଶ୍ଚିତ ଭାବରେ ଏହା ମଧ୍ୟରେ ପ୍ରତ୍ୟେକ ସ୍ଥାନରେ ସବୁ ଲୋକଙ୍କୁ ଅନ୍ତର୍ଭୁକ୍ତ କରିବ ଏବଂ ଏହା ପ୍ରତ୍ୟେକଙ୍କ ଭାଗିଦାରୀ ଜରିଆରେ ନିର୍ମିତ ହେବ, ସାତବର୍ଷ ପରେ ନିକଟରେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ଜଣେ ପ୍ରଫେସରଙ୍କ ନେତୃତ୍ୱରେ ଏକ ଗବେଷଣାମୂଳକ ଅଧ୍ୟୟନ ଜାଣିବାକୁ ପାଇଛି ଯେ ଭାରତ ବେଶ୍ କେତେ ସଂଖ୍ୟକ ପରିପୋଷଣୀୟ ବିକାଶ ଲକ୍ଷ୍ୟ ସୂଚକରେ ପଛରେ ପଡ଼ି ଯାଇଛି । ସୂଚାଇ ଦିଆଯାଇପାରେ ଯେ ୧୯୫ ଦେଶଙ୍କ ସହମତିରେ ୨୦୧୫ରେ ସ୍ୱାକ୍ଷରିତ ୩୩ଟି ସୂଚକର ଏକ ସମାହାରରେ ଭାରତ ମଧ୍ୟ ସାମିଲ ରହିଛି ଏବଂ ସ୍ୱାକ୍ଷର କରିଛି ଏସବୁକୁ ନିଜ ଦେଶରେ ଲାଗୁ କରି ଲକ୍ଷ୍ୟ ହାସଲ କରିବାକୁ । ତେବେ ସାମ୍ପ୍ରତିକ ଅଧ୍ୟୟନରୁ ଭାରତ ଯେଉଁସବୁ ସୂଚକଗୁଡ଼ିକ କ୍ଷେତ୍ରରେ ଦୁର୍ବଳ ପ୍ରଦର୍ଶନ କରୁଛି, ସେସବୁ ଦାରିଦ୍ର୍ୟ, ସ୍ୱାସ୍ଥ୍ୟ, ଲିଙ୍ଗ ଏବଂ ପରିବେଶ ସହିତ ସମ୍ପର୍କିତ ହୋଇଥିବା ଜଣାପଡ଼ିଛି । ୨୦୩୦ ସୁଦ୍ଧା ଭାରତ ସମ୍ପୂର୍ଣ୍ଣ ଟିକାକରଣ, ବିଦ୍ୟୁତ୍ ଶକ୍ତି ସଂଯୋଗର ଉପଲବ୍ଧତା, ବ୍ୟକ୍ତିଗତ ବ୍ୟାଙ୍କ ଜମାଖାତା ଖୋଲିବା ଏବଂ ବହୁ-ଦିଗବିଶିଷ୍ଟ ଦାରିଦ୍ର୍ୟ ଭଳି କେତେକ ସୂଚକରେ ଲକ୍ଷ୍ୟ ହାସଲ କରିବା ଧାର୍ଯ୍ୟ କରାଯାଇଥିବା ବେଳେ, ଆହୁରି ଅନ୍ୟ କେତେକ ସଂଖ୍ୟକ ଲକ୍ଷ୍ୟ ରହିଛି ଯେଉଁଗୁଡ଼ିକ ହାସଲ ହେବାକୁ ଯାଉନାହିଁ । ଏହିସବୁ ଲକ୍ଷ୍ୟ ମଧ୍ୟରେ ଅନ୍ତର୍ଭୁକ୍ତ ଉନ୍ନତ ଜଳ ଯୋଗାଣ, ବାଲ୍ୟ ବିବାହ, ମହିଳାମାନଙ୍କ ନିମନ୍ତେ ବୀମା ଏବଂ ଜୀବନ ସାଥୀଙ୍କ ମଧ୍ୟରେ ସଂଘଟିତ ହିଂସା । ଲାସେଟ୍‌ରେ ପ୍ରକାଶିତ ଅଧ୍ୟୟନ ରିପୋର୍ଟରେ ମୋଟାମୋଟି ଦର୍ଶା ଯାଇଛି ଯେ ୨୦୩୦ର ଧାର୍ଯ୍ୟ ସମୟକୁ ଆଉ ମାତ୍ର ସାତ ବର୍ଷ ଥିବା ବେଳେ ଏହା ପୂର୍ବରୁ ଭାରତ ଏସ୍‌ଡିଜି ସୂଚକାଙ୍କର ୫୦ ପ୍ରତିଶତରୁ ଅଧିକ ପରିପୋଷଣୀୟ ବିକାଶ ଲକ୍ଷ୍ୟକୁ ହାସଲ କରିବା କ୍ଷେତ୍ରରେ ପଛରେ ପଡ଼ିଛି । ଏସବୁ ଲକ୍ଷ୍ୟ ହାସଲ କ୍ଷେତ୍ରରେ ବିଳମ୍ବ ଘଟିବାର କାରଣଗୁଡ଼ିକ ବାବଦରେ ଏକ ଆକଳନ ମଧ୍ୟ କରାଯାଇଛି । କେତେକ ଲକ୍ଷ୍ୟ ପାଇଁ ବିଳମ୍ବ ସାମାନ୍ୟ ହେବ; କିନ୍ତୁ ଅନ୍ୟ ଲକ୍ଷ୍ୟଗୁଡ଼ିକ ନିମନ୍ତେ ବିଳମ୍ବ ଦଶନ୍ଧି ଦଶନ୍ଧିର ହୋଇପାରେ । ଉଦାହରଣ ସ୍ୱରୂପ, ଜୀବନ ସାଥୀଙ୍କ ଭିତରେ ଘଟୁଥିବା ହିଂସା କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବାକୁ ନିଆଗଲେ ଜଣାପଡ଼େ ଯେ ବର୍ତ୍ତମାନ ଯେଉଁ ହାରରେ ଏହା କମିବାକୁ ଲାଗିଛି, ସେହି ଧାରା ବଜାୟ ରହିଲେ ଏହି ଲକ୍ଷ୍ୟ ସମ୍ପୂର୍ଣ୍ଣ ଭାବରେ ୨୦୯୦ ସୁଦ୍ଧା ହିଁ ହାସଲ ହୋଇ ପାରିବ । ଏ ସମ୍ପର୍କିତ ଅଧ୍ୟୟନ ନିମନ୍ତେ ଯେଉଁସବୁ ତଥ୍ୟ ଆହରଣ କରାଯାଇଛି, ସେଗୁଡ଼ିକ ନିଆ ଯାଇଛି ୨୦୧୫- ୧୬ ଏବଂ ପୁଣିଥରେ ୨୦୧୯-୨୧ରେ କରାଯାଇଥିବା ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ (ଏନ୍‌ଏଫ୍‌ଏସ୍‌ଏସ୍)ରୁ । କିଛି ବିଦ୍ୱାନ୍ ଏନ୍‌ଏଫ୍‌ଏସ୍‌ଏସ୍ ତଥ୍ୟ ଉପରେ କେତେକ ପ୍ରଶ୍ନ ଉଠାଇ ଥିବା ବେଳେ ମୋଟାମୋଟି ଫଳାଫଳ ଏବେ ସୁଦ୍ଧା ଉଦ୍‌ବେଗଜନକ ରହିଛି । ସବୁଯାକ ଏସ୍‌ଡିଜି ପୂରଣ କରା ନଗଲେ ପରିପୋଷଣୀୟତା ଦିଗରେ ପରିବର୍ତ୍ତନ ଯଥାର୍ଥରେ ସମ୍ଭବପର ହେବନାହିଁ । ଏଣୁ, ପାଞ୍ଚ ବର୍ଷରୁ କମ୍ ବୟସର ଶିଶୁଙ୍କ କ୍ଷେତ୍ରରେ ମୃତ୍ୟୁହାର କମାଇବାର ଲକ୍ଷ୍ୟ କ୍ଷେତ୍ରରେ ହେଉ ବା ଇଣ୍ଟରନେଟ୍ ଉବଲବ୍ଧତା ଏବଂ ଉନ୍ନତ ଶୌଚ ବ୍ୟବସ୍ଥା ପ୍ରଦାନରେ ଭାରତର ଉନ୍ନତ ପ୍ରଦର୍ଶନ ସତ୍ତ୍ୱେ ଅନ୍ୟାନ୍ୟ ଲକ୍ଷ୍ୟଗୁଡ଼ିକୁ ହାସଲ କରିବାରେ ବିଫଳତା ଏହାର ସାମଗ୍ରିକ ପ୍ରଦର୍ଶନକୁ ପଛକୁ ଭିଡ଼ି ଧରିବ, ଅର୍ଥାତ୍ ଗୋଟିଏ ବାକ୍ୟରେ କହିଲେ, ବାର ବର୍ଷର ତପସ୍ୟା ଶୁଖୁଆ ପୋଡ଼ାରେ ଯିବା ଭଳି ହେବ । ପାରିବେଶିକ ପ୍ରଦର୍ଶନ ସୂଚକାଙ୍କରେ ୧୮୦ ଦେଶଙ୍କ ତାଲିକାରେ ଭାରତ ସବା ଶେଷ ସ୍ଥାନକୁ ଖସି ଆସିଛି । ପାରିବେଶିକ ସଂରକ୍ଷଣ ହେଉଛି ପରିପୋଷଣୀୟ ବିକାଶର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ । ବସ୍ତୁବାଦର ଆଧିକ୍ୟ ଉପରେ ଗୁରୁତ୍ୱ ଏବଂ ସାମାଜିକ ରଢ଼ିବାଦ ଜନଜୀବନରେ ପ୍ରାଧାନ୍ୟ ବିସ୍ତାର କରିବାରେ ଲାଗିଛି । ଦୁର୍ଭାଗ୍ୟର କଥା ହେଉଛି, ଏଗୁଡ଼ିକ କିନ୍ତୁ ପରିପୋଷଣୀୟ ବିକାଶ କ୍ଷେତ୍ରରେ କ୍ୱଚିତ୍ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥାନ୍ତି ।

# ସାର୍ବଜନୀକ କ୍ଷେତ୍ର ଦେଶପାଇଁ ଜରୁରୀ

**ଗୋପାଳ ମହାପାତ୍ର**



ବିଂଶ ଶତାବ୍ଦୀର ଶେଷ ଦଶକରେ ସାରା ବିଶ୍ୱରେ ଏକ ନୂଆ ଅର୍ଥନୀତିର ଆରମ୍ଭ ହୋଇଥିଲା । ଏହି ଅର୍ଥନୀତିର ଆରମ୍ଭ ପରେ ଭୂମଣ୍ଡଳୀକରଣ, ଉଦାରୀକରଣ ଏବଂ ଘରୋଇକରଣ ଶବ୍ଦ ଧିରେ ଧିରେ ଲୋକପ୍ରିୟ ହେବାରେ ଲାଗିଲା । ଇଂରାଜୀରେ ଏହାକୁ ଏଲ୍.ପି.ଜି ବୋଲି କୁହାଗଲା । ସାରା ବିଶ୍ୱରେ ଏହି ଅର୍ଥନୀତି ସଫଳ ହେଉଛି ବୋଲି ପ୍ରଚାର ଓ ପ୍ରଚାର କରାଗଲା । ଏହାର ସଫଳତାପୂର୍ବକ ପ୍ରସାର ଏବଂ ମାନ୍ୟତା ହାସଲ ପଛରେ ସୋଭିଏତ୍ ସଂଘର ବିଭାଜନ ହିଁ ମୁଖ୍ୟ କାରଣ ବୋଲି କୁହାଯାଇପାରେ । ସୋଭିଏତ୍ ସଂଘ ଥିଲେ ବିଶ୍ୱ ଏକ ଧ୍ରୁବୀୟ ହୋଇପାରିନଥାନ୍ତ । କିମ୍ବା ଏଭଳି ଅର୍ଥନୀତି ବିନା ପ୍ରତିରୋଧରେ ବିଶ୍ୱସ୍ତରୀୟ ସଂସ୍ଥାମାନଙ୍କ ଦ୍ୱାରା ଲାଗୁ କରାଯାଇପାରିନଥାନ୍ତା । ଭାରତ ସରକାର ମଧ୍ୟ ବିକାଶ ପାଇଁ ଏହି ଏଲପିଜି ନୀତିକୁ ଅନୁସରଣ କରିଛନ୍ତି । ଏହି ନୀତିକୁ ପୂର୍ବବର୍ତ୍ତୀ ସରକାର ଆପଣେଇଥିଲେ, ହେଲେ ଫରକ ହେଉଛି ପୂର୍ବବର୍ତ୍ତୀ ସରକାର ସମୟରେ ଧିରେ ସୁସ୍ଥେ ଏହି ଅର୍ଥନୀତିକୁ କାର୍ଯ୍ୟକାରୀ କରାଯାଉଥିବା ବେଳେ ବର୍ତ୍ତମାନର ସରକାର ସଂସଦରେ ପୂର୍ଣ୍ଣ ବହୁମତ ପାଇଥିବାରୁ ଏହାକୁ ପୁରା ଦମ୍‌ରେ ଆଗେଇ ନେଉଛନ୍ତି । କେତେକ ହାତଗଣତି ଶିଳ୍ପପତିମାନଙ୍କୁ ଲାଭ ଦେବାପାଇଁ ଏହାକୁ କାର୍ଯ୍ୟକାରୀ କରାଯାଉଛି । ଏହି କାରଣରୁ ଘରୋଇକରଣ ପ୍ରକ୍ରିୟା ଜୋର୍‌ଦାର ହେବାରେ ଲାଗିଛି । କିଛି ଶିଳ୍ପପତିମାନଙ୍କ ସମ୍ପତ୍ତି ପ୍ରତିବର୍ଷ ବଢ଼ିବାରେ ଲାଗିଛି ଏବଂ ଅନ୍ୟପକ୍ଷରେ ଦେଶର ଗରିବ ଜନସାଧାରଣ ଦିନ ପ୍ରତିଦିନ ଅସୁବିଧାରେ ପଡୁଛନ୍ତି । ଏହି ପ୍ରକ୍ରିୟାର ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ଅଭିନ୍ନ ଅଙ୍ଗ ହେଉଛି ଦେଶର ସରକାରୀ କମ୍ପାନୀଗୁଡ଼ିକର ବିକ୍ରି ବା ଅନ୍ୟ ଅର୍ଥରେ ଘରୋଇକରଣ ।

କେନ୍ଦ୍ର ସରକାର ଏବେ ଘରୋଇକରଣ ଶବ୍ଦ ବଦଳରେ ବିନିବେଶୀକରଣ ଶବ୍ଦ ବ୍ୟବହାର କରୁଛନ୍ତି । ଏହା ଫଳରେ ଘରୋଇକରଣ ଶବ୍ଦର ନକରାତ୍ମକ ଧ୍ୱନୀ କମ୍ ହୋଇଯାଉଅଛି ଏବଂ କାମ ମଧ୍ୟ ସହଜ ହୋଇଯାଉଅଛି । ବର୍ତ୍ତମାନର କେନ୍ଦ୍ର ଅର୍ଥମନ୍ତ୍ରୀ ଆଉ ପାଦେ ଆଗେଇଯାଇ ଏକ ନୂଆ ଶବ୍ଦ ମୁଦ୍ରିକରଣ ଏହି ପ୍ରକ୍ରିୟାରେ ଯୋଡ଼ି ହୋଇଛନ୍ତି । ଏହାକୁ ସାଧାରଣ ଭାବରେ କହିବାକୁ ଗଲେ ସବୁ ଶବ୍ଦର ଅର୍ଥ ହେଉଛି ଘରର ସମ୍ପତ୍ତିକୁ ବିକ୍ରି କରି ନଗଦ ଅର୍ଥ ଯୋଗାଡ଼ କରିବା । ସରକାର ମଧ୍ୟ ଏହି କଥା ହିଁ କରୁଛନ୍ତି । ପ୍ରଶ୍ନ ଉଠିପାରେ ଏହି ପ୍ରକ୍ରିୟାରେ କ'ଣ ତ୍ରୁଟି ରହିଛି ? ବିଶ୍ୱର ଅନେକ ଦେଶରେ ଘରୋଇକରଣ ବ୍ୟବସ୍ଥା ଅନେକ ପୂର୍ବରୁ ରହିଛି । ଅନ୍ୟପକ୍ଷରେ ବିଜେପି ସବୁବେଳେ, ଜନସଂଘ ସମୟରୁ ଘରୋଇକରଣର ସମର୍ଥକ ରହିଛି ଓ ସାର୍ବଜନୀନ କ୍ଷେତ୍ରକୁ ବିରୋଧ କରୁଛି । ପ୍ରଧାନମନ୍ତ୍ରୀ 'ସରକାରର କାମ ଶିଳ୍ପସଂସ୍ଥା ଚଳାଇବା ନୁହେଁ, ସରକାର ଚଳାଇବା' ବୋଲି ଅନେକବାର କହିଛନ୍ତି । ତାଙ୍କ ପୂର୍ବରୁ ତାଙ୍କ ଦଳର ଅନେକ ନେତା ମଧ୍ୟ ଏହି କଥାକୁ ଦୋହରାଇଛନ୍ତି । ପ୍ରଶ୍ନ ହେଉଛି କ'ଣ ସାର୍ବଜନୀନ କ୍ଷେତ୍ରର ଆବଶ୍ୟକତାନାହିଁ । ସାର୍ବଜନୀକ ସଂସ୍ଥା ପ୍ରକୃତପକ୍ଷେ କ'ଣ ହାତୀ ପାଳିବା ଭଳି ବ୍ୟୟବହୁଳ ସଉକ କି? ଏହା କ'ଣ ସତ୍ୟ ?

ପ୍ରଥମେ ବୁଝିବା ଉଚିତ୍ ଯେ, ଭାରତରେ ସାର୍ବଜନିକ କ୍ଷେତ୍ର ବାସ୍ତବରେ ସେ ସବୁ ଆକାଂକ୍ଷାର ପ୍ରତିଫଳନ ଯାହା ସ୍ୱାଧୀନତା ଲଢେଇ ବେଳେ ପ୍ରସ୍ଫୁଟିତ ହୋଇଥିଲା । ସ୍ୱାଧୀନତା ସଂଗ୍ରାମୀ ବେଳେ ଚିଂ। କରାଯାଉଥିଲା ଯେ, ସ୍ୱାଧୀନତାପ୍ରାପ୍ତି ପରେ କେମିତି ଭାରତ ଗଠନ କରାଯିବ ? ଏହି ସ୍ୱପ୍ନ ସ୍ୱାଧୀନତା ସଂଗ୍ରାମର ବରିଷ୍ଠ ନେତାମାନେ ନିଜନିଜ ଦୃଷ୍ଟିରେ ଦେଖିଥିଲେ । ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଯେତେବେଳେ କଂଗ୍ରେସର ଅଧ୍ୟକ୍ଷ ହେଲେ, ସେ ସୋଭିଏତ୍ ସଂଘର ନୀତି ନିର୍ମାଣ ପ୍ରକ୍ରିୟାରେ ପ୍ରଭାବିତ ହୋଇ ଦଳ ଭିତରେ ଯୋଜନା ଆୟୋଗର ଗଠନ କରିଥିଲେ ଓ ଏହି ଆୟୋଗର ଉପାଧ୍ୟକ୍ଷ ଭାବେ ପଣ୍ଡିତ ଜବାହାରଲାଲ୍ ନେହେରୁଙ୍କୁ ଦାୟିତ୍ୱ ଦେଇଥିଲେ । ଦେଶ ସ୍ୱାଧୀନ ହେବାପରେ ଯୋଜନା ଆୟୋଗ ଦେଶର ବିକାଶ ଏବଂ ସାର୍ବଜନୀକ କ୍ଷେତ୍ରର ଆବଶ୍ୟକତା ଉପରେ ଅଧିକ ଗୁରୁତ୍ୱ ଦେଇଥିଲା । ଦେଶ ସ୍ୱାଧୀନ ହେବାପରେ ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁ ଯୋଜନା ଆୟୋଗ ତଥା ଏହାର ନୀତିକୁ କାର୍ଯ୍ୟକାରୀ କରିଥିଲେ ଯାହା ବାସ୍ତବରେ ସ୍ୱାଧୀନତା ଆନ୍ଦୋଳନର ଲକ୍ଷ୍ୟର ଅନୁରୂପ ଥିଲା । ଏକଥା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଯେ ସାର୍ବଜନୀକ କ୍ଷେତ୍ରରେ ନିର୍ମାଣ କରାଯାଇଥିବା ମୂଳଭୂତ ଶିଳ୍ପ ସଂସ୍ଥା, ନଦୀବନ୍ଧ, ସଡ଼କ ଓ ରେଳପଥ କାରଣରୁ ପରବର୍ତ୍ତୀ ସମୟରେ ଘରୋଇ କ୍ଷେତ୍ରର ବିକାଶ ଘଟିଥିଲା । ଏହାର ଏକ ଉଦାହରଣ ହେଉଛି, ବିଏସ୍‌ଏନ୍‌ଏଲ୍ । ବିଏସ୍‌ଏନ୍‌ଏଲ୍ ଟାୱାରକୁ ଜିଓ ଓ ଏୟାରଟେଲ୍ ଭଳି ସଂସ୍ଥା ବ୍ୟବହାର କରି ଅଧିକ ଫାଇଦା ପାଉଥିବା ବେଳେ ବିଏସ୍‌ଏନ୍‌ଏଲ୍ ଏବେ ତଳିତଳାନ୍ତ ଅବସ୍ଥାରେ । ଯଦି ସାର୍ବଜନୀକ କ୍ଷେତ୍ରରେ ବ୍ୟାପକ ନିବେଶ ହୋଇନଥାନ୍ତା, ତେବେ ସମ୍ଭବତଃ ଆମ ଦେଶରେ ଘରୋଇ ସଂସ୍ଥାମାନଙ୍କର ସଂଖ୍ୟା ବି ବଢ଼ିପାରିନଥାନ୍ତା । ସାର୍ବଜନୀକ କ୍ଷେତ୍ର କେବଳ ଯେ କେବଳ ଆମ ଦେଶର ସାମାଜିକ - ଆର୍ଥିକ ବିକାଶ ଏବଂ ରାଜନୈତିକ ସ୍ଥାୟୀତ୍ୱକୁ ଜନ୍ମଦେଇଛି ତାହା ନୁହେଁ, ଏଥିପାଇଁ ଗଣତନ୍ତ୍ର ମଧ୍ୟ ମଜଭୁତ ହୋଇଛି । ଭାରତରେ ଗଣତନ୍ତ୍ର ସାର୍ବଜନୀକ କ୍ଷେତ୍ର ଭଳି ବ୍ୟାପକ ଓ ବିକଶିତ ।

ଆମେ ଯଦି ବିଶ୍ୱର ବିକଶିତ ଦେଶମାନଙ୍କୁ ଦେଖିବା, ତେବେ ବୁଝିପାରିବା ଯେ, ଯେଉଁ ଦେଶରେ ଉଲ୍ଲେଖନୀୟ ଭାବେ ସାମାଜିକ ଆର୍ଥିକ ବିକାଶ ଘଟିଛି, ସେ ଦେଶରେ ଗଣତନ୍ତ୍ରର ସ୍ଥାୟୀତ୍ୱ ରହିଛି ଏବଂ ସାମାଜିକ କ୍ଷେତ୍ର ମଧ୍ୟ ବିକଶିତ ହୋଇଛି । ପୁଁଜିବାଦୀ ଦେଶରେ ମଧ୍ୟ ସାର୍ବଜନୀକ କ୍ଷେତ୍ର ରହିଛି । ସମସ୍ତ ବିକଶିତ ପୁଁଜିବାଦୀ ଦେଶରେ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଭଳି ସୁବିଧା ପାଇଁ ସାର୍ବଜନୀକ ଉପକ୍ରମ ରହିଛି । ଅନେକ ବିକଶିତ ଦେଶରେ ଆଧାରଭୂତ ଢାଞ୍ଚା ଘରୋଇ କମ୍ପାନୀ ହାତକୁ ଦିଆଯାଇନାହିଁ । ଭାରତରେ ସାର୍ବଜନୀକ କ୍ଷେତ୍ର ଏକ ବ୍ୟାପକ ମଧ୍ୟମବର୍ଗ ସୃଷ୍ଟି କରିଛି ଯାହା ପରମ୍ପରାଗତ କୃଷି ଅର୍ଥ ବ୍ୟବସ୍ଥା ଏବଂ ଅନୌପଚାରିକ ବଜାରରେ ସମ୍ଭବ ନୁହେଁ । ସାର୍ବଜନୀକ କ୍ଷେତ୍ର ହିଁ ଦେଶର ଆର୍ଥିକ ପ୍ରକ୍ରିୟାକୁ ସଂଗଠିତ ସ୍ୱରୂପ ପ୍ରଦାନ କରିଥାଏ ଏବଂ ଅଧିକ ସଂଖ୍ୟାରେ ନ ହେଲେ ବି କମ୍ ସଂଖ୍ୟକ ସଂଗଠିତ କ୍ଷେତ୍ରର ଶ୍ରମିକ ଓ କର୍ମଚାରୀମାନଙ୍କୁ ଆଥର୍ବିକ ସଶକ୍ତ କରିଥାଏ । ଏମାନେ ଧିରେ ଧିରେ ମଧ୍ୟମ ବର୍ଗରେ ପରିଣତ ହୋଇଥାଆନ୍ତି । ଏହି ମଧ୍ୟମ ବର୍ଗ ଦେଶରେ ଉପଭୋଗ ଏବଂ ଉତ୍ପାଦନ ପ୍ରକ୍ରିୟାକୁ ଗତିଶୀଳ କରି ବଜାର ବ୍ୟବସ୍ଥାକୁ ମଜଭୁତ କରିଥାଆନ୍ତି । ଯେତେବେଳେ ଆର୍ଥିକ ସଂକଟ ଏବଂ ମାନ୍ଦାବସ୍ଥା ଦେଖାଦିଏ, ସେ ସମୟରେ ସାର୍ବଜନୀକ କ୍ଷେତ୍ର, ମଧ୍ୟମବର୍ଗ ଏବଂ କୃଷି କେନ୍ଦ୍ରୀତ ଗ୍ରାମ୍ୟ ଅର୍ଥ ବ୍ୟବସ୍ଥା ସଂକଟକୁ ସୁଧାରିବା ଦିଗରେ ସହାୟକ ହୋଇଥାଏ ।

ଆମ ଦେଶରେ ସାର୍ବଜନୀକ କ୍ଷେତ୍ରର ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ବାବଦରେ ସାଧାରଣତଃ ଗୋଟିଏ କଥା ଚର୍ଚ୍ଚା ହୁଏ, ତାହା ହେଉଛି ସାମାଜିକ ନ୍ୟାୟର ସମୃଦ୍ଧିକରଣ । ଭାରତରେ ସାମାଜିକ ବିବିଧତା ରହିଛି । ଯଦି ସ୍ୱାଧୀନତା ପରେ ଏହି କ୍ଷେତ୍ରର ବିକାଶ ଘଟିନଥାନ୍ତା, ତେବେ ହୁଏତ ସାମାଜିକ, ଆର୍ଥିକ ପଛୁଆବର୍ଗ ଉତ୍ତମ ଶିକ୍ଷାପ୍ରାପ୍ତି କରିପାରିନଥାନ୍ତେ କିମ୍ବା ସମ୍ମାନଜନକ ରୋଜଗାର ହାସଲ କରିପାରିନଥାନ୍ତେ । କିନ୍ତୁ ସାର୍ବଜନୀକ କ୍ଷେତ୍ର ଯୋଗୁଁ ହିଁ ଏହି ବର୍ଗର ଅନେକ ଲୋକ ଆଜି ସମ୍ମାଜନକ ପଦପଦବୀରେ ଅବସ୍ଥାପିତ ହୋଇପାରିଛନ୍ତି । ଭାରତ ଭଳି ଦେଶରେ ସାର୍ବଜନୀକ କ୍ଷେତ୍ରର କୌଣସି ବିକଳ୍ପ ନାହିଁ । ଏହି କ୍ଷେତ୍ରକୁ ଘରୋଇକରଣ କରାନଯାଇ ବରଂ ଏହାର ଅଧିକ ବିକାଶ କରାଯିବା ଉଚିତ୍ । ଏହା କେବଳ ଆର୍ଥିକ ବିକାଶ ଏବଂ ସମ୍ପନ୍ନତାର ଉପକରଣ ନୁହେଁ ବରଂ ଏହାକୁ ସ୍ୱାଧୀନତା ଲଢେଇର ସ୍ୱପ୍ନ, ଗଣତନ୍ତ୍ର ତଥା ସାମାଜିକ ନ୍ୟାୟ ଏପରିକି ମର୍ଯ୍ୟଦାର ମାଧ୍ୟମ ବୋଲି ବିଚାର କରାଯିବା ଉଚିତ୍ ।

ରାମଚନ୍ଦ୍ରପୁର, ରଣପୁର
ମୋ-୯୪୩୮୪୮୫୦୯୪

# ତାଙ୍କର ବ୍ୟକ୍ତିଗତ ଜୀବନ ହିଁ ଥିଲା ସାମାଜିକ ଜୀବନ

**ନମିତା ରାଉତ**



(ତା.୦୪-୦୩-୨୦୨୩ ରିଖ (ଶନିବାର) ଅର୍କନାରାୟଣ ମହାନ୍ତିଙ୍କ ପ୍ରଥମବାର୍ଷିକ ସ୍ମୃତି ଦିବସ ଉପଲକ୍ଷେ)

ନୂଆ କରି ସାମ୍ବାଦିକତା ଜୀବନ ଆରମ୍ଭ କରିଥାଏ । ପ୍ରଥମଥର ପାଇଁ ଉଦଳା ମହୋତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକରେ ଯୋଗ ଦେଇଥାଏ । ସରୋଜ କୁମାର ସେଠୀ ସେ ସମୟରେ ଉପଜିଲ୍ଲାପାଳ ଥାଆନ୍ତି । ହଠାତ ବରିଷ୍ଠ ସାମ୍ବାଦିକ ସନ୍ତୋଷ ବାଛିନୀ କହି ଉଠିଲେ 'ଜଲୁ ଭାଇଙ୍କ ସହିତ କଥା ନହେଲେ କିଛି ନିଷ୍ପତ୍ତି ନେଇହେବ ନାହିଁ ।' ପୁଣି ସେହିକଥାଟିକୁ ସେଦିନ ବୈଠକରେ ଉପସ୍ଥିତ ଥିବା ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଦୋହରାଇଲେ । ଏପରିକି ବିଧାୟକ ଓ ଉପଜିଲ୍ଲାପାଳ ମଧ୍ୟ କହିଲେ 'ଅର୍କବାବୁଙ୍କ ସହିତ ଆଲୋଚନା ପରେ ପରବର୍ତ୍ତି ବୈଠକରେ ଆମେ ଏକତ୍ରୀତ ହେବା' । ଏହାଶୁଣି ମୁଁ ମନେ ମନେ ଖୁବ ଆଶ୍ଚର୍ଯ୍ୟ ହେଲି, ଜଲୁ ଭାଇ ଓରଫ ଅର୍କବାବୁ ଯେ ଜେଣ ବ୍ୟକ୍ତି ଏକଥା ବୁଝିବାରେ ଅସୁବିଧା ହେଲା ନାହିଁ । କିନ୍ତୁ ଏହି ବ୍ୟକ୍ତି ଜଣକ ଯେ ସମସ୍ତଙ୍କ ପାଇଁ କେତେ ଦରକାରୀ ତାହା ବେଶ ଭଲ ଭାବରେ ଅନୁଭବ କଲି । ଏମିତି କିଛିଦିନ ବିତିଗଲା ପରବର୍ତ୍ତି ବୈଠକରେ ଜଲୁ ଭାଇ ଓରଫ ଅର୍କନାରାୟଣ ମହାନ୍ତିଙ୍କ ସହିତ ବୈଠକରେ ସାକ୍ଷାତ ହେଲା । ବୟସରେ ସେ ମୋ ବାପାଙ୍କ ସମସ୍କନ୍ଧ ହେବେ । ନିଷ୍ପାପର ଜୀବନ, ରୋକଠୋକ ସ୍ୱଭାବ ସାଙ୍ଗକୁ ଶାନ୍ତ ଓ ନମ୍ରତାର ଭାବ ବେଶ ଭଲଭାବରେ ଫୁଟି ଉଠୁଥିଲା ତାଙ୍କ ଠାରେ । ତାଙ୍କ ଉପସ୍ଥିତି ଯୋଗୁଁ ସେଦିନ ସମସ୍ତେ ଆଶ୍ୱସ୍ତ ଅନୁଭବ କରିଥିଲେ । ଖାଲି ସେତିକି ନୁହେଁ ପରେ ଜାଣିଲି ସେ ଏକାକୀ ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ଶବ ସତ୍କାର କରିଛନ୍ତି । ଏ କ୍ଷେତ୍ରରେ ସେ ଧନୀ, ଦରିଦ୍ର, ଜାତି, ଧର୍ମ, ବର୍ଣ୍ଣର ବାଛବିଚାର ଆଦୌ ରଖନ୍ତି ନାହିଁ । ଖରା, ବର୍ଷା, ଶୀତ ସବୁକିଛି ପରିସ୍ଥିତିରେ ସେ ସସମ୍ମାନେ ଶବକୁ ସତ୍କାର କରିଥାନ୍ତି । ଏଥିପାଇଁ ସମଗ୍ର କପ୍ତିପଦା ଉପଖଣ୍ଡରେ ତାଙ୍କର ରହିଛି ଏକ ସ୍ୱତନ୍ତ୍ର ପରିଚୟ । ସତେ ଯେମିତି ଶେଷ ଠିକଣା ଖୋଜୁଥିବା ମଣିଷଙ୍କ ପାଇଁ ସେ ଥିଲେ ଏକମାତ୍ର ଭରଷା । ଏମିତି ତାଙ୍କ ବିଷୟରେ ଅନେକ କଥା ଶୁଣିବା ସହିତ ଜାଣିଲି ଓ ଅନୁଭବ କଲି । ତାଙ୍କର ବ୍ୟକ୍ତିଗତ ଜୀବନ ହିଁ ଥିଲା ସାମାଜିକ ଜୀବନ । ଉଦଳାରେ ଗାୟତ୍ରୀ ଯଜ୍ଞ, ଦେବକୁଣ୍ଡରେ ଯଜ୍ଞର ଆୟୋଜନର ସେ ନେଉଥିଲେ ନେତୃତ୍ୱ । ସେହିପରି ବସ୍‌ଷ୍ଟାଣ୍ଡରେ ଥିବା ଜଗଦ୍ଧାତ୍ରୀ ମନ୍ଦିର, ମଣିନାଗେଶ୍ୱର ଶିବମନ୍ଦିର ନିକଟସ୍ଥ ଗାୟତ୍ରୀ ମନ୍ଦିର ପ୍ରତିଷ୍ଠାର ସେଥିଲେ ମୁଖ୍ୟ ସୂତ୍ରଧର । ଏହିଭଳି ଜଣେ ମହାନ ବ୍ୟକ୍ତିଙ୍କର ଅବର୍ତ୍ତମାନ ବାସ୍ତବରେ ସୃଷ୍ଟି କରିଛି ଆଜି ଏକ ବଡ଼ ଶୂନ୍ୟସ୍ଥାନ । ସମାଜସେବାରେ ନିଜକୁ ଏତେ ମାତ୍ରାରେ ନିୟୋଜିତ କରି ମଧ୍ୟ କେବେ କେଉଁଠୁ ପୁରସ୍କାର ବା ସମ୍ବର୍ଦ୍ଧନା ପାଇବା ପାଇଁ ସେ ଲବି କରି ନାହାଁନ୍ତି । ବାସ୍ତବରେ ପୁରସ୍କାର ବା ସମ୍ବର୍ଦ୍ଧନା ଠାରୁ ସେ ଥିଲେ ବହୁ ଉର୍ଦ୍ଧ୍ୱରେ । ଆଜିର ପ୍ରଥମ ବାର୍ଷିକ ସ୍ମୃତି ଦିବସ ଅବସରରେ ଈଶ୍ୱରଙ୍କ ନିକଟରେ ତାଙ୍କର ସଦ୍‌ଗତି କାମନା କରୁଛି ।

+ ଉଦଳା, ମୟୂରଭଞ୍ଜ
ମୋ- ୯୪୩୭୨୩୮୨୫୪






## କ'ଣ କରିବି ଦିନଟିଏ ନେଇ

**ସ୍ମିତା ପଣ୍ଡା**

କ'ଣ କରିବି ଦିନଟିଏ ନେଇ
ସବୁତ ସେମିତି ପଡ଼ି ରହିଛି
ଟେବୁଲ୍ ଉପରେ କାର୍ଡ଼, ଫୁଲତୋଡ଼ା
ଫୋନ୍‌ରେ ମେସେଜ୍
ସମ୍ବାଦରେ ଶିରୋନାମା
ବର୍ଷ ବର୍ଷ ଧରି ଲାଗି ରହିଥିବା
ବିଚାର ଧାରା
ଯୋଉ ବିଚାର ଧାରା
ନଥାଏ ଆଉ କାହା ପାଖରେ
ପଶୁପକ୍ଷୀ ଭିତରେ
ଗଛପତ୍ର ଠାରେ ।

କ'ଣ କରିବି ଦିନଟିଏ ନେଇ
ରାତି ପାହିଗଲେ
ପ୍ରତିଦିନ ମୋର ତ ଆପେ ଆପେ
ମନେ ପଡ଼ିଯାଏ
ମୁଁ ଯେ ନାରୀଟିଏ
ମୋ ପାଇଁ ପୁଣି କ'ଣ ଦିନଟିଏ ?

ଏହି ଦିନରେ ବି ମୁଁ କାନ୍ଦି ପାରେ
ଅନ୍ଧାରକୁ ଭୟ କରେ
କୋଉଠି ନା କୋଉଠି
କିଛି ନା କିଛି ଘଟେ
କୁନିଝିଅ ବାହାରକୁ ଗଲେ
ଛାତି ମୋର ଧଡ୍‌ଧଡ୍ କରେ
ରାତି ପାହେ
ଦିନ ପୁଣି କଡ଼ ଲେଉଟାଏ ।

କ'ଣ କରିବି ଦିନଟିଏ ନେଇ
ଯଦି ଖବର ସବୁ
ଖବରରେ ନ ରୁହେ
ଭୁଲିବା ଆଉ ମନେ ପକେଇବା
ସବୁ ସ୍ୱତଃସିଦ୍ଧ ହୁଏ
କ'ଣ କରିବି ଦିନଟିଏ ନେଇ
ମୁଁ ଜାଣିଥିବା ଦିନଟିକୁ
ନ ଜାଣିଥିବା ଆଉ କେହି ଯଦି
ମୋ ଠାରୁ
ଢେର୍ ଭଲରେ ବିତାଉ ଥାଏ ।

ନରସିଂହପୁର, କଟକ
ମୋ: ୭୦୦୮୨୪୩୬୭୨

## ଦାଦନର ଦୁଃଖ

**ବେଣୁଧର ସୂତାର**



ଆଖିରେ ସପନ ହୃଦୟେ କଂପନ
ମନରେ ଅଜଣା ଭୀତି
ଆଜି କିଆଁ ଏତେ ମନେ ପଡୁଅଛି
ମାନମୟୀ ପ୍ରିୟା ପ୍ରୀତି
ତାରୁଣ୍ୟ ତନୁର ତାତି
ଦୂର ଅତୀତ ସେ ସାଇତା ସ୍ୱପ୍ନର
ଜୀବନର ମଧୁ ସ୍ମୃତି ।

ଅପ ଦେବତାର ଅଭିସଂପାତରେ
ଭାଗ୍ୟ ମୋ ଦେଲାନି ସାହା
ଅଭାବ ରାହୁର ଜଠରେ ହଜିଲା
ବଂଚିବାର ଶେଷ ରାହା
ଜୀବନ ଜୀବିକା ବୃତ୍ତି
ଅର୍ଥପାଇଁ ଆଜି ବିଦେଶ ମାଟିରେ
ଖଟୁଛି ଦାଦନ ଗୋତି ।

କିଏବା ବୁଝିବ ଦାଦନର ଦୁଃଖ
ଆକୁଳ ପ୍ରାଣର ତୃଷା
ଅଭାବ ଯାହାର ଜୀବନ ଲିପିର
ନୈରାଶ୍ୟ ର ପରିଭାଷା
ଭଗ୍ନ ବୁକୁର କୋହ
ଭାଗ୍ୟ ଭୂଗୋଳର
ବେଦନା ବଳୟେ
ଉଜୁଡିଛି ପ୍ରାଣ ମୋହ ।

ଅଭାବି ସଂସାର ଯାତନା ଯଜ୍ଞର
ଲେଲିହାନ ଅଗ୍ନି ଶିଖା
ଭାଗ୍ୟ ଭବିଷ୍ୟର ଅଜଣା ଆତଙ୍କ
ଲଙ୍ଘିଛି ଲକ୍ଷ୍ମଣ ରେଖା
ଲଗାଇ ଜୀବନ ବାଜି
ଦାଦନ ଶ୍ରମିକ ଶୋଷଣ ଜୁଇରେ
ବୟସ ଯାଇଛି ହଜି ।

ଉଜୁଡା କ୍ଷେତରେ ଲହଡ଼ି ମାରୁଛି
ଭଙ୍ଗା ସପନର ଢେଉ
ଯନ୍ତ୍ରଣା ଅନଳେ ନିତି ମୁହିଁ ଜଳେ
ସହି ନିୟତିର ଦାଉ
ବିଧାତା ଦେଇଛି ଦୁଃଖ
କିଏବା ପଢିବ ଦାଦନ ପ୍ରାଣର
ବେଦନାର ଅଭିଲେଖ ।।

କେଶଦୁରାପାଳ କେନ୍ଦୁଝର
ମୋ: ୯୧୭୮୫୬୮୨୪୬

## ବାର୍ଦ୍ଧକ୍ୟ

**ପ୍ରଭାତ କୁମାର ଆଚାର୍ଯ୍ୟ**



ବାଲ୍ୟ, କୈଶୋର, ଯୌବନର
ପରେ ପରେ ଆସି ଯାଏ ସେ
ସେ ଝରିପଡୁଥିବା ପାଚିଲା ପତ୍ର
ହଳିଆର ଭଙ୍ଗା ଜୁଆଳି
ଦାଢ଼ ନ ଥିବା ବଢେଇ କରତ ।
ଭରସାହୀନ ପ୍ରାଣ ନେଇ
ନିତି ମୃତ୍ୟୁକୁ ଅପେକ୍ଷା କରିଥିବା
ଦୁସ୍ଥ ସମୟଟିଏ ।
ସେ ଆସେ
ପ୍ରତିଟି ଶରୀରେ ଶରୀରେ
ବିବର୍ତ୍ତନର ସଙ୍କେତ ନେଇ ।
ଚମ ଧୁଡୁ ଧୁଡୁ
ଝାପ୍ସା ଝାପ୍ସା ଆଖିର ତରଙ୍ଗ
ଦନ୍ତହୀନ, ଶିରାଳ କଙ୍କାଳ
ଯୌବନକୁ କବର ଦେଇ ।
ତଥାପି ଏ ମୂଢ଼ ମଣିଷ
ଜାଣିପାରେ ନାହିଁ
ଏହା କେଉଁ ଏକ ଅଳୀକ ସ୍ୱପ୍ନରେ
ମସଗୁଲ ହେଉଥିଲା ପ୍ରାଣ,
କର୍ମର ପ୍ରବଣତା,
ରୂପର ସୌନ୍ଦର୍ଯ୍ୟ ?
ଅହଂକାରୀ କରିଥିଲା ତାକୁ ।
କିନ୍ତୁ ଯୌବନ ଓ ବୟସ
ମେଲାଣି ନେଲା ପରେ
ଫିକା ଫିକା ଲାଗିଲା ସମ୍ପର୍କ
ଉଦ୍ଦାମତାର କବର ଉପରେ ଠିଆ
ହୋଇ ଅଟ୍ଟହାସ କରୁଛି
ନିର୍ଦ୍ଦୟ ବାର୍ଦ୍ଧକ୍ୟ ।

+ ସିଦ୍ଧେଶ୍ୱର କଲୋନୀ,ଜାନୁଗଞ୍ଜ,
ବାଲେଶ୍ୱର

## ପ୍ରତାରଣା

**ଦିନେଶ ମେହେର**

ସେମିତି ତ,
କିଛି ବି ଫରକ୍ ପଡିଲାନି
ଯିଏ ଆସିଲା, ସିଏ କୋଷିଲା
ଭାଗ୍ୟକୁ, ଭାଗ୍ୟର ବିଡମ୍ବନାକୁ ।

ଥରେ ଚିନ୍ତା କଲେ ବୁଝି ହେଇ ଯାଏ
ତମାମ୍ ଭଲପାଇବାପଣ ଟା କ'ଣ ?
ଆଖି ବୁଜି ହୋଇଯାଏ
ଅଦିନରେ ଝରି ଯାଉଥିବା
ଲୁହରେ ଭିଜି ଭିଜି,

ରାତିରେ, ଛାଇନିଦ ଆସିଲା ବେଳକୁ
ହଠାତ୍
ଚେତେଇ ଦିଏ ବହୁ ଦିନରୁ
ମନ ଭିତରେ ଉଙ୍କି ମାରୁଥିବା
ଅଦେଖା ସ୍ୱପ୍ନ ସବୁ,
ଏତେ ସପନ କୁ ରାତି କାହିଁ ଯେ
ଭାବିଲା ବେଳକୁ
ଥପ୍ ଥପ୍ ହେଇ ଆଖି ତଳୁ
ଗଡେଇ ହୋଇଯାଏ
ଯନ୍ତ୍ରଣାର ଉଷୁମ ଲୁହ ସବୁ,

ଲୁହ ତ ଏବେ
ଲୁଣିଆ ଲୁଣିଆ ଝାଳ ସମାନ,
ଏତେ ଦିନ ହେଲା
ନିହାଣ ର ଚୋଟ ବାଜିଥିବା
କୋଣାର୍କ ପଥର ଟେ ସାଜିଲି,
ଆଉ କେଇଟା ଦିନ ଯେ
ଅପେକ୍ଷା ତ
ଆଉ ଗୁଟେ ନୂଆ ସକାଳକୁ ।

ପଳାସ, କଳାହାଣ୍ଡି ।







କାର୍ତ୍ତିକ ସାଇଁ

# ମିନା ଅପାଙ୍କ ରାମାୟଣ ଟୁଙ୍ଗି (୭୮)

## ଇନ୍ଦ୍ରଜିତ୍ ବଧ



(ପୂର୍ବ ପ୍ରକାଶିତ ଉତ୍ତାରୁ)

"ନଦୀ ଦୁଇକୂଳ ଖାଇଲା ପରି ଯୁଦ୍ଧ ସର୍ବଦା ଦୁଇ ଲଢୁଥିବା ଦଳର କ୍ଷତି କରେ। ଶ୍ରୀରାମଙ୍କ ସେନାରେ ଥିବା ଅନେକ ବାନର ଓ ଭଲ୍ଲୁକଙ୍କର ସ୍ୱର୍ଗପ୍ରାପ୍ତି ହେଲା। ସେହିପରି ରାବଣ ତାର ଅନେକ ସୈନ୍ୟ, ପୁତ୍ର ଓ ସେନାପତିଙ୍କୁ ଯୁଦ୍ଧରେ ହରାଇଲା।" ମିନା ଅପା ରାମାୟଣ କଥା ଆରମ୍ଭ କଲେ।

ଲଙ୍କାରେ ଯୁଦ୍ଧ ଜାରି ରହିଥିଲା । ଦୁଷ୍ଟ ରାବଣ ଭୁଲ ମାଗିବାକୁ ପ୍ରସ୍ତୁତ ନଥିଲା କିମ୍ବା ସୀତାଙ୍କୁ ଛାଡ଼ିବାକୁ ଇଚ୍ଛା କରୁନଥିଲା। ଯୁଦ୍ଧକୁ ଗୋଟିଏ ପରେ ଗୋଟିଏ ପୁତ୍ରଙ୍କୁ ପଠାଇଥିଲା। ବିଭୀଷଣଙ୍କ ପୁତ୍ର ତରଣୀସେନଙ୍କ ପରେ ତାର ପୁତ୍ର ବୀର ବାହୁକୁ ଯୁଦ୍ଧକୁ ପଠାଇ ଥିଲା। ବୀରବାହୁ ବିଷ୍ଣୁଭକ୍ତ ଥିଲା ଓ ବଳଶାଳୀ ଥିଲା।



ତରଣୀସେନ ପରି ସେ ମଧ୍ୟ ଶ୍ରୀରାମଙ୍କ ଶରରେ ମରି ସ୍ୱର୍ଗପ୍ରାପ୍ତି ହୋଇଥିଲା।

ରାବଣ ପୁତ୍ର ଇନ୍ଦ୍ରଜିତ୍ ପ୍ରତିଥର ଯୁଦ୍ଧକୁ ଆସି ମାୟା ଯୁଦ୍ଧ କରି ବାନର ସେନାକୁ ପରାଜିତ କରିଥିଲା। ଦି ଦି ଥର ରାମ ଲକ୍ଷ୍ମଣଙ୍କ ପ୍ରତି ବ୍ରହ୍ମାସ୍ତ୍ର ପ୍ରୟୋଗ କରି ତାଙ୍କୁ ଅଚେତ କରିବାରେ ସଫଳ ହୋଇଥିଲା। ଶ୍ରୀରାମ ବିଷ୍ଣୁଙ୍କ ଅବତାର ଓ ଲକ୍ଷ୍ମଣ ଶେଷନାଗଙ୍କ ଅବତାର ଥିଲେ। ତେଣୁ ତାଙ୍କୁ ବ୍ରହ୍ମାସ୍ତ୍ର କିଛି ସମୟ ଲାଗି ଅଚେତ୍ କରୁଥିଲା ସତ, ତାଙ୍କର କିଛି କ୍ଷୟ କ୍ଷତି କରି ପାରୁନଥିଲା। ଇନ୍ଦ୍ରଜିତ୍ ମଧ୍ୟ ଏପରି କଥାରେ ଆଶ୍ଚର୍ଯ୍ୟ ଚକିତ ହୋଇଥିଲା। ଶେଷକୁ ସେ ନିଜର ପିତାଙ୍କ ମାନସମ୍ମାନ ରକ୍ଷା କରିବାକୁ ସେ ନିକୁମ୍ଭିଲ ବଟମୂଳେ ଯଜ୍ଞ ଆରମ୍ଭ କଲା।

ଯଜ୍ଞ ଆରମ୍ଭ ହେବା ଆଗରୁ ଇନ୍ଦ୍ରଜିତ୍ ଏକ ମାୟା ଯୁଦ୍ଧ କରିଥିଲା ଓ ସୀତାଙ୍କର ଏକ ମାୟା ରୂପ କରି ତାହାକୁ ଯୁଦ୍ଧରେ ବଧ କରିଥିଲା। ମାୟା ସୀତା ଠିକ୍ ମା ସୀତାଙ୍କ ପରି ଥିଲା। ଇନ୍ଦ୍ରଜିତର ଉଦ୍ଦେଶ୍ୟ ଥିଲା- ମାୟା ସୀତାଙ୍କ ମୃତ୍ୟୁରେ ରାମ ଓ ଲକ୍ଷ୍ମଣ ଦୁଃଖୀ ହୋଇଯିବେ ଓ ଲଙ୍କା ଛାଡ଼ି ଚାଲିଯିବେ। ଯଦିଓ ପ୍ରଥମେ ରାମ ଓ ତାଙ୍କ ସେନା ଦୁଃଖୀ ହୋଇ ପଡ଼ିଥିଲେ ପରେ ଇନ୍ଦ୍ରଜିତର ଚାଲ ବୁଝି ପାରିଥିଲେ।

ଇନ୍ଦ୍ରଜିତ୍ ବଧର ସମୟ ଉପଗତ ହୋଇଯାଇଥିଲା। ବିଭୀଷଣ ଗୁପ୍ତଚର ମାନଙ୍କଠାରୁ ଏ ଖବର ପାଇ ଯାଇଥିଲେ ଯେ ଇନ୍ଦ୍ରଜିତ୍ ନିକୁମ୍ଭିଲା ବୃକ୍ଷମୂଳେ ଯଜ୍ଞ ଆରମ୍ଭ କରିଛି। ବିଭୀଷଣ ଏ କଥା ଜାଣିଥିଲେ ଇନ୍ଦ୍ରଜିତ୍ ଥରେ ଯଜ୍ଞ ସମାପ୍ତି କଲେ ସେ ଏକ ଦିବ୍ୟ ରଥ ଦେବଦଳନ ପ୍ରାପ୍ତ ହେବ ଓ ସେ ରଥରେ ଥିଲାବେଳେ ତାକୁ କେହି ମାରିପାରିବେନି। ସେ ସଂଗେ ସଂଗେ ରାମକୁ ଏ କଥା ସୂଚିତ କଲେ।

ଶ୍ରୀରାମ ଚିନ୍ତାରେ ପଡ଼ିଗଲେ। ଇନ୍ଦ୍ରଜିତ୍ ମୃତ୍ୟୁ ସଂପର୍କ ଆଉ କିଛି ଆଶ୍ଚର୍ଯ୍ୟ ସର୍ତ୍ତ ଥିଲା। ଏ କଥା ବୃଦ୍ଧ ଜାମ୍ବବାନ ଶ୍ରୀରାମଙ୍କୁ କହିଥିଲେ। ବାର ବର୍ଷ କାଳ ନିଦ୍ରା, ମୈଥୁନ ଓ ଖାଦ୍ୟଠାରୁ ଦୂରରେ ଅଛନ୍ତି।

ଇନ୍ଦ୍ରଜିତ୍ ନିକୁମ୍ଭିଲା ବଟମୂଳେ ଯଜ୍ଞ ଆରମ୍ଭ କରି ଦେଇଥିଲା। ସେ ଜାଣିଥିଲା- ଯଜ୍ଞ ସାରିଲେ ସେ ଅଜେୟ ହେବ। ସେଥିଲାଗି ସେ ଏକ ବିଶାଳ ବ୍ୟୁହ ରଚନା କରି ତା ଭିତରେ ତାର ଯଜ୍ଞ କାର୍ଯ୍ୟ କରୁଥିଲା।

ଶ୍ରୀରାମଙ୍କଠାରୁ ଅନୁମତି ନେଇ ଲକ୍ଷ୍ମଣ, ବିଭୀଷଣ, ହନୁମାନ ଓ ଅନ୍ୟମାନେ ଇନ୍ଦ୍ରଜିତ୍ ସହିତ ଯୁଦ୍ଧ କରିବାକୁ ବାହାରିଗଲେ। ପ୍ରଥମେ ହନୁମାନ ଓ ଲକ୍ଷ୍ମଣ ଇନ୍ଦ୍ରଜିତର ବ୍ୟୁହ ଭେଦ କଲେ। ହନୁମାନ ଇନ୍ଦ୍ରଜିତର ଯଜ୍ଞ ସ୍ଥଳରେ ପହଂଚି ଯଜ୍ଞ କାର୍ଯ୍ୟରେ ବାଧା ସୃଷ୍ଟି କଲା, ମାତ୍ର ହନୁମାନଙ୍କ ଉପଦ୍ରବ ତାର ଧ୍ୟାନ ଭଗ୍ନ କଲା। ବାଧ୍ୟ ହୋଇ ସେ ଯୁଦ୍ଧ କରିବାକୁ ନିଜର ରଥ ଉପରେ ବସିଲା।

ଇନ୍ଦ୍ରଜିତ୍ ଜାଣି ଯାଇଥିଲା- ତାର ମୃତ୍ୟୁ ଅତି ନିକଟ। ମରିବା ଆଗରୁ ସେ ତାର ପରାକ୍ରମ ଦେଖାଇଲା। ଭୀଷଣ ଯୁଦ୍ଧ କରି ସେ ହନୁମାନ ଓ ଅଙ୍ଗଦଙ୍କୁ ଧରାଶାୟୀ କଲା। ମାତ୍ର ଲକ୍ଷ୍ମଣଙ୍କ ଶର ଆଗରେ ସେ ନିସ୍ତେଜ ହୋଇଉଠିଲା। ତା' ମାୟା ଯୁଦ୍ଧ ଆଉ କାମ କଲାନି। ଶେଷକୁ ଲକ୍ଷ୍ମଣ ଇନ୍ଦ୍ର ପ୍ରଦତ୍ତ ଏକ ଶରର ପ୍ରୟୋଗ କରି ଇନ୍ଦ୍ରଜିତକୁ ବଧ କଲେ।

ଇନ୍ଦ୍ରଜିତ ବଧ ସହିତ ରାବଣ ଶକ୍ତିଶୂନ୍ୟ ହୋଇଗଲା। ମିନା ଅପା ରାମାୟଣ କଥା ଏଇଠି ରଖିଲେ। (କ୍ରମଶଃ)

+ମୋ: ୯୯୮୦୩୦୦୭୫୧

# ଜେଜେଙ୍କ ଅକଲ କାମକଲା



ନଗେନ୍ଦ୍ର ନାଥ ପଟ୍ଟନାୟକ



କୋମଳମତି ପିଲାଏ ସ୍ୱଭାବରେ ଚପଳ, କିନ୍ତୁ ପ୍ରତିମା ଭାରି ଚଂଚଳ। ତା ବାପା କଲିକତାରେ ଚାକିରି କରୁଥିବାରୁ ବର୍ଷକରେ ଥରୁଟିଏ ମାତ୍ର ଘରକୁ ଆସନ୍ତି। ମାମା, ସାନଭାଇ, ଜେଜେ ଆଉ ଜେଜେମାଙ୍କ ସାଥିରେ ସେ ରହୁଥାଏ। ତାଠୁ ଦି ବର୍ଷ ସାନ କୁନିଭାଇ ମଂଟୁ। ପଂଚମ ଶ୍ରେଣୀରେ ଛାତ୍ର। ଖୁବ୍ ଭଲ ପଢୁଥିବାରୁ ଜେଜେ ଜେଜମା ତାକୁ ବହୁତ ଭଲ ପାଆନ୍ତି। ସ୍ନେହ ଆଦର କରନ୍ତି। ଅତି ଖରାପ ପଢାଲେଖା ପାଇଁ ପ୍ରତିମାଙ୍କୁ ଖୁବ୍ ଗାଳିମାଡ ଖାଇବାକୁ ପଡେ ଗୁରୁଜୀ ଗୁରୁମାଙ୍କଠାରୁ। ପ୍ରତିମା ମାମାକୁ ଜେଜେ ବୁଝାଇଲେ ଝିଅ ପାଠପଢାରେ ମନଧ୍ୟାନ ଦେଉନି। ସଦାବେଳେ ଆନମନା ହୋଇ ରହୁଛି। ତାକୁ ତୁମେ ଆକଟ କଲେ ଯାଇ ସେ ପାଠପଢାରେ ମନଯୋଗ ଦେବ। ଚଂଚଳ ମନ ଧୀରସ୍ଥିର ହେଲେ ତା ପଢାଲେଖାରେ ସୁଧାର ଆସିବ। କିନ୍ତୁ ତାର ଏ ସ୍ୱଭାବରେ ସୁଧାର ଆସିବ କିପରି ବୋଲି ପ୍ରଶ୍ନକଲେ ପ୍ରତିମା ମାମା । ପାକୁଆ ପାଟିରେ ମୁରୁକି ହସ ଫୁଟାଇ ଶ୍ୱଶୁର କହିଲେ-ତାକୁ ମୋ ହାତରେ ଛାଡିଦିଅ।

ପରଦିନ ବିଦ୍ୟାଳୟରୁ ଫେରିଲା ପ୍ରତିମା। ବସ୍ତାନିକୁ ଘରେ ଝଟକନା ଫିଙ୍ଗି ଫୋପାଡି ଦେଇ ଖେଳିବା ପାଇଁ ପଡିଆକୁ ଯିବାବେଳେ ଜେଜେ ବଡ ପାଟିରେ ଡାକ ଛାଡିଲେ-ପ୍ରତିମା, ମୋ ପାଇଁ ଟିକେ ଚିଠିଟେ ଲେଖିଦେଲୁ। ତୋ ବାପା ପାଖକୁ ଖବର ପଠେଇବାକୁ ପଡିବ। ପ୍ରତିମା ଆନମନା ହୋଇ ଜେଜେଙ୍କ ଆଦେଶକୁ ପାଳନ କରିବା ସକାଶେ ସାଦା କାଗଜ ଆଉ କଲମଟେ ଧରି ଲଥକିନା ବସିପଡିଲା। ଦେଖ ଝିଅ, ଧୀରେଧୀରେ ଅତି ପରିଷ୍କାର ଭାବେ ଗୋଲ ଗୋଲ ଅକ୍ଷରରେ ଲେଖିଚାଲେ ... ଯେମିତି କି ତୋ ବାପା ତୋ ହସ୍ତାକ୍ଷର ଦେଖି ବହୁତ ଖୁସି ହେବେ। ପ୍ରଥମେ ଚିଠିରେ ପ୍ରତିମା ବାବଦରେ ଲେଖିଲାବେଳେ ତା କଲମ ଛାଏଁ ଛାଏଁ ଚାଲିବା ଆରମ୍ଭ କଲା। ଶେଷକୁ ଦୁଇ ପୃଷ୍ଠାରେ ଚିଠିଲେଖା ସରିଲା। ଆଉ ପ୍ରତିମା ନିଜ ହାତଲେଖା ଦେଖି ଆବାକାବା ହୋଇଗଲା।

ରାତିରେ ଜେଜେ ଅତି ସରାଗରେ ପ୍ରତିମାକୁ ପାଖକୁ ଡକାଇଲେ। ତା କଅଁଳ ହାତକୁ ଚମତ୍କାର ଗପବହିଟିଏ ବଢାଇ ଦେଇ ତହିଁରୁ ମନଛୁଆଁ ଗପଟିଏ ପଢି ଶୁଣାଇବାକୁ କହିଲେ। ପ୍ରତିମା କୁନ୍ଥେଇ କୁନ୍ଥେଇ ଗପ ପଢିବା ଆରମ୍ଭ କରିଦେଲା, କିନ୍ତୁ ଝାନସୀ ରାଣୀଙ୍କ କାହାଣୀ ପଢି ଶୁଣାଇଲା ବେଳେ ତାର ଉତ୍ସାହ, ଆଗ୍ରହ ଦ୍ୱିଗୁଣିତ ହେବାକୁ ଲାଗିଲା। ଆଉ ସେ ବଡ ପାଟିରେ ପଢିଚାଲିଲା। କାହାଣୀ ଶେଷ କଲାପରେ ମଦର ଟେରେସାଙ୍କ ଜୀବନୀ ଓ ଆଦର୍ଶ ଉପରେ ଲିଖିତ ଗପଟିଏ ବି ପଢିବା ଆରମ୍ଭ କରିଦେଲା। ତାର ଉଚ୍ଚାରଣ ଓ କହିବା ଉପରେ କୌଣସି ମନ୍ତବ୍ୟ ଦେବାକୁ ପଡିଲା ନାହିଁ। ଏବେ ତାର ଏହା ନିତିଦିନିଆ ନିୟମ ହୋଇଗଲା। ଯେତେବେଳେ ଜେଜେ ତାକୁ କିଛି ମନପସନ୍ଦର ଲେଖାଟିଏ ଲେଖିବାକୁ ଆଉ ବଡ ପାଟିରେ ପଢିବାକୁ କୁହନ୍ତି ପ୍ରତିମା ଖୁସିବାସିଆ ହୋଇ ସେ ସବୁକୁ କରିଦିଏ। ମାସକ ଭିତରେ ପ୍ରତିମାର ପଢାଲେଖାରେ ସୁଧାର ଆସିଲା। ଖୁବ୍ ସୁନ୍ଦର ହସ୍ତାକ୍ଷର ଲେଖିଲା ଆଉ ପରିଷ୍କାର ଭାବରେ ଉଚ୍ଚାରଣ କରି ବହିପଢି ପାଠ ମନେରଖିଲା। ଖେଳକୁଦ ଆଉ ମଜା ମଉଜରେ ସମୟ ଓ ଉର୍ଜା ନଷ୍ଟ ନକରି ପଢାଲେଖାରେ ସୁବିନିଯୋଗ କଲା। ଆଜି ଯେତେବେଳେ ସପ୍ତମଶ୍ରେଣୀ ପରୀକ୍ଷାଫଳ ପ୍ରକାଶ ପାଇଲା ପ୍ରତିମା ମାମା ସାଙ୍ଗରେ ବିଦ୍ୟାଳୟକୁ ଗଲା। ରିପୋର୍ଟ କାର୍ଡରେ ତୃତୀୟ ସ୍ଥାନ ଅଧିକାର କରିଥିବା ଦେଖି ସେ ତା ନିଜ ଆଖିକି ବିଶ୍ୱାସ କରିପାରିଲା ନାହିଁ।

+ଓସ୍କାର ସିଟି, ପ୍ଲଟ ନଂ-୯,
ଲକ୍ଷ୍ମୀସାଗର କେନାଲ ରୋଡ,
ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮



କବିତା

ତୁମ ପାଇଁ

## ନ କୁହ ମତେ କଳା

### ସୁନୀଲ କୁମାର ପ୍ରଧାନ

ଦେହଟା ମୋହର କଳା ବୋଲି କେବେ
କରିନାହିଁ ମନ ଦୁଃଖ
ସୁରୁଜ ଉଦୟ ନ ହେବା ଆଗରୁ
ରାବ ଦିଏ ମୁହିଁ ଆଗ ।

ଡାକ ମୋର ସିନା ଅଟେ ଅସୁନ୍ଦର
ଖାଉଥାଏ ମଳ ଖଙ୍କାର
ପରିବେଶ ସଫା କରିବା ପାଇଁ
ନିୟୋଜିତ ମୋର ଶରୀର ।

କାକା ଡାକ ଛାଡ଼ିଲେ ମୁହିଁ
ପିଲାଏ ଉଠନ୍ତି ସହଳ ଭାଇ
କର୍ମରେ କେବେ ନକରି ହେଳା
ଦେହଟି ମୋହର ଅଟଇ କଳା ।

କୋଇଲି ଠାରେ ମୁଁ ପଡିଛି ବନ୍ଧା
ଡିମ୍ବକୁ ତାର ମୁଁ ପାଳଇ ଏକା
ଉପକାର ସତେ କରୁଛି ମୁହିଁ
ଏ ବନ୍ଧନ କେବେ ଛିଡ଼ିବ ନାହିଁ ।

ନ କୁହ ମତେ କଳାରେ ଭାଇ
ନକୁହ ମତେ କଳା
ସମସ୍ତଙ୍କ ସେବା କରୁଛି ମୁହିଁ
ପ୍ରଭୁ ଦେଇଛି ଏ କଳା ।

+ଝାଟିପଦର, ପାଲୁର, ଗଞ୍ଜାମ
ମୋ - ୭୬୦୯୯୩୪୩୬୬



## ଓଟ ପିଠିରେ କୁଜ

### ନୀଳମଣି ଚାନ୍ଦ

ଓଟ ପିଠିରେ କୁଜ
ଅଛି କାହିଁକି ଭାଇଙ୍କଠାରୁ
ପଚାରି ଥରେ ବୁଝ।
ସେଇଠି ଥିଲେ ଆଇ
କହିଲେ ମୋଠୁଁ ବେଶି କି ଜାଣେ
ତୋହରି କୁନାଭାଇ।
ସେଥିରେ ରଖେ ପାଣି
ଅଭାବ ବେଳେ କାମରେ ଆସେ
ଭଲକି ଅଛି ଜାଣି।
ପିଲାଏ ଦେଲେ ହସି
ଶୁଖିଗଲାରେ ଆଇଙ୍କ ମୁହଁ
ଗଲେ ସେ ଚୁପ୍ ବସି।
କହିଲେ ଭାଇ ଶୁଣି
ମରୁଜାହାଜ ନାମେ ସେ ଜଣା
କହନ୍ତି ଜ୍ଞାନୀଗୁଣୀ ।
ମରୁଟା ସାରା ବାଲି
ବେଳେ ବେଳେ ସେ ଅନେକ ଦିନ
ଯାଏରେ ଚାଲିଚାଲି।
କୁଜରେ ଚର୍ବି ଥାଏ
ନ ଖାଇଲେ ବି ବଳ,ଶକତି
ସେଇଠୁଁ ମିଳିଯାଏ।
ଇଏ ଅସଲ କଥା
ପିଲାଙ୍କ ସାଥେ ହସିଲେ ଆଇ
ହଲେଇ ଦେଇ ମଥା।

+ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭

## ଆମରି ଗାଆଁକୁ ଆସିଛି ହୋଲି

### ଅଶୋକ କୁମାର ପ୍ରଧାନ

ବରଷକ ପରେ ଆମରି ଗାଆଁକୁ
ଆସିଛିରେ ଦେଖ ହୋଲି
ହୋଲି ପାଇଁ ଏବେ ସହରେ ବଜାରେ
ଦୋକାନ ଗଲାଣି ଖୋଲି।
କୁନା ମୁନା ଟୁନା ରଙ୍ଗ ଆଣିବାକୁ
ହୋଇଲେଣି ଦାଣ୍ଡେ ମେଳ
ସଭିଏଁ ଭାବନ୍ତି କେମିତି ପାଳିବେ
ଏ ବରଷ ହୋଲି ଖେଳ।
ଏତିକି ବେଳରେ ଧାଇଁ ଆସି ପାଖେ
ପହଞ୍ଚିଲା ସାଙ୍ଗ କୁନା
କହିଲା ସେ, ତୁମେ କି କଥା ଭାବୁଛ
ମନ ଖୋଲି କହ ଟୁନା।
କୁନା କଥା ଶୁଣି ଟୁନା ହସି କହେ
ଭାବିଛୁ ଆଣିବୁ ରଙ୍ଗ
ଦେହେ ମୁହେଁ ଆମେ ରଙ୍ଗ ବୋଳି ହୋଇ
ସଜେଇବୁ ଯେ ଯା' ଅଙ୍ଗ।
ଉଚ୍ଛୁଳି ଉଠୁଛି ଆମ ମନେ ଆଜି
କେତେ ନୁଆ ନୁଆ ଆଶା
ଆମ ଖୁସି କଥା କେମିତି କହିବି
ପାଟିକୁ ନିଅଣ୍ଟ ଭାଷା।
ଟୁନା କଥା ଶୁଣି କୁନା କହେ ଭାଇ
ଆଣିଲେ ବଜାରୁ ରଙ୍ଗ
ସିନିହ ଶରଧା ବଣ୍ଟା ବର୍ଣ୍ଟି ହୋଇ
ହେବା ଆଜି ଆମେ ସଙ୍ଗ।
ଯଦିଓ ଖେଳିବା ରଙ୍ଗ ଏ ବରଷ
ସଚେତନ ହେବା ଅତି
ଭାଇଚାରା ଭାବେ କୋଳାକୋଳି ହେବା
ସରଳ କରିବା ମତି।
ରସାୟନ ରଙ୍ଗ ଦେହରେ ମାଖିଲେ
ଦେହ ପାଇଁ ହିତ ନୁହଁ
ଭାରି ଭୟାନକ ବାଜିଲେ ଏ ରଙ୍ଗ
ଆଖି, ନାକ, ପାଟି, ମୁହଁ ।
ସେନେହ ମମତା ଭାଇଚାରା ରଙ୍ଗେ
ଖେଳିବା ସଭିଏଁ ହୋଲି
ନାଚିବା ଗାଇବା ଖୁସିରେ ଝୁମିବା
ତୁଣ୍ଡେ ରାଧାକୃଷ୍ଣ ବୋଲି।
ଦେଖୁ ଦେଖୁ ସାଙ୍ଗ ଆମରି ପାଖରୁ
ଚାଲିଯିବ ହୋଲି ଯାତ
ହେଲେ ସବୁଦିନେ ତା'ର ହସ ଖୁସି
ରହିଥିବ ଆମ ସାଥ।

+ରୋହିଗାଁ ,ଗଞ୍ଜାମ
ମୋ-୮୨୪୯୧୧୯୧୩

## ଆସରେ ପିଲେ ଆସ

### ବର୍ଷା ରାଣୀ ମହାମଲ୍ଲିକ

ଆସରେ ପିଲେ ଆସ
ଗାଁଟି ଆମର ଅସନା ହୋଇଛି
ମିଶି ସଫା କରିବା ଆସ
ପରିଷ୍କାର ପରିଚ୍ଛନ୍ନ ରହିଲେ
ନିରୋଗ ଆମେ ରହିବା
ସଚେତନ ଓ ସତର୍କ ରହି
ସବୁ ସଫା କରିବା।
ଆସରେ ପିଲେ ଆସ
ସ୍କୁଲ୍ ଡାକୁଛି କେଉଁଠି ତୁମେ
ପାଠ ପଢିଯିବା ଆସ
ପାଠ ପଢିଲେ ମଣିଷ ହେବା
ଭବିଷ୍ୟତ ନାଗରିକ ଆମେ
ଦେଶ ର ପୁଣି ଟେକ ରଖିବା
ମାତିଥିବା ଆମ କାମେ।
ଆସରେରେ ପିଲେ ଆସ
ଖାଇବା ଚାଳ ସଭିଏ ଆମେ
ମସିଣା ପକାଇ ବସ,
ଖାଇବା ଆମେ ଭଲ ସୁ ଖାଦ୍ୟ
ପିଇବା ପାଣି ଛାଣି,
ବାସି ଜିନିଷ ନ ଖାଇ ଆମେ
ରୋଗ ଦେବା ଦୁରେଇ।
ଆସରେ ପିଲେ ଆସ
ମା ବାପା ଆମ ଡାକୁଛନ୍ତି
ଶୁଣିବା ଟିକେ ଆସ
ବାପା ମା ଆମ ଦେବତା
କାମରେ ତାଙ୍କୁ ସାହାଯ୍ୟ କରିବା
ତାଙ୍କ କଥାକୁ ମାନି
ନିତ୍ୟ ପ୍ରଣାମ କରିବା।
ଆସରେ ପିଲେ ଆସ
ବହି ଖୋଲିକି ବସ
ପାଠ ଦେଖାଏ ବାଟ
ପଢିଲେ କେତେ ଜ୍ଞାନ ପାଇବା
ଅଜ୍ଞାନ ଯିବ ଦୁରେଇ
ନିଜେ ପଢିଲେ ନିଜ ଉନ୍ନତି
ପଥେ ଯିବା ଆଗେଇ।

+ବରଗଡ଼
ମୋ:୮୨୬୦୬୫୯୩୨୨

# ରନ୍ଧନ ଗ୍ୟାସର ମୂଲ୍ୟ ହ୍ରାସ କରିବାରେ ଭାରତ ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ : ବିଜେଡି

ଭୁବନେଶ୍ୱର, ୦୩/୦୩ (ନି.ପ୍ର): ଓଡିଶା ତଥା ଦେଶର ମା' ଭଉଣୀଙ୍କ ଆଖିରୁ ଚୂଲି ଧୂଆଁ ବାଜି ଯେଭଳି ଲୁହ ନବାହାରିବ ସେଥିପାଇଁ କେନ୍ଦ୍ର ସରକାର ଉଜ୍ଜ୍ୱଳା ଯୋଜନାରେ ରିହାତି ଦରରେ ରନ୍ଧନଗ୍ୟାସ ସିଲିଣ୍ଡର ଯୋଗାଣ ଯୋଜନା କରିଥିଲେ । ହେଲେ ଏଲପିଜି ରନ୍ଧନ ଗ୍ୟାସର ଦର ଦ୍ରୁତ ଗତିରେ ବୃଦ୍ଧି କେବଳ ଓଡିଶାର ମା ଏବଂ ଭଉଣୀଙ୍କ ଆଖିରେ ଲୁହ ଆଣିଦେଇ ନାହିଁ ବରଂ ସବୁ ପରିବାର ଆଖିରେ ଲୁହ ଆଣି ଦେଇଛି ବୋଲି ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡିର ବରିଷ୍ଠ ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ ଓ ବିଜେଡି ପ୍ରବକ୍ତା ଶ୍ରୀମତୀ ଶ୍ରମୟୀ ମିଶ୍ର କହିଛନ୍ତି । ସେମାନେ କହିଛନ୍ତି ଯେ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ବୃଦ୍ଧି ସହିତ ଇନ୍ଧନ ଏବଂ ମୁଦ୍ରାସ୍ଫୀତି ବୃଦ୍ଧି ଓଡିଶାର ୪.୫ କୋଟି ଲୋକଙ୍କୁ ବହୁତ ଯନ୍ତ୍ରଣା ଦେଉଥିବାବେଳେ ଏଲପିଜି ରନ୍ଧନ ଗ୍ୟାସର ମୂଲ୍ୟ ହ୍ରାସ କରିବାକୁ କେନ୍ଦ୍ର ଗୁରୁତ୍ୱ ଦେଉଥିବା ମନେ ହେଉନାହିଁ । ମାର୍ଚ୍ଚ ୨୦୧୪ ରେ ଗୋଟିଏ ଘରୋଇ ଏଲପିଜି ସିଲିଣ୍ଡରର ମୂଲ୍ୟ ୪୧୦ ଟଙ୍କା ଥିଲାବେଳେ ବର୍ତମାନ ତାହା ୨୦୨୩ ମାର୍ଚ୍ଚ ପହିଲାରୁ ୧୧୦୩ ଟଙ୍କା ହୋଇଛି । ଆପଣ ଦେଖୁଛନ୍ତି ଯେ ଗତ ୯ ବର୍ଷ ମଧ୍ୟରେ ଗୋଟିଏ ରନ୍ଧନ ଗ୍ୟାସ୍ ସିଲିଣ୍ଡରର ମୂଲ୍ୟ ପ୍ରାୟ ୩ ଗୁଣ ବୃଦ୍ଧି କରାଯାଇଛି ।ଗୋଟିଏ ପଟେ କେନ୍ଦ୍ର ସରକାର ଶସ୍ତା ରନ୍ଧନ ଗ୍ୟାସ କଥା କହୁଥିବାବେଳେ ଅନ୍ୟପଟେ ରନ୍ଧନ ଗ୍ୟାସ ଦର ବଢାଇ ଚାଲିଛନ୍ତି ।

ରନ୍ଧନ ଗ୍ୟାସର ଏପରି ଆକାଶଛୁଆଁ ଦରବୃଦ୍ଧି ହେତୁ ଲକ୍ଷ ଲକ୍ଷ ମା' ଓ ଭଉଣୀମାନେ ଏହି ଗ୍ୟାସ ସିଲିଣ୍ଡର ଭରି ନପାରି ପୁନର୍ବାର ଜାଳେଣି କାଠ ବ୍ୟବହାର କରିବାକୁ ବାଧ ହେଉଛନ୍ତି । କେନ୍ଦ୍ର ସରକାର ଏନଏସଏଫଏ ଅଧିନରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା (ପିଏମଜିକେଏୱାଇ) ରେ ପ୍ରତି ବ୍ୟକ୍ତିଙ୍କ ପାଇଁ ଦେଉଥିବା ମାସିକ ୫ କିଲୋଗ୍ରାମ ମାଗଣା ଚାଉଳକୁ ବନ୍ଦ କରିଦେଲେ । ବର୍ତମାନ ୯ ବର୍ଷରେ ରନ୍ଧନ ଗ୍ୟାସର ମୂଲ୍ୟ ତିନି ଗୁଣା ବୃଦ୍ଧି କରି ସେମାନେ ସାଧାରଣ ଲୋକଙ୍କ ରୋଷେଇ ଘର ଏବଂ ପରିବାର ଉପରେ ଦୁଇଗୁଣା ବୋଝ ଲଦି ଦେଇଛନ୍ତି ।

ଏହି ପ୍ରସଙ୍ଗରେ ଓଡିଶା ବିଜେପି କାହିଁକି ଚୁପ୍ ଅଛି ? ସେମାନେ କାହିଁକି ଏହିପରି ସମସ୍ୟା ବିଷୟରେ ଆଲୋଚନା କରିବାକୁ ଚାହୁଁନାହାଁନ୍ତି ଯାହା ସାଧାରଣ ପୁରୁଷ ଏବଂ ମହିଳା, ତାଙ୍କ ରୋଷେଇ ଘର, ପରିବାର, ଜୀବନ ଏବଂ ଜୀବିକା ଉପରେ ପ୍ରଭାବ ପକାଇଥାଏ ? ରନ୍ଧନଗ୍ୟାସ ମୂଲ୍ୟ ବୃଦ୍ଧି ଯୋଗୁଁ ଓଡିଶାର ମା'ମାନଙ୍କ ଆଖିରୁ ବାହାରୁଥିବା ଲୁହ ଅପେକ୍ଷା କ'ଣ ରାଜନୀତି କରିବା ଓଡିଶା ବିଜେପି ପାଇଁ ଗୁରୁତ୍ୱପୂର୍ଣ୍ଣ କି ବୋଲି ବିଜେଡି ପ୍ରଶ୍ନ କରିଛି ।

ବିଜୁ ଜନତା ଦଳ ଦାବି କରିଛି ଯେ ଏଲପିଜି ରନ୍ଧନ ଗ୍ୟାସର ମୂଲ୍ୟ ହ୍ରାସ କରିବାରେ ଭାରତ ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ । ବିଜୁ ଜନତା ଦଳ ଓଡିଶାର ଲୋକ ଏବଂ ବିଶେଷକରି ଓଡିଶାର ମା' ଏବଂ ଭଉଣୀମାନଙ୍କ ସହିତ ଛିଡା ହୋଇଛି ଯେଉଁମାନେ ଏହି ମୂଲ୍ୟ ବୃଦ୍ଧି ଯୋଗୁଁ ଘର ଚଳାଇବାରେ କଠିନ ସମୟର ସମ୍ମୁଖୀନ ହେଉଛନ୍ତି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି ।

# ଜଙ୍ଗଲି ଜନ୍ତୁଙ୍କ ଗତିବିଧି ନେଇ ମିଳିବ ଆଗୁଆ ସୂଚନା : ସୁରକ୍ଷା କରିଡର ସୁଦୃଢ଼ କରାଯିବ

ଭୁବନେଶ୍ୱର, ୦୩/୦୩ (ନି.ପ୍ର): ଜନବସତି ମଧ୍ୟରେ ଜଙ୍ଗଲୀ ଜନ୍ତୁଙ୍କ ଉପଦ୍ରବ ରୋକିବା ନିମନ୍ତେ ରାଜ୍ୟ ସରକାର ଲକ୍ଷ୍ୟଭେଦୀ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ସଂପୃକ୍ତ ଅଞ୍ଚଳରେ ଜନଜୀବନ ରକ୍ଷା ସହ ଜୀବଜନ୍ତୁଙ୍କ ସୁରକ୍ଷା ଉପରେ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯିବ । ଏପରିକି ଜଙ୍ଗଲୀ ଜନ୍ତୁଙ୍କ ଗତିବିଧି ନେଇ ସଂପୃକ୍ତ ଅଞ୍ଚଳରେ ସେହି ସମୟରେ ଉପଲବ୍ଧ ମୋବାଇଲ ନମ୍ବରକୁ ଆଗୁଆ ଏସ୍ଏମ୍ଏସ୍ ପ୍ରଦାନ କରାଯିବ । ମୁଖ୍ୟ ସଚିବ ପ୍ରଦୀପ ଜେନାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ବସିଥିବା ଏକ ଉଚ୍ଚସ୍ତରୀୟ ବୈଠକରେ ଏନେଇ ନିଷ୍ପତ୍ତି ହୋଇଛି ।



ଶକ୍ତି ବିଭାଗ ପକ୍ଷରୁ ନିୟୋଜିତ ବେସରକାରୀ ସଂସ୍ଥା 'ସ୍ନେହା' ପକ୍ଷରୁ ମଣିଷ-ଜଙ୍ଗଲୀ ଜନ୍ତୁ ବିଶେଷକରି ହାତୀ ବିବାଦ ଉପରେ ଏକ ଅଧ୍ୟୟନ ପ୍ରସ୍ତାବ ଉପସ୍ଥାପନ କରାଯାଇଥିଲା । ଏଥିରେ ହାତୀ ଉପଦ୍ରବ ଅଞ୍ଚଳକୁ ୪ ଭାଗରେ ବିଭକ୍ତ କରାଯାଇ ଜୋନ୍-୧ରେ ହାତୀ ସୁରକ୍ଷା, ଜୋନ୍-୨ରେ ଉଭୟଙ୍କ ସହାବସ୍ଥାନ, ଜୋନ୍-୩ରେ ବିବାଦ ହ୍ରାସ ଏବଂ ଜୋନ୍-୪ରେ ହାତୀଙ୍କ ପ୍ରବେଶକୁ ପ୍ରତିରୋଧ କରିବା ଉପରେ ପ୍ରସ୍ତାବ ଦିଆଯାଇଥିଲା । ହାତୀ ଉପଦ୍ରବ ଅଞ୍ଚଳରେ ଥିବା ଜନବସତିରେ ଜୀବନମାନ ଶୈଳୀରେ ଉନ୍ନତି ଆଣିବା, ଉଭୟ ମଣିଷ ଓ ହାତୀ ମୃତାହତ ହ୍ରାସ କରିବା ଉପରେ ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା ।

ଏହାସହ ଜଙ୍ଗଲ, ଶକ୍ତି ଏବଂ ସଂପୃକ୍ତ ଅନ୍ୟାନ୍ୟ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା ।

ଏହାସହ ଉକ୍ତ ଅଞ୍ଚଳରେ ସଚେତନତା ବୃଦ୍ଧି,ସୁରକ୍ଷା କରିଡର ସୁଦୃଢ଼ କରିବା, ରେଡିଓ କଲାର ମାଧ୍ୟମରେ ଜଙ୍ଗଲୀ ଜନ୍ତୁଙ୍କ ଗତିବିଧି ଉପରେ ନଜର ରଖିବା, ଜଙ୍ଗଲ ବିଭାଗ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି, କ୍ଷୟକ୍ଷତିର ତୁରନ୍ତ ଆକଳନ, ଉପଦ୍ରବ ଅଞ୍ଚଳରେ ବିଦ୍ୟୁତ ଚୋରାଚାଲାଣ ରୋକିବାକୁ ପାଟ୍ରୋଲିଂ କଡାକଡି ଏବଂ ସଂପୃକ୍ତ ଅପରାଧୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିମନ୍ତେ ବୈଠକରେ ଆଲୋଚନା ହୋଇଥିଲା । ଆବଶ୍ୟକ ସ୍ଥଳେ ଜଙ୍ଗଲୀ ଜନ୍ତୁଙ୍କ ଦ୍ୱାରା ଫସଲ ହାନି ଏବଂ ଧନଜୀବନ କ୍ଷତିଗ୍ରସ୍ତ ହେବା ନେଇ ତୁରନ୍ତ ଠିକ୍ ଆକଳନ ଏବଂ ସହାୟତା ରାଶି ବୃଦ୍ଧି ଉପରେ ମିଳିତ ଭାବେ ବିଚାର ଆଲୋଚନା କରି ପଦକ୍ଷେପ ନେବାକୁ ମୁଖ୍ୟସଚିବ ସଂପୃକ୍ତ ବିଭାଗୀୟ ସଚିବମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ମୋନା ଶର୍ମା, ଶକ୍ତି ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ନିକୁଞ୍ଜ ବିହାରୀ ଧଳ, ଟିପିସିଓଡିଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏମ୍. ସେନବାଗନ୍, ସ୍ନେହାର ରାମାସ୍ୱାମୀ କ୍ରିଷ୍ଣନ୍ ପ୍ରମୁଖ ଉପସ୍ଥିତ ଥିଲେ ।

# ରାଜ୍ୟସ୍ତରୀୟ ପଲିଫେଷ୍ଟ ଓ ଆଇଟିଆଇ ଫେଷ୍ଟ ଉଦ୍ଯାପିତ

ଭୁବନେଶ୍ୱର, ୦୩/୦୩ (ନି.ପ୍ର): କଳିଙ୍ଗ ଷ୍ଟାଡିୟମ୍ ଠାରେ ରାଜ୍ୟସ୍ତରୀୟ ସରକାରୀ ପଲିଫେଷ୍ଟ ଓ ଆଇଟିଆଇ ଫେଷ୍ଟ ଗୁରୁବାର ଅପରାହ୍ନରେ ଉଦ୍ଯାପିତ ହୋଇଯାଇଛି । ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିକାଶ କର୍ତୃପକ୍ଷର ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ କଳିଙ୍ଗ ଷ୍ଟାଡିୟମ୍ ହେଉଛି ଏକ ସମ୍ଭାବନାର ଓଡ଼ିଶା । କ୍ରୀଡ଼ା ଶରୀରର ପ୍ରତ୍ୟେକ ଅଙ୍ଗକୁ ପ୍ରଭାବିତ କରିବା ସହିତ ମାନସିକ ଦକ୍ଷତାର ବିକାଶ କରିଥାଏ । ସେଥି ପାଇଁ କ୍ରୀଡ଼ାବିତ୍ ମାନଙ୍କୁ ମସଲମ୍ୟାନ କୁହାଯାଏ ବୋଲି ଶ୍ରୀ ବାଗ୍‌ଚୀ ମତବ୍ୟକ୍ତ କରି ଇଂଜିନିୟରିଂ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ଶ୍ରୀ ବାଗ୍‌ଚୀ ୨୦୨୨ ବର୍ଷ ନିମନ୍ତେ ରାଉରକେଲାର ଜୋନ୍‌କୁ ଚମ୍ପିଅନ୍ ଟ୍ରଫି ଏବଂ କଟକ ଜୋନ୍‌କୁ ରନର୍ସ ଟ୍ରଫି ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲାବେଳେ ବିଭାଗୀୟ ନିର୍ଦ୍ଦେଶକ ଜି. ରଘୁ ଧନ୍ୟବାଦ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ 'ମୋ ସ୍କୁଲ ଅଭିଯାନ'ର ଅଧ୍ୟକ୍ଷା ଶ୍ରୀମତୀ ସୁସ୍ମିତା ବାଗ୍‌ଚୀ, ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଆର. ଭିନିଲ୍ କ୍ରିଷ୍ଣା, ଓରମାସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗୁହା ପୁନମ୍ ତାପସ କୁମାର, ବିଶ୍ୱ ଦକ୍ଷତା କେନ୍ଦ୍ରର ଅଧ୍ୟକ୍ଷ ସଂଗରଣ ଗୋପାଳଙ୍କ ସମେତ ବିଭାଗୀୟ ବରିଷ୍ଠ ପଦାଧିକାରୀ ଏବଂ ପଲିଟେକ୍‌ନିକ୍ ଓ ଆଇଟିଆଇମାନଙ୍କର ଅଧ୍ୟାପକଅଧ୍ୟାପିକା ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

# ଜଳୁଛି ଜଙ୍ଗଲ : ୯୧୦ ସ୍ଥାନରେ ନିଆଁ

ଭୁବନେଶ୍ୱର, ୦୩/୦୩ (ନି.ପ୍ର): ଜଳୁଛି ଜଙ୍ଗଲ । ମୟୂରଭଞ୍ଜର ବାରିପଦା ସର୍କଲରୁ ଆରମ୍ଭ କରି ମାଲକାନଗିରିର ଏମ୍‌ଭି-୧୭ ପର୍ଯ୍ୟନ୍ତ, ବିଭିନ୍ନ ସ୍ଥାନରେ ଜଙ୍ଗଲ ନିଆଁ ଏବେ ଭୟଙ୍କର ରୂପ ନେଲାଣି । ନୟାଗଡ଼, ନୂଆପଡ଼ା, ନବରଙ୍ଗପୁର, କଳାହାଣ୍ଡିରେ ସ୍ଥିତି ସାଂଘାତିକ । ଖରା ବଢ଼ିବା ସହ ଏ ଜଙ୍ଗଲ ନିଆଁ ଏବେ ରାଜ୍ୟବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । ବିଶେଷକରି, ଏହିସବୁ ବନାଗ୍ନି ପାଇଁ ପାହାଡ଼ିଆ ଓ ଜଙ୍ଗଲ ନିକଟରେ ରହୁଥିବା ଲୋକେ ନିଆଁ ଝାସରେ ସିଝୁଥିଲେ ମଧ୍ୟ ବନ ବିଭାଗ ବାବୁମାନଙ୍କ ଏଥିପ୍ରତି ଟିକିଏ ହେଲେ ନିଘା ନାହିଁ । ନିଆଁ ଲିଭାଇବାକୁ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ କରାଯାଉଛି ବୋଲି ଅଧିକାରୀମାନେ କହି ବୁଲୁଛନ୍ତି । ମାତ୍ର ତାହା କେତେଦୂର କାର୍ଯ୍ୟକାରୀ ହେଉଛି, ସେ ଦିଗରେ କେହି ବି ଗୁରୁତ୍ୱ ଦେଉନାହାନ୍ତି । ନା ବିଭାଗୀୟ ମନ୍ତ୍ରୀଙ୍କର ଏଥିପ୍ରତି ଚିନ୍ତା ଅଛି ନା ସଚିବ ତନାଘନା କରୁଛନ୍ତି । ଯେଉଁଥିପାଇଁ ନିଆଁ ଆଁରେ ହେକ୍ଟର ହେକ୍ଟର ଜଙ୍ଗଲ ଜଳିପୋଡ଼ି ପାଉଁଶ ହୋଇଯାଉଛି ।

ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ(ଏଫ୍ଏସ୍ଇ) ଆଜି ମଧ୍ୟାହ୍ନରେ ଦେଇଥିବା ରିପୋର୍ଟରେ ଭୟଙ୍କର ଚିତ୍ର ସାମ୍ନାକୁ ଆସିଛି । ଦେଶର ୩୯୯ଟି ସ୍ଥାନରେ ବଡ଼ଧରଣର ନିଆଁ ଲାଗିଛି । ସେଥିମଧ୍ୟରୁ ଓଡ଼ିଶାରେ ସର୍ବାଧିକ ୧୦୭ଟି ସ୍ଥାନ ଚିହ୍ନଟ ହୋଇଛି । ଗୋଟିଏ ପଟେ ଅଧିକାଂଶ ସ୍ଥାନରେ ଦିନର ତାପମାତ୍ରା ୪୦ଡିଗ୍ରି ପାଖାପାଖି ପହଞ୍ଚିଥିବା ବେଳେ ଅନ୍ୟପଟେ ବନାଗ୍ନି ବଢ଼ିବା ବନ୍ୟଜନ୍ତୁଙ୍କ ଲାଗି ବିପଦ ସୃଷ୍ଟି କରିଛି । ଯଦି ଏଭଳି ଚାଲେ, ଆଗକୁ ସ୍ଥିତି ଆହୁରି ଗମ୍ଭୀର ହେବା ନେଇ ପରିବେଶବିତ୍‌ମାନେ ମତପ୍ରକାଶ କରିଛନ୍ତି ।

ଯଦି ନଭେମ୍ବରରୁ ଏବେ ସୁଦ୍ଧା ଘଟିଥିବା ବଡ଼ଧରଣର ବନାଗ୍ନି କଥା ଦେଖିବା, ତେବେ ଦେଶର ଶୀର୍ଷ ୫ଟି ରାଜ୍ୟ ମଧ୍ୟରେ ଓଡ଼ିଶା ତୃତୀୟ ସ୍ଥାନରେ ରହିଛି । ଆନ୍ଧ୍ରପ୍ରଦେଶରେ ସର୍ବାଧିକ ୫୪୭ଟି ବନାଗ୍ନି ଲାଗିଥିବା ବେଳେ କର୍ଣ୍ଣାଟକରେ ୪୨୨, ଓଡ଼ିଶାରେ ୩୩୬, ତେଲେଙ୍ଗାନାରେ ୩୨୧ ଓ ମଧ୍ୟପ୍ରଦେଶରେ ୨୮୮ଟି ଲାଗିଛି । ମାତ୍ର, ଗତ ୭ ଦିନ ମଧ୍ୟରେ ଓଡ଼ିଶାରେ ଜଙ୍ଗଲ ନିଆଁ ବଢ଼ି ଚାଲିଛି । ଫେବ୍ରୁଆରି ୨୩ରୁ ଆଜି ସୁଦ୍ଧା ରାଜ୍ୟର ୨୩୩ଟି ସ୍ଥାନରେ ବଡ଼ ନିଆଁ ଚିହ୍ନଟ ହୋଇଛି, ଯାହାକି ଦେଶରେ ଦ୍ୱିତୀୟ । ଏହି ସମୟ ମଧ୍ୟରେ କେବଳ ଆନ୍ଧ୍ରପ୍ରଦେଶରେ ୩୩୪(ଓଡ଼ିଶାଠାରୁ ଅଧିକ) ରହିଛି । କୋରାପୁଟ ସର୍କଲର ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ଭବାନୀପାଟଣା ସର୍କଲର ନୂଆପଡ଼ା, କଳାହାଣ୍ଡି, ସୋନପୁର, ବ୍ରହ୍ମପୁର ସର୍କଲର



ଗଜପତି, କନ୍ଧମାଳ, ଗଞ୍ଜାମ, ଭୁବନେଶ୍ୱର ସର୍କଲର ଖୋର୍ଦ୍ଧା, ନୟାଗଡ଼, ରାଉରକେଲା ସର୍କଲର ସୁନ୍ଦରଗଡ଼, କେନ୍ଦୁଝର, ବାରିପଦା ସର୍କଲର କେନ୍ଦୁଝର, ମୟୂରଭଞ୍ଜ, ସମ୍ବଲପୁର ସର୍କଲର ବରଗଡ଼ ଜିଲ୍ଲାର ଏକାଧିକ ଜଙ୍ଗଲରେ ନିଆଁ ଲାଗିଥିବା ଚିତ୍ର ସାମ୍ନାକୁ ଆସିଛି । ସେପଟେ ଛୋଟ ଛୋଟ ବନାଗ୍ନି ବି ଦେଖିବାକୁ ମିଳିଛି । ଶିମିଳିପାଳ ସମେତ ରାଜ୍ୟର ପ୍ରମୁଖ ଜଙ୍ଗଲ, ଅଭୟାରଣ୍ୟରେ ଜଙ୍ଗଲ ନିଆଁ ଲାଗିଛି । ସନ୍ଧ୍ୟା ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ, ୯୧୦ ସ୍ଥାନରେ ଜଙ୍ଗଲ ନିଆଁ ଏଫ୍ଏସ୍ଇର ଦୃଷ୍ଟିଗୋଚର ହୋଇଛି । ନଭେମ୍ବରରୁ ଏପର୍ଯ୍ୟନ୍ତ ୫ ହଜାର ୩୮୮ ସ୍ଥାନରେ ନିଆଁ ଲାଗିଥିବା ବେଳେ ଗତ ୭ ଦିନ ମଧ୍ୟରେ ୨ହଜାର ୨୬୨ ସ୍ଥାନରେ ନିଆଁ ଲାଗିଛି ।

ଅନ୍ୟପକ୍ଷରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ବିଧାନସଭାରେ କହିଛନ୍ତି ଯେ ଶିମିଳିପାଳ, ବାଲିଗୁଡ଼ା, ବୌଦ୍ଧ, ସୁନ୍ଦରଗଡ଼, ଫୁଲବାଣୀ, କୋରାପୁଟ ସମେତ ରାଜ୍ୟର ବିଭିନ୍ନ ବନଖଣ୍ଡରେ ବନାଗ୍ନି ରୋକିବାକୁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ବନାଗ୍ନି ପରିଚାଳନା ଯୋଜନା କରାଯାଇଛି । ଏହି ଯୋଜନାରେ ପଞ୍ଚାୟତସ୍ତରୀୟ ଅଧିକାରୀଙ୍କୁ ସାମିଲ କରାଯାଇ ଲୋକଙ୍କ ପ୍ରତ୍ୟକ୍ଷ ସହଭାଗିତାରେ ବନାଗ୍ନି ରୋକିବାକୁ ଯୋଜନା ପ୍ରସ୍ତୁତ ହେଉଛି । ବନାଗ୍ନି ପରିଚାଳନା ମାର୍ଗଦର୍ଶିକା ୨୦୨୨ ପ୍ରସ୍ତୁତ କରାଯାଇ ବନ ବିଭାଗର ବ୍ଲକସ୍ତର ପର୍ଯ୍ୟନ୍ତ ବଣ୍ଟନ ହୋଇଛି । ବନ ବିଭାଗ ମୁଖ୍ୟ କାର୍ଯ୍ୟାଳୟର ଜିଓଗ୍ରାଫିକ୍ ଇନ୍‌ଫର୍ମେସନ୍ ସିଷ୍ଟମ(ଜିଆଇଏସ୍) ଉପବିଭାଗ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଓଡ଼ିଶା ଫରେଷ୍ଟ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ ଅଧୀନରେ ଜଙ୍ଗଲ ନିଆଁ ପରିଚାଳନା ବ୍ୟବସ୍ଥା କରାଯାଇ ଜଙ୍ଗଲ ନିଆଁକୁ ରୋକା ଯାଉଛି ।

# ବିଜୁବାବୁଙ୍କ ୧୦୭ ତମ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, ୦୩/୦୩ (ନି.ପ୍ର): ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୭ ତମ ଜୟନ୍ତୀ ଚଳିତ ମାସ ୫ ତାରିଖରେ ପାଳନ ପାଇଁ ଗରାପୁର ସ୍ଥିତ ଡାକ ବଙ୍ଗଳାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ବ୍ଲକ ସଭାପତି ଆଲୋକ ସାହୁଙ୍କ ଅଧ୍ୟକ୍ଷତାରେ ବିଧାୟକ ଶଶି ଭୂଷଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜୟନ୍ତୀ ପାଳନର କାର୍ଯ୍ୟସୂଚୀ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ସେହିଦିନ ସକାଳେ ଗୋବରି ନଦୀରେ ସାମୁହିକ ତିଳୋତର୍ପଣ କରାଯିବା ସହ ପ୍ରାୟ ୫୦୦ ଯୁବକଙ୍କ ସାଇକେଲ ର୍‍ୟାଲି କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀ ପରିକ୍ରମା କରିବ । ଏହାସହ ପ୍ରଭାତ ଫେରି ଓ ବିଜୁ ବାବୁଙ୍କ ପ୍ରତିମୂର୍ତି ରେ ମାଲ୍ୟାର୍ପଣ କରାଯିବା ସହ ସରକାରୀ ଡାକ୍ତରଖାନା, ବୃଦ୍ଧାଶ୍ରମ, ଭିନ୍ନକ୍ଷମ ବିଦ୍ୟାଳୟ ମାନଙ୍କରେ ଫଳ ବଂଟନ କାର୍ଯ୍ୟକ୍ରମ ରଖାଯାଇଛି । ଏହା ସହ ବିଜୁବାବୁଙ୍କ ଅନୁଗତ ସହକର୍ମୀ, ସହଯୋଗୀ, ବର୍ଷିୟାନ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି । ଉକ୍ତ ଦିନ ଅପରାହ୍ନରେ ଏକ ଟାଉନ ହଲ ଠାରେ ଏକ ସଭା ଅନୁଷ୍ଠିତ ହେବାର ସୂଚନା ପ୍ରଦାନ କରାଯଇଛି । ଏହି ପ୍ରସ୍ତୁତି ବୈଠକରେ ଦେବଦାସ ମହାନ୍ତି, ଦୁର୍ଗାଶିଷ ମହାନ୍ତି, ବ୍ଲକ ଅଧ୍ୟକ୍ଷ ରଶ୍ମିତା ସେଠୀ, ଉପାଧ୍ୟକ୍ଷ ପ୍ରତାପ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟ ରଶ୍ମି ରଞ୍ଜନ ରାଉତ, ବରିଷ୍ଠ ଆଇନଜୀବି ଭୀମସେନ ଭୂୟାଁ, କାଉନସିଲର ନିରାକାର ସ୍ୱାଇଁ, ସୁକୁମାର ଚାନ୍ଦ, ରମେଶ ନାୟକ, ସେକ ଇନାୟତ, ପ୍ରକାଶ ପରିଡା, ପ୍ରଭାଶିଷ ପଣ୍ଡା, ଜିଲ୍ଲା ଯୁବ ବିଜେଡି ସଭାପତି ରାଜେଶ ଦାସ, ନଗର ସଭାପତି ଯଯାତି କେଶରୀ ମହାନ୍ତି, ଧିରେନ ସାହୁ, ପ୍ରଦିପ୍ତ ମହାନ୍ତି, ଦୁର୍ଗା ପ୍ରସାଦ ପତି, ବିଜୟ ପତି, ମଙ୍ଗଳ ବରଣ ସିଂହଙ୍କ ସମେତ ବହୁ ବିଜେଡି କର୍ମୀ ଓ ନେତା ଉପସ୍ଥିତ ଥିଲେ ।

# ବିଜେଡି ଲିଗାଲ ଫ୍ରଣ୍ଟ ଜିଲ୍ଲା ସଭାପତିଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା, ୦୩/୦୩ (ନି.ପ୍ର): ବିଜେଡି ଲିଗାଲ ଫ୍ରଣ୍ଟର ଜିଲ୍ଲା ସଭାପତି ଭାବେ ନିଯୁକ୍ତ ହୋଇଥିବା ବରିଷ୍ଠ ଆଇନଜୀବି ଭୀମସେନ ଭୂୟାଁଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ଗରାପୁର ଡାକ ବଙ୍ଗଳା ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଧାୟକ ଶଶି ଭୂଷଣ ବେହେରା, ବ୍ଲକ ଅଧ୍ୟକ୍ଷା ରଶ୍ମିତା ସେଠୀ, ବିଜେଡି ଜିଲ୍ଲା ଉପ ସଭାପତି ଦେବଦାସ ମହାନ୍ତି, ନଗର ମହିଳା ସଭାପତି ସ୍ନେହପ୍ରଭା କର, ଆଇନଜୀବି ତମସା ପାତ୍ର, ସୁମିତ୍ରା ପାଢୀ, ମିନତୀ ପରିଡା, ଶାନ୍ତିସ୍ୱରୂପ ଭୂୟାଁ ପ୍ରମୁଖ ଶ୍ରୀ ଭୂୟାଁଙ୍କ ଏହି ନିଯୁକ୍ତିରେ ବହୁ ଦଳୀୟ କର୍ମୀ ଉପସ୍ଥିତ ରହି ଆନନ୍ଦ ପ୍ରକାଶ କରିବା ସହ ତାଙ୍କୁ ପୁଷ୍ପଗୁଚ୍ଛ, ଉତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ ।

# ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଉପଦେଷ୍ଟାଙ୍କ ଆଧାର କେନ୍ଦ୍ର ପରିଦର୍ଶନ

ଭୁବନେଶ୍ୱର, ୦୩/୦୩ (ନି.ପ୍ର): ଓଡ଼ିଶା ସରକାରଙ୍କ ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ଉପଦେଷ୍ଟା ଅନୁଭବ ପଟ୍ଟନାୟକ ଗୁରୁବାର ଭୁବନେଶ୍ୱରସ୍ଥିତ ଓକାକ୍ ଟାୱାରରେ କାର୍ଯ୍ୟ କରୁଥିବା 'ଆଧାର' କେନ୍ଦ୍ର ପରିଦର୍ଶନ କରିବା ସହ କେନ୍ଦ୍ରର ଅଧିକାରୀ ଓ କର୍ମଚାରୀମାନଙ୍କ ସହିତ ଆଧାର ପଂଜୀକରଣ ଏବଂ ତଥ୍ୟ ଅଦ୍ୟତନକରଣ ସମ୍ବନ୍ଧୀୟ ସେବା ବିଷୟରେ ଆଲୋଚନା କରିଥିଲେ । ନବଜାତ ଶିଶୁଙ୍କଠାରୁ ଆରମ୍ଭ କରି ୫ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କର ଶତପ୍ରତିଶତ ଆଧାର ପଂଜୀକରଣ ପାଇଁ ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରିଛନ୍ତି ବୋଲି ବୈଠକର ଆଲୋଚନାରୁ ଜଣାଯାଇଛି । ଓକାକ୍ ର ପ୍ରଶାସନିକ ଅଧିକାରୀ, ୟୁଆଇଡିଏଆଇର ଅଧିକାରୀବୃନ୍ଦ ଏବଂ ପିଏମ୍‌ୟୁର ରାଜ୍ୟ ନୋଡାଲ ଅଧିକାରୀ ଆଧାର କେନ୍ଦ୍ର ପରିଦର୍ଶନ ସମୟରେ ଉପସ୍ଥିତ ଥିଲେ । ସମଗ୍ର ରାଜ୍ୟରୁ ହସ୍ତଗତ ହୋଇଥିବା ନାଗରିକମାନଙ୍କର ଅଭିଯୋଗ ଏବଂ ଏହାର ସମାଧାନ ପାଇଁ ସମ୍ଭାବ୍ୟ ସମୟ ସମ୍ବନ୍ଧରେ ଫଳପ୍ରଦ ଆଲୋଚନା କରାଯାଇଥିଲା । ନାଗରିକମାନଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ ଜିଲ୍ଲାସ୍ତରରେ ଅଧିକାରୀ ଓ କର୍ମଚାରୀମାନଙ୍କ ଦକ୍ଷତା ବୃଦ୍ଧି କରିବାକୁ ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଥିଲେ, ଯାହାଦ୍ୱାରା ଜିଲ୍ଲାସ୍ତରରେ ଆଧାର ପଂଜୀକରଣ ପାଇଁ ବିଶେଷ କାର୍ଯ୍ୟକ୍ରମ ଉପରେ ସେମାନେ ନିଷ୍ପତି ନେଇପାରିବେ । ସେହିପରି ଆଧାର ସମ୍ବନ୍ଧୀୟ କାର୍ଯ୍ୟ ପାଇଁ ଓକାକ୍ କୁ ଆସୁଥିବା ନାଗରିକମାନଙ୍କ ସକାଶେ ପର୍ଯ୍ୟାପ୍ତ ପାନୀୟ ଜଳର ବ୍ୟବସ୍ଥା କରାଇବା ସହିତ ନୂତନ ଶୌଚାଳୟ ନିର୍ମାଣ କାର୍ଯ୍ୟକୁ ଯଥାଶୀଘ୍ର ଶେଷ କରିବାକୁ ସେ ପରାମର୍ଶ ଦେଇଥିଲେ ।

# ଗ୍ରାମିଣ ଡାକ ସେବକ ସଂଘର ଧାରଣା

ଜୟପୁର, ୦୩/୦୩ (ନି.ପ୍ର): ଅଖିଳ ଭାରତ ଗ୍ରାମୀଣ ଡାକ ସେବକ ସଂଘର କୋରାପୁଟ ଡିଭିଜନାଲ ବ୍ରାଂଚ ଜୟପୁର ତରଫରୁ ଧରଣା ଦିଆଯାଇଛି । ଜୟପୁର ଡାକ ବିଭାଗର ଡିଭିଜନ ଅଫିସ ସମ୍ମୁଖରେ ବିକ୍ଷୋଭ କରି ଧାରଣା ଦିଆଯାଇଛି । ସମ୍ପାଦକ ରାଜେନ୍ଦ୍ର ସାହୁଙ୍କ ନେତୃତ୍ୱରେ ଧାରଣା ଦିଆଯାଇଛି । ମିଳିତ କ୍ରିୟାନୁଷ୍ଠାନ କମିଟି କେନ୍ଦ୍ର ସଂଘର ନିର୍ଦ୍ଦେଶ କ୍ରମେ ବିଭିନ୍ନ ଦାବି ନେଇ ଏହି ଧାରଣା ଦିଆଯାଇଛି । ଜିଡିଏସ ମାନଙ୍କୁ୧୨ ବର୍ଷରେ ଆର୍ଥିକ ପଦୋନ୍ନତି ଦେବା, ଗ୍ରାଚ୍ୟୁଇଟି ବୃଦ୍ଧି କରିବା, ଜି.ଡି.ଏସ ଓ ତାଙ୍କ ପରିବାରକୁ ମେଡିକାଲ ସୁବିଧା ଯୋଗାଇବା, ଗ୍ରୁପ୍ ଇନସୁରାନ୍ସ ୫ ଲକ୍ଷକୁ ବୃଦ୍ଧି କରିବା, ଛୁଟି, ନୂତନ ପେନସନ ସ୍କିମ ର ସମସ୍ତ ସୁପାରିଶକୁ ଶିଘ୍ର ଲାଗୁ କରିବା, ଶାଖା ଡାକଘରେ କାଯ୍ୟ କରୁଥିବା କର୍ମଚାରି ମାନଙ୍କୁ ଟାର୍ଗେଟ ନାମରେ ହାରାସମେଂଟ କରିବା, ଧମକ ଦେବା, ଦରମା ବନ୍ଦ କରିବା ପଦକ୍ଷେପକୁ ବନ୍ଦ କରାଯାଉ, ଜିଡିଏସ ମାନଙ୍କୁ ସରକାରି ମାନ୍ୟତା ଦେବା ଆଦି ଦାବି ରହିଛି । ଏହି ଧାରଣା ବିକ୍ଷୋଭରେ ଜିଡିଏସ ମାନେ ଉପସ୍ଥିତ ରହି ବିକ୍ଷୋଭ ଓ ଧାରଣାରେ ସାମିଲ ହୋଇଥିଲେ ।

# ଧାରଣୀୟ ବିକାଶ ନୁହେଁ ନିରନ୍ତର ବିନାଶର ଦସ୍ତାବିଜ ହେଉଛି ଓଏସ୍ଆଇଏଫ୍-୨.୦ : ବିଜେପି

ଭୁବନେଶ୍ୱର, ୦୩/୦୩ (ନି.ପ୍ର): ଦୁଇ ଦିନ ତଳେ ଓଡିଶା ସସ୍ଟେନେବଲ ଡେଭେଲପମେଂଟ ଗୋଲ୍ ଇଣ୍ଡେକ୍ସ ଫ୍ରେମ ୱାର୍କର ଦ୍ୱିତୀୟ ସଂସ୍କରଣ ବା ଓଏସଆଇଏଫ-୨.୦ ମାନ୍ୟବର ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି । ରାଜ୍ୟ ସରକାରଙ୍କ ବିଭିନ୍ନ ନାଗିରକ କୈନ୍ଦ୍ରିକ ଯୋଜନାକୁ ଧାରଣୀୟ ବିକାଶ ଲକ୍ଷ୍ୟର ଗୋଟିଏ ଗୋଟିଏ ପ୍ରତିକ ବୋଲି ଏହି ଓଏସଆଇଏଫ-୨.୦ ରେ କୁହାଯାଇଛି । ସେହି ପ୍ରତୀକମାନଙ୍କ ମଧ୍ୟରୁ ମିଶନ ଶକ୍ତି କଥାର ମଧ୍ୟ ଉଲ୍ଲେଖ ରହିଛି । ୭ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀରୁ ମାତ୍ର ୬୯ ହଜାର ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ କୌଣସି ଉତ୍ପାଦନଶୀଳ କାର୍ଯ୍ୟକଳାପରେ ନିଯୁକ୍ତ କରାଇ ପାରିବା ଧାରଣୀୟ ବିକାଶର ଏହି ତଥାକଥିତ ପ୍ରତୀକଟିର ସଫଳତାକୁ ପଦାରେ ପକାଇ ଦେଇଛି ବୋଲି ରାଜ୍ୟ ମୁଖପାତ୍ର ଶ୍ରୀ ସତ୍ୟବ୍ରତ ପଣ୍ଡା କହିଛନ୍ତି । ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପଣ୍ଡା କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ୨୩ ବର୍ଷ ଶାସନରେ ଓଡିଶାର ଧାରଣୀୟ ବିକାଶ କେବଳ ଏକ ଦିବାସ୍ୱପ୍ନ ପାଲଟିଛି । କେନ୍ଦ୍ର ସରକାରଙ୍କ ଶକ୍ତି ମନ୍ତ୍ରାଳୟ ଦ୍ୱାରା ପ୍ରକାଶିତ ନବୀକରଣ ଶକ୍ତି ପ୍ରକଳ୍ପ ଯାଂଚ ଡିଭିଜନ୍‌ର ତଥ୍ୟାନୁଯାୟୀ ୨୦୨୧ ମେ ମାସରେ ଭାରତର ନବୀକରଣ ଶକ୍ତିଉତ୍ପାଦନ ଦେଶର ସମୁଦାୟ ବିଦ୍ୟୁତ ଉତ୍ପାଦନର ୧୨.୩୨ ପ୍ରତିଶତ ଥିଲା । ଓଡିଶାରେ ତାହା ଥିଲା ମାତ୍ର ୧.୫ ପ୍ରତିଶତ ।

୨୦୧୮ରୁ ଆରମ୍ଭ ହୋଇଥିବା ମହାନଦୀ ସବୁଜ ମିଶନରେ ୧୨୧.୫୪ କୋଟି ଟଙ୍କା ପାଣିରେ ପଡିଲା । କିନ୍ତୁ ସବୁଜ ବଳୟ ପାଇଁ ମହାନଦୀ, ଇବ୍ ଓ ତେଲ ନଦୀ ପଠାର ୪୧ ହଜାର ହେକ୍ଟର ପରିମିତ ଅଂଚଳରେ ୫କୋଟି ଚାରା ରୋପଣ କେବଳ କାଗଜ ପତ୍ରରେ ସୀମିତ ରହିଗଲା । ରାଜ୍ୟର ନଦୀମାନଙ୍କରୁ ଶିଳ୍ପ କାରଖାନାଗୁଡିକ ନିର୍ବିରୋଧ ପାଣି ଶୋଷି ଚାଲିଛନ୍ତି । ୫ଟି ସହର ସମେତ ଶାତାଧିକ ଜନବସତି ଉଜୁଡିବାକୁ ବସିଲାଣି । ଏସିଆ ମହାଦେଶର ସର୍ବବୃହତ ଶାଳ ଜଙ୍ଗଲ ସେରେଣ୍ଡା ଜଙ୍ଗଲ ମରୁଭୁମିରେ ପରିଣତ ହେବାର ଆଶଂକା ପ୍ରକାଶ ପାଇଲାଣି । ବୈତରଣୀରୁ ବିଆରପିଏଲ୍ ଓ ନିପ୍ପୋ ମିତଲ ଯଥାକ୍ରମେ ବାର୍ଷିକ ୪୧,୯୯,୫୪୪ କ୍ୟୁସେକ୍ ମିଟର ଓ ୧,୦୫,୧୬,୭୩୦ କ୍ୟୁସେକ୍ ମିଟର ପାଣି ବ୍ୟବହାର କରୁଛନ୍ତି । ଜେଏସ୍‌ଡବ୍ଲ୍ୟୁ ଓ ଜେଏସପିଏଲ ନିଜ ନିଜ ସ୍ଲରୀ ପାଇପ ବିଚାଇବା ଆରମ୍ଭ କରିସାରିଲେଣି । ଆଉ ୨ଟି କଂପାନୀ ଏଥି ସକାଶେ ରାଜ୍ୟ ସରକାରଙ୍କ ନିକଟରେ ଆବେଦନ କରିଛନ୍ତି । ଏହା ଛଡା ୮୧ଟି ଶିଳ୍ପ ସଂସ୍ଥାକୁ ବୈତରଣୀ ଅବବାହିକାରେ ଗଭୀର ନଳକୂପ ଖୋଳିବାର ଅନିମତି ଦିଆଯାଇଛି । ଫଳରେ ମାର୍ଚ୍ଚ ମାସରେ ବିଭିନ୍ନ ଶିଳ୍ପ ସଂସ୍ଥା ବୈତରଣୀର ୭୨ ପ୍ରତିଶତ ଓ ଏପ୍ରିଲରେ ୮୭ ପ୍ରତିଶତ ଜଳ ଶୋଷିନେବେ । ବୈତରଣୀର ଅକାଳ ମୃତ୍ୟୁ ହେବାକୁ ବସିଲାଣି । ବ୍ରାହ୍ମଣୀ ନଦୀର ମୁଖଶାଳା ଖରୋସ୍ରୋତା ନଦୀ ଯାଜପୁରର ଟିକରପଡାରୁ ଖଣ୍ଡିତର ଭିତରେ ନିଜ ଅସ୍ତିତ୍ୱ ହରାଇବାକୁ ବସିଲାଣି । ପୁନରୁଦ୍ଧାର ପାଇଁ ପ୍ରସ୍ତାବିତ ୪.୬୭ କୋଟି ଟଙ୍କାର ବନ୍ଦୋବସ୍ତ ରାଜ୍ୟ ସରକାର କରୁନାହାନ୍ତି । ମହାନଦୀର ଶାଖା ସୁକ ପାଇକା ନଦୀର ଅବସ୍ଥା କିଶନନଗର, କଟକ ସଦର, ନିଶ୍ଚିନ୍ତକୋଇଲି ଓ ରଘୁନାଥପୁର ଅଂଚଳରେ ଅତ୍ୟନ୍ତ ଦୟନୀୟ । ବର୍ଜ୍ୟବସ୍ତୁ ଯୋଗୁଁ ସୁନା, ପ୍ରାଚୀ ଓ ଗଙ୍ଗୁଆ ନଦୀର ଜଳଧାରଣା କ୍ଷମତା ହ୍ରାସ ବା ପ୍ରଦୁଷିତ ହୋଇଛି । ଲୁହାପଥର ଗୁଣ୍ଡରେ କାରୋ ନଦୀର ସୁନ୍ଦରଗଡ ଜିଲ୍ଲା ଟେନସାସ୍ଥିତ ଉତ୍ପତି ସ୍ଥାନ ପୋତି ହୋଇଗଲାଣି । ମାତୃମୃତ୍ୟୁ ହାର (ପ୍ରତି ହଜାରରେ ୧୧୯), ଜନ୍ମର ୨୮ ଦିନ ମଧ୍ୟରେ ଶିଶୁ ମୃତ୍ୟୁ ହାର (ପ୍ରତି ହଜାରରେ ୨୭), ନବଜାତକ ମୃତ୍ୟୁ ହାର (ପ୍ରତି ହଜାରରେ ୩୬) ଓ ୫ ବର୍ଷରୁ କମ୍ ଆୟୁରେ ଶିଶୁ ମୃତ୍ୟୁ ହାର (ପ୍ରତି ହଜାରରେ ୪୧) ଦୃଷ୍ଟିରୁ ସାରା ଦେଶରେ ଓଡିଶା ଏକ ପଛୁଆ ରାଜ୍ୟ । କେବଳ ୨୦୨୧-୨୨ରେ କୁପୋଷଣ, ଉପଯୁକ୍ତ ଚିକିତ୍ସାର ଅଭାବ ଓ ସରକାରୀ ଅବହେଳ କାରଣରୁ ୧୪,୨୨୮ ଶିଶୁ ମୃତ୍ୟୁବରଣ କରିଛନ୍ତି । ଏହା ଆମ ଧାରଣୀୟ ବିକାଶ ନା ନିରନ୍ତର ବିନାଶର ପ୍ରତୀକ ? ନିର୍ଲଜତାର କେଉଁ ସୀମାକୁ ଉଲ୍ଲଂଘନ କଲେ ନିଜ ରାଜ୍ୟର ୩୧ ପ୍ରତିଶତ ଶିଶୁ ବୟସାନୁପାତରେ ଉଚ୍ଚତା ଓ ୧୮ ପ୍ରତିଶତ ଶିଶୁ ବୟସାନୁପାତରେ ଓଜନ ନଥିଲେ ବି ଗୋଟିଏ ସରକାର ନିଜ ଧାରଣୀୟ ବିକାଶ ଲକ୍ଷ୍ୟର ସୁଚନାଂକ ଢାଂଚା ପକାଶ କରିପାରେ, ତାହା ଜନସାଧାରଣଙ୍କ ବିଚାର ପାଇଁ ଆମେ ଛାଡିଦେଲୁ ବୋଲି ଶ୍ରୀ ପଣ୍ଡା କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ରାଜେନ୍ଦ୍ର ପଣ୍ଡା ଏବଂ ଗଣମାଧ୍ୟମ ସହ ପ୍ରମୁଖ ସୁଜିତ ଦାସ୍ ପ୍ରମୁଖ ଉପସ୍ଥିତ ଥିଲେ ।

## ବୋଝେଇ ୨ଟି ଟ୍ରାକ୍ଟର ଓ ଗୋଟିଏ ଜେସିବିକୁ ଜବତ କଲେ ବସ୍ତା ତହସିଲଦାର : ଜୋରିମାନା ଆଦାୟ

ବସ୍ତା, ୦୩/୦୩ (ନି.ପ୍ର): ବେଆଇନ ଭାବେ ବାଲି ବୋଝେଇ କରି ଦୁଇଟି ଟ୍ରାକ୍ଟର ଓ ଗୋଟିଏ ଜେସିବି କୁ ବସ୍ତା ତହସିଲଦାର ଅତନୁ ପ୍ରଧାନ ଶୁକ୍ରବାର ୬୦ ନଂ ଜାତୀୟ ରାଜପଥରେ ଜବତ କରିଛନ୍ତି ।ଦୁଇଟି ଟ୍ରାକ୍ଟରରୁ ୨୦ହଜାର ୨୧୦ଟଙ୍କା ଆଦାୟ କରାଯାଇଥିବା ବେଳେ ଜେସିବି (ଓଡ଼ି ୦୧ ୩୦୧୫)କୁ ୧ଲକ୍ଷ ୧ହଜାରଟଙ୍କା ଧାର୍ଯ୍ୟ ହୋଇଥିଲେ ମଧ ତାହା କୁ ବସ୍ତା ଥାନାକୁ ଟଣା ଯାଇଛି ।ଅବଶ୍ୟ ଜେସିବି ଠାରୁ ଜୋରିମାନା ଆଦାୟ ହୋଇନାହିଁ ।ବିଭିନ୍ନ ଚାପ ସତ୍ତ୍ୱେ ଏହି ତିନୋଟି ଗାଡି କୁ ତହସିଲଦାର ଧରିବା ଘେନି ଚର୍ଚ୍ଚାର ବିଷୟ ହୋଇଛି ।

## ଓଷ୍ଟା ଜଳେଶ୍ୱର ଜୋନ୍‌ର ଜରୁରୀ ବୈଠକ

ଜଳେଶ୍ୱର, ୦୩/୦୩ (ନି.ପ୍ର): ଆଜି ଓଷ୍ଟା ଜଳେଶ୍ୱର ଜୋନ୍‌ର ଏକ ଜରୁରୀ ବୈଠକ ବ୍ଲକ ସଭାପତି ସୁକୁମାର ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇ ଯାଇଛି । ସଂପାଦକ ଡ. ଅଜିତ୍ ମହାନ୍ତି ଯୋଗ ଦେଇ ୧୦ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଉତ୍ତର ଉନ୍ନତୀ, ବିଦ୍ୟାଳୟର ସୁପରିଚାଳନା ଏବଂ ଉତ୍କର୍ଷର ପ୍ରଶ୍ନପତ୍ର ବଣ୍ଟନ ଆଲୋଚନା ହୋଇଥିଲା । ଜିଲା ସଂପାଦକ ମନୋରଂଜନ ଦାସ , କାର୍ଯ୍ୟକାରୀ ସଭାପତି କୁଂଜ ବିହାରୀ ପ୍ରଧାନ, ଉପଦେଷ୍ଟା ପ୍ରାଣକୃଷ୍ଣ ଗିରି, ବିନୋଦବିହାରୀ ମହାପାତ୍ର, ହରେକୃଷ୍ଣ ଜେନା ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗନେଇଥିଲେ । ଏଥିରେ ୪୧ଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷୟତ୍ରୀ ତଥା ଓଷ୍ଟାର ସଦସ୍ୟମାନଙ୍କ ମଧ୍ୟରେ ସରୋଜ କୁମାର ପାଣିଗ୍ରାହୀ, କେଶବ ପରିଡା, ମନୋରଂଜନ ଦତ୍ତ, ହରିପଦ ସିଂ, ଗୌରୀବାଳା ମହାନ୍ତି, ରଶ୍ମିରେଖା ଜେନା, ଶାନ୍ତନୁ ଦାସ, ସଂଜୟ କୁମାର ନନ୍ଦୀ, ଅଜୟ କୁମାର ଦାସ, ଦୟାନିଧି ପ୍ରଧାନ, ଅନୁପ୍ରଭା ଦାସ ଓ କାର୍ତ୍ତିକ ଚନ୍ଦ୍ର ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

## କବିତା ପାଠ ଉତ୍ସବ 'ମଧୁ ମହୋତ୍ସବ'

ଭୁବନେଶ୍ୱର, ୦୩/୦୩ (ନି.ପ୍ର): ଉତ୍କଳ ବିଶ୍ୱବିଦ୍ୟାଳୟର 'କ୍ରିଏଟିଭ୍ ରାଇଟିଂ କ୍ଲବ' ପକ୍ଷରୁ କବିତା ପାଠ ଉତ୍ସବ ଇନୋଭେସନ ଆଣ୍ଡ ଇନକ୍ୟୁବେସନ ସେଂଟର(ସିଆଇଆଇ)ରେ 'ମଧୁ ମହୋତ୍ସବ' ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଛାତ୍ର ମଙ୍ଗଳ ନିର୍ଦ୍ଦେଶିକା ପ୍ରଫେସର ମିତାଲି ଚିନାରା ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ଗଢା ହୋଇଥିବା 'କ୍ରିଏଟିଭ୍ ରାଇଟିଂ କ୍ଲବ' ଛାତ୍ରଛାତ୍ରୀମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶରେ ସହାୟକ ହୋଇପାରିବ ଏବଂ ସେମାନଙ୍କ ପ୍ରତିଭା ପ୍ରଦର୍ଶନ ପାଇଁ ଏହା ଏକ ମଞ୍ଚ ଭାବେ ବିବେଚିତ ହେବ ବୋଲି କହିଥିଲେ। ଏହାସହିତ ଡିବେଟିଂ କ୍ଲବ, କଲଚରାଲ କ୍ଲବ, ଇକୋ କ୍ଲବ ଏବଂ ପେଂଟିଂ କ୍ଲବ ଆଦି ଅନ୍ୟ କ୍ଲବମାନଙ୍କରେ ମଧ ଛାତ୍ରଛାତ୍ରୀମାନଙ୍କ ଅଂଶଗ୍ରହଣ ବେଶ୍ ଉତ୍ସାହଜନକ ଏବଂ ଏସବୁ ବିଶ୍ୱବିଦ୍ୟାଳୟରେ ଏକ ସୁନ୍ଦର ଗଠନମୂଳକ ବାତାବରଣ ସୃଷ୍ଟି କରିବ ବୋଲି ସେ ପ୍ରକାଶ କରିଥିଲେ। ଏହି ଉତ୍ସବରେ ବହୁ ଛାତ୍ରଛାତ୍ରୀ ଓଡ଼ିଆ, ଇଂରାଜୀ, ହିନ୍ଦୀ ଏବଂ ସଂସ୍କୃତ ଏହି ଚାରୋଟି ଭାଷାରେ ସ୍ୱରଚିତ କବିତା ପାଠ କରିଥିଲେ। ଡ.ବ୍ରଜ ସୁନ୍ଦର ମିଶ୍ର ଏବଂ ନିର୍ଝରିଣୀ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମାର୍ଚ୍ଚ ୫ ରୁ ୯ ଉଦ୍ୟୋଗୀ ସପ୍ତାହ- ୨୦୨୩ ପାଳନ : ସ୍ଥାନପାଇବ ୬୦ଟି ଷ୍ଟଲ୍

ଭଦ୍ରକ, ୦୩/୦୩ (ନି.ପ୍ର): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ ଅବସରରେ ପ୍ରତିବର୍ଷ ମାର୍ଚ୍ଚ ୫ ରୁ ୯ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଜିଲ୍ଲା ସଦର ମହକୁମାରେ ଉଦ୍ୟୋଗୀ ସପ୍ତାହ ପାଳନ କରାଯାଇଥାଏ । ଏହି ପରିପ୍ରେକ୍ଷୀରେ ଚଳିତ ବର୍ଷ ପାଇଁ ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲାଶିଳ୍ପ କେନ୍ଦ୍ର ଜରିଆରେ ମାର୍ଚ୍ଚ ୫ ରବିବାର ଠାରୁ ୯ ତାରିଖ ଗୁରୁବାର ପର୍ଯ୍ୟନ୍ତ ୫ଦିନ ଧରି ଭଦ୍ରକ ସ୍ୱଂଶାସିତ ମହାବିଦ୍ୟାଳୟ ଖେଳ ପଡ଼ିଆରେ ଉକ୍ତ ସପ୍ତାହ ପାଳନ ଉପଲକ୍ଷେ ଏକ ପ୍ରଦର୍ଶନୀ ମେଳା ଆୟୋଜନ ନେଇ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଏହି କାର୍ଯ୍ୟକ୍ରମ ୫ ତାରିଖ ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇ ୯ ତାରିଖ ସନ୍ଧ୍ୟାରେ ଉଦ୍‌ଯାପିତ ହେବ। ସ୍ଥାନୀୟ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀମାନେ ଏହି ପ୍ରଦର୍ଶନୀରେ ସୁଯୋଗ ପାଇବା ସହିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ହସ୍ତଶିଳ୍ପ କାରିଗର, ଓରମାସ୍, ମିଶନଶକ୍ତି ଆଦି ମାନଙ୍କ ମଧ୍ୟରେ ଏହି ପ୍ରଦର୍ଶନୀ ପାଇଁ ଷ୍ଟଲ ବଣ୍ଟନ କରାଯିବ । ଏହି ପ୍ରଦର୍ଶନୀରେ ସ୍ଥାନ ପାଇବାକୁ ଥିବା ପାଖାପାଖି ୬୦ଟି ଷ୍ଟଲ୍‌ରେ ବିଭିନ୍ନ ଆଞ୍ଚଳିକ ଉତ୍ପାଦ, ଶିଳ୍ପ ଭିତ୍ତିକ ଉତ୍ପାଦ, ହସ୍ତଶିଳ୍ପ ଓ ମହିଳା ଗୋଷ୍ଠୀଙ୍କ ଦ୍ୱାରା ଉତ୍ପାଦ ସବୁର ପ୍ରଦର୍ଶନ ଓ ବିକ୍ରୟ ସୁବିଧା ହୋଇପାରିବା ସହ ଉପଯୁକ୍ତ ବଜାର ସୃଷ୍ଟି ହୋଇପାରିବ । ନୂତନ ଉତ୍ପାଦ ନେଇ କ୍ରେତା ଓ ବିକ୍ରେତାଙ୍କ ମଧ୍ୟରେ ବାଣିଜିକ ଓ ଖାଉଟି ସମ୍ପର୍କ କ୍ରମେ ନୂତନ ବଜାର ବ୍ୟବସ୍ଥା ସଂଗଠିତ ହେବାର ସୁଯୋଗ ଓ ସମ୍ଭାବନା ସୃଷ୍ଟି ହୋଇପାରିବ । ଏହି ପ୍ରଦର୍ଶନୀ ପ୍ରତ୍ୟେକ ଦିନ ପୂର୍ବାହ୍ନ ୧୦ଟା ରୁ ରାତ୍ର ୧୦ଟା। ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଖୋଲା ରହିବ । ପ୍ରଦର୍ଶନୀ ମେଳା ବ୍ୟତୀତ ଏହି ସପ୍ତାହ ପାଳନ କାର୍ଯ୍ୟକ୍ରମରେ ସରକାରୀ ଯୋଜନା ନେଇ ଜନସାଧାରଣ, ହିତାଧିକାରୀ, ସ୍ୱେଚ୍ଛାସେବୀ, ମହିଳାଗୋଷ୍ଠୀ ଆଦିଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବିଭିନ୍ନ ସେମିନାର, କର୍ମଶାଳା ଆଲୋଚନା ଚକ୍ରମାନ ପ୍ରତିଦିନ ଦିବା ୧୧ ଘଟିକାରେ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି । ଏହି ପ୍ରଦର୍ଶନୀର ସୁଯୋଗ ନେବା ସହିତ ଜନସାଧାରଣ, ହିତାଧିକାରୀ, ମହିଳାଗୋଷ୍ଠୀ ଆଦିର ସଦସ୍ୟମାନେ ବିପୁଳ ସଂଖ୍ୟାରେ ଏହି ସପ୍ତାହ ପାଳନର ସମସ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇ ବିଭିନ୍ନ ଯୋଜନାର ସୁବିଧା, ସୁଯୋଗ, କାର୍ଯ୍ୟକାରୀତା ଆଦି ସମ୍ବନ୍ଧରେ ଅବଗତ ହେବା ନେଇ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଜିଲ୍ଲା ଶିଳ୍ପକେନ୍ଦ୍ର ସାଧାରଣ ପରିଚାଳକ ପିତାମ୍ବର ପରିଡ଼ା ସମସ୍ତଙ୍କୁ ଅନୁରୋଧ କରିଛନ୍ତି ।

## ରନ୍ଧନ ଗ୍ୟାସର ମୂଲ୍ୟବୃଦ୍ଧି ବିରୁଦ୍ଧରେ ଏସୟୁସିଆଇ ପକ୍ଷରୁ ବିକ୍ଷୋଭ




ବାରିପଦା, ୦୩/୦୩ (ନି.ପ୍ର): ଏସୟୁସିଆଇ(ସି) ପକ୍ଷରୁ ବାରିପଦା ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଆଜି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଦେଶର ଜନସାଧାରଣ କରୋନା ଜନିତ ଆର୍ଥିକ ଦୁରାବସ୍ଥାରୁ ଉଦ୍ଧାର ପାଇନଥିବା ବେଳେ ଅତ୍ୟାବଶ୍ୟକ ଜିନିଷପତ୍ରର ଦରବୃଦ୍ଧି ପାଇଁ ଗରିବ ଜନସାଧାରଣଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଯାଇଛି କ୍ଷ ଏଭଳି ଏକ ସଙ୍କଟମୟ ପରିସ୍ଥିତିରେ ବୋଝ ଉପରେ ନଳିତା ବିଡା ସଦୃଶ ରନ୍ଧନ ଗ୍ୟାସର ମୂଲ୍ୟ ବୃଦ୍ଧି ଜନତାଙ୍କୁ ବେଢି ଉପରେ କରୋଡା ମାଡ ସଦୃଶ ବୋଲି ବିକ୍ଷୋଭ କାରୀ ମାନେ କହିଛନ୍ତି । ସୂଚନା ମୁତାବକ ଚଳିତ ବର୍ଷର ପ୍ରଥମ ଦୁଇ ମାସରେ ରୋଷେଇ ଗ୍ୟାସ ମୂଲ୍ୟ ୭୫ ଟଙ୍କା ବଢ଼ିଛି । ଗତ ଜାନୁଆରିରେ ୨୫ ଟଙ୍କା ବଢ଼ିବା ପରେ ମାର୍ଚ୍ଚ ୧ ତାରିଖରେ ଦାମ୍ ଆଉ ୫୦ ଟଙ୍କା ବୃଦ୍ଧି ପାଇଛି । ଉଜ୍ୱଳା ସ୍କିମ ଅଧୀନରେ ଏଲପିଜି ସଂଯୋଗ ନେଇଥିବା ଲୋକମାନେ ଏଭଳି ଚଢ଼ା ଦାମରେ ଗ୍ୟାସ ସିଲିଣ୍ଡର କିଣିବା ଏକପ୍ରକାର ଅସମ୍ଭବ ହୋଇପଡିଛି । ଏଲ୍‌ପିଜି ମୂଲ୍ୟରେ ବାରମ୍ବାର ବୃଦ୍ଧି କରାଯିବା ପରେ ସବସିଡି ପରିମାଣ ନଗଣ୍ୟ ସ୍ତରକୁ ହ୍ରାସ ପାଇ ସିଲିଣ୍ଡର କିଣା ମୂଲ୍ୟ ଓ ବଜାର ମୂଲ୍ୟ ପ୍ରାୟ ସମାନ ହୋଇଯାଇଛି । ତେଣୁ ଅବିଳମ୍ବେ ଦରବୃଦ୍ଧି ରୋକି ସୁଲଭ ଦରରେ ଜନସାଧାରଣଙ୍କୁ ରନ୍ଧନ ଗ୍ୟାସ୍ ଯୋଗାଇଦେବା ପାଇଁ ବିକ୍ଷୋଭକାରୀ ମାନେ ଦାବୀ କରିଛନ୍ତି । ଏହି ବିକ୍ଷୋଭ ସମାବେଶରେ କମ୍ରେଡ଼ ପିତାମ୍ବର ନାଏକ, ଫୁଲଚାନ୍ଦ ଲୋହାର, ସର୍ଦ୍ଦାର ସିଂ, ଯତୀନ ବାନରା, ବୁଦୁନି ବାନରା, ମାଣିକ ମୁଣ୍ଡା, ରଂଜିତ ସିଂ, ସୁଶାନ୍ତ ନାଏକ ପ୍ରମୁଖ ନେତୃତ୍ୱ ନେଇଥିଲେ ।

## ବୈଦିକ ଗୁରୁକୁଳ ଆଶ୍ରମର ୩୪ତମ ବାର୍ଷିକ ମହୋତ୍ସବ ଉଦ୍‌ଘାଟିତ



ବସ୍ତା, ୦୩/୦୩ (ନି.ପ୍ର): ସ୍ଥିତ ପିଞ୍ଛାବଣିଆ ଗୁରୁକୁଳ ଆଶ୍ରମ ର ୩୪ ତମ ବାର୍ଷିକ ମହୋତ୍ସବ ଓ ଆର୍ଯ୍ୟ ସେବା ସଂଘ ଦ୍ୱିତୀୟ ବାର୍ଷିକ ଉତ୍ସବ ଆଜି ଉଦଘାଟିତ ହୋଇଯାଇଛି। ଆଶ୍ରମକୁ ଆସିଥିବା ଆଗନ୍ତୁକ ଓ ବେଦପ୍ରେମି ଶ୍ରଦ୍ଧାଳୁ ମାନଙ୍କୁ ନେଇ ସକାଳେ ପ୍ରଭାତ ଫେରି ଅନୁଷ୍ଠିତ ହୋଇଯାଇଅଛି। ଏହି ଉଦଘାଟନୀ ଉତ୍ସବରେ ସମାଜସେବୀ ଶ୍ରୀଯୁକ୍ତ ସୁମନ୍ତ କୁମାର ଜେନା ଆର୍ଯ୍ୟ ସେବା ସଂଘ ଓ ଓଡ଼ିଶା ରକ୍ତଦାତା ସଂଘ ର ମିଳିତ ଆନୁକୂଲ୍ୟରେ ଆୟୋଜିତ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର କୁ ଉଦଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଜୟନ୍ତ କୁମାର ପାଣିଗ୍ରାହୀ, ମୁଖ୍ୟ ବକ୍ତା ଭାବେ ପଣ୍ଡିତ ନିରଞ୍ଜନ ପଣ୍ଡା ଶର୍ମା, ସମ୍ମାନୀତ ଅତିଥି ଭାବେ ପ୍ରଦୀପ ମହାନ୍ତି, ଶ୍ରୀଯୁକ୍ତ ସୁଧାକର ଗିରି, ବରେଣ୍ୟ ଅତିଥି ଭାବେ ଅଧ୍ୟାପକ ତାପସ କୁମାର ପଣ୍ଡା, ପଣ୍ଡିତ ସୁରେନ୍ଦ୍ର ସିଂହ, ଶ୍ରୀଯୁକ୍ତ ବିଷ୍ଣୁ ଚରଣ ବାନପ୍ରସ୍ଥି ଉପସ୍ଥିତ ରହିଥିଲେ। ଏହି ଅବସରରେ ଯୋଗ, ପ୍ରାଣାୟମ, ବିଶ୍ୱ କଲ୍ୟାଣ ଯଜ୍ଞ , ଗୋ ମାତା ସେବା ସହିତ ବିଶାଳ ରକ୍ତ ଦାନ ଶିବିର ଅନୁଷ୍ଠିତ ହେଇଥିଲା। ଗୁରୁକୁଳର ସଂଚାଳକ ଆଚାର୍ଯ୍ୟ ବିଜୟ ଜୀଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସୁଚାରୁରୂପେ ପରିଚାଳନା ହୋଇଥିଲା। ପରିଶେଷରେ ଆଜିର କାର୍ଯ୍ୟକ୍ରମ ର ସଭାପତି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଅନନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅସୁସ୍ଥ ଦନ୍ତାର ଚିକିତ୍ସା ପାଇଁ ପ୍ରୟାସ ଜାରୀ : ଜଗି ରହିଛି ବିଶେଷଜ୍ଞ ଟିମ୍

ନୀଳଗିରି, ୦୩/୦୩ (ନି.ପ୍ର): ହାତୀ ଅଭୟାରଣ୍ୟ ଭାବରେ ଖ୍ୟାତି ଲାଭ କରିଥିବା ନୀଳଗିରି କୁଳଡିହା ଅଭୟାରଣ୍ୟରେ ଏବେ ହାତୀ ସଂକଟରେ । ବିଗତ ଏକ ବର୍ଷ ଭିତରେ ବିଭିନ୍ନ କାରଣରୁ ୬ଗୋଟି ହାତୀର ମୃତ୍ୟୁ ଘଟିଥିବା ବେଳେ ଏବେ ଖୁମ୍‌କୁଟ ଡ୍ୟାମ ନିକଟ କୁଳଡିହା ଅଭୟାରଣ୍ୟ ଅଂଚଳରେ ଏକ ଦନ୍ତାହାତୀ ଅସୁସ୍ଥ ଥିବାର ପରିଲକ୍ଷିତ ହୋଇଥିଲା । ବନବିଭାଗ ଅସୁସ୍ଥ ଦନ୍ତାର ଚିକିତ୍ସା ପାଇଁ ବିଭିନ୍ନ ଉପାୟ ଅବଲମ୍ବନ ପୂର୍ବକ ଖାଦ୍ୟର ଔଷଧ ପ୍ରୟୋଗ କରି ଚିକିତ୍ସା କରିବାକୁ ଚେଷ୍ଟା ଜାରି ରଖିଥିଲା । ମାତ୍ର ସେଭଳି ଆଖି ଦୃଶିଆ ସ୍ୱାସ୍ଥ୍ୟ ଅବସ୍ଥା ସୁଧୁରି ନ ଥିବା ବେଳେ ଅଧିକ ଗୁରୁତର ହୋଇ ପଡ଼ିଥିଲା । ଶୁକ୍ରବାର ବନବିଭାଗର ଏକ ଉଚ୍ଚସ୍ତରୀୟ ଟିମ୍ ବାରିପଦା ଆର.ସି.ସି.ଏଫ. ଟି. ଅଶୋକ କୁମାରଙ୍କ ନେତୃତ୍ୱରେ ନୂତନ ଭାବେ କାର୍ଯ୍ୟଭାର ସମ୍ଭାଳିଥିବା ବାଲେଶ୍ୱର ଡି.ଏଫ.ଓ. ଖୁସଓ୍ୱନ୍ତ ସିଂ, ନୀଳଗିରି ରେଞ୍ଜର ଅନନ୍ତ କୁମାର ଜେନା ଏବଂ ଟିମ୍ ଙ୍କ ସହ ଟ୍ରାଙ୍କୁଲାଇଜର ଟିମ୍ ଘଟଣାସ୍ଥଳରେ ପହଂଚି ହାତୀଟିକୁ ଠାବ କରିଥିଲେ। ମାତ୍ର ଅସୁସ୍ଥ ଦନ୍ତାହାତୀଟିକୁ ଠାବ କରିବାରେ ବନବିଭାଗ ବିଫଳ ହେବା ପରେ ହାତୀଟିକୁ ଟ୍ରାଙ୍କୁଲାଇଜ କରାଯାଇପାରି ନାହିଁ। ପରେ ଆର.ସି.ସି.ଏଫ. ଫେରି ଯାଇଥିବା ବେଳେ ଆସନ୍ତାକାଲି ପୁଣି ହାତୀଟିକୁ ଠାବ କରି ଟ୍ରାଙ୍କୁଲାଇଜର ମାଧ୍ୟମରେ ହାତୀର ଚିକିତ୍ସା କରାଯିବା ପାଇଁ ଚେଷ୍ଟା କରାଯିବ ବୋଲି ବନବିଭାଗ ସୂତ୍ରରୁ ପ୍ରକାଶ। ସୂଚନା ଥାଉକି ଗତ ସପ୍ତାହରେ ଦୁଇଟି ଦନ୍ତା ମଧ୍ୟରେ ଲଢ଼େଇ ଯୋଗୁଁ ଗୋଟିଏ ଦନ୍ତ ଗୁରୁତର ଆଘାତ ଯୋଗୁଁ ଅସୁସ୍ଥ ହୋଇପଡ଼ିଥିବା ବାଲେଶ୍ୱର ଡି.ଏଫ.ଓ ସୂଚନା ଦେଇଛନ୍ତି । ପ୍ରଥମ ଦିନ ଟ୍ରାଙ୍କୁଲାଇଜର ବିଫଳ ହୋଇଥିବା ବେଳେ ଆସନ୍ତାକାଲି ପ୍ରୟାସ ଜାରି ରହିବ ବୋଲି ସୂଚନା ମିଳିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ମହିଳା ସଶକ୍ତିକରଣ କେବଳ....

ଏକ ଅନନ୍ୟ ସୁଯୋଗ ଦେଇଛି । ଇନୋଭେସନ ଓ ଟେକ୍‌ନୋଲୋଜିର ପ୍ରୟୋଗରେ ଶିକ୍ଷା, ନିଯୁକ୍ତି, କର୍ମକ୍ଷେତ୍ର ଏବଂ ସମାଜର ବିଭିନ୍ନ କ୍ଷେତ୍ରରେ ବିଭେଦ ଦୂର କରାଯାଇ ନାରୀ ମାନଙ୍କ ଅଧିକାରର ସୁରକ୍ଷା କରାଯାଇପାରୁଛି। ମହିଳା ମାନଙ୍କ ବିରୁଦ୍ଧରେ ହେଉଥିବା ହିଂସାକୁ ମଧ ରୋକାଯାଇ ପାରୁଛି। ଏହାଦ୍ୱାରା ସମାଜରେ ଲିଙ୍ଗଗତ ବୈଷମ୍ୟ ଦୂର ହୋଇ ଏକ ନ୍ୟାୟପୂର୍ଣ୍ଣ ସମାଜ ଗଠନ କରାଯାଇପାରିବ। ତେଣୁ ଇନୋଭେସନ ଓ ଟେକ୍‌ନୋଲୋଜିର ଅଧିକରୁ ଅଧିକ ପ୍ରୟୋଗ କରି ମହିଳା ମାନଙ୍କୁ ସବୁ କ୍ଷେତ୍ରରେ ସମାନ ଅଧିକାର ପ୍ରଦାନ କରିବା ସହିତ ଏକ ନ୍ୟାୟପୂର୍ଣ୍ଣ ସମାଜ ଗଠନ ଦିଗରେ କାମ କରିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ରାଜ୍ୟସ୍ତରୀୟ ଉତ୍ସବରେ ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ଶ୍ରୀମତୀ ବାସନ୍ତୀ ହେମ୍ବ୍ରମ କହିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ବଳିଷ୍ଠ ନେତୃତ୍ୱ ଓ ଦିଗ୍‌ଦର୍ଶନରେ ମହିଳା ଓ ଶିଶୁବିକାଶ ବିଭାଗ ମହିଳା ମାନଙ୍କ ସଶକ୍ତିକରଣ ଓ ଅଧିକାରର ସୁରକ୍ଷା ପାଇଁ ଅନେକ କାର୍ଯ୍ୟକ୍ରମ ସଫଳତାର ସହ କାର୍ଯ୍ୟକାରୀ କରୁଛି । ମହିଳା ମାନେ ଆଜି ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ସଶକ୍ତ ହୋଇପାରିଛନ୍ତି ଓ ସେମାନଙ୍କ ପାଇଁ ଅନେକ ସୁଯୋଗ ସୃଷ୍ଟି ହୋଇପାରିଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମହିଳା ଓ ଶିଶୁବିକାଶ ବିଭାଗର ଯୁବ ମାସ୍କଟ 'କୁନି'ର ଶୁଭାରମ୍ଭ କରିଥିଲେ । ଏହି ମାସ୍କଟ କିଶୋର କିଶୋରୀ ମାନଙ୍କୁ ଶିକ୍ଷା, ଅଧିକାର ଓ ଅନ୍ୟାନ୍ୟ କ୍ଷେତ୍ରରେ ସଚେତନ କରିବା ପାଇଁ କାର୍ଯ୍ୟ କରିବ। ଏହାସହିତ ରାଜ୍ୟର ନୂଆ ଶିଶୁ ନୀତି 'ପ୍ରାରମ୍ଭ' ମଧ ଉନ୍ମୋଚିତ ହୋଇଥିଲା। ଏହାସହିତ ଆଶୀର୍ବାଦ ଯୋଜନାର ଏମ୍ ଆଇଏସ୍ ପୋର୍ଟାଲ୍ ଏବଂ ୱାନ୍ ଷ୍ଟପ୍ ସେଣ୍ଟର ଓ ମହିଳା ହେଲ୍‌ପ ଲାଇନରେ ସଫଳ ମହିଳାଙ୍କ କାହାଣୀ ଉପରେ ଏକ କେସ୍ ଷ୍ଟଡି ବୁକଲେଟ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱର ବିଜୟଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀର ଜାନକୀ ବିଶ୍ୱାଳ ଏବଂ ବି.ଏମ.ସି ଅଙ୍ଗନବାଡି କର୍ମୀ ଆରତୀ ସାହୁ ପ୍ରମୁଖ ସେମାନଙ୍କର ଅଭିଜ୍ଞତା ବର୍ଣ୍ଣନା କରି କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ମହିଳା ସଶକ୍ତିକରଣ କାର୍ଯ୍ୟକ୍ରମ ଯୋଗୁ ଆଜି ନାରୀ ମାନେ ବିଭିନ୍ନ କ୍ଷେତ୍ରରେ ସକ୍ଷମ ହୋଇ ସ୍ୱାଧୀନ ଭାବରେ କାମ କରିପାରୁଛନ୍ତି । କୋଭିଡ ସମୟରେ ମାସ୍କ ଓ ଜାତୀୟ ପତାକା ତିଆରି କରି ଆମେ ଦକ୍ଷତା ଦେଖାଇ ପାରିଥିଲୁ । ବର୍ତ୍ତମାନ ଆମର ଆଉ ପଛକୁ ଚାହିଁବାର ପ୍ରଶ୍ନ ନାହିଁ । ଆମେ ଏଥର ଆଗକୁ ବଢିବୁ । ମହିଳା ଓ ଶିଶୁବିଭାଗ ର କମିଶନର-ତଥା-ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ ଏବଂ ନିର୍ଦ୍ଦେଶକ ଶ୍ରୀ ଅରବିନ୍ଦ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ରାଜ୍ୟ ମହିଳା ଆୟୋଗର ଅଧ୍ୟକ୍ଷା, ମହିଳା ଓ ଶିଶୁ ବିକାଶ ବିଭାଗର ଉପଦେଷ୍ଟା, ମୁଖ୍ୟ ଶାସନ ସଚିବ ଶ୍ରୀ ପ୍ରଦୀପ କୁମାର ଜେନା, ଉନ୍ନୟନ କମିଶନର-ତଥା- ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ରାଜ୍ୟସ୍ତରୀୟ ଅଧିକାରୀ, ସମାଜ ସଂଗଠନ ନାଗରିକ, କର୍ପୋରେଟ୍ ଅନୁଷ୍ଠାନର ପ୍ରତିନିଧି -ତଥା-ଜିଲ୍ଲାସ୍ତରୀୟ ଓ ତୃଣମୂଳ ସ୍ତରର ଜିଲ୍ଲାସ୍ତରୀୟ କର୍ମଚାରୀ ତଥା ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ(ଡିଏସ୍ଡବ୍ଲ୍ୟୁଓ), ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ),କିଶୋର ଓ କିଶୋରୀ ମାନେ ଯୋଗ ଦେଇଥିଲେ। ଏବଂ ଅନ୍ୟାନ୍ୟ ରାଜ୍ୟ ଓ ଜିଲ୍ଲାସ୍ତରୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିଷୟବସ୍ତୁ ଓ ରାଜ୍ୟସାରା ସପ୍ତାହବ୍ୟାପୀ ଉତ୍ସବ ପାଳନ କରାଯିବ। ଏବଂ ରାଜ୍ୟର ପ୍ରୟାସକୁ ଆହୁରି ସୁଦୃଢ଼ କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ମହିଳା ଓ ଶିଶୁ ବିକାଶ ବିଭାଗର ପଦକ୍ଷେପ ଉପରେ ଏକ ଭିଡିଓ ପ୍ରଦର୍ଶିତ କରାଯାଇଥିଲା। ଏହି ଅବସରରେ ୩ ଜଣ ଶ୍ରେଷ୍ଠ ଅଙ୍ଗନବାଡ଼ି କର୍ମୀ, ଶ୍ରେଷ୍ଠ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଏବଂ ଶ୍ରେଷ୍ଠ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଙ୍କୁ ପୁରସ୍କୃତ କରାଯାଇଥିଲା।

### ଗ୍ୟାସ ସିଲିଣ୍ଡର ଦାମ ବୃଦ୍ଧି ପ୍ରତିବାଦରେ....

ପହିଲାରୁ ୧୧୦୩ ଟଙ୍କା ହୋଇଛି । ଆପଣ ଦେଖୁଛନ୍ତି ଯେ ଗତ ୯ ବର୍ଷ ମଧ୍ୟରେ ଗୋଟିଏ ରନ୍ଧନ ଗ୍ୟାସ୍ ସିଲିଣ୍ଡରର ମୂଲ୍ୟ ପ୍ରାୟ ୩ ଗୁଣ ବୃଦ୍ଧି କରାଯାଇଛି ।ଗୋଟିଏ ପଟେ କେନ୍ଦ୍ର ସରକାର ଶସ୍ତା ରନ୍ଧନ ଗ୍ୟାସ କଥା କହୁଥିବାବେଳେ ଅନ୍ୟପଟେ ରନ୍ଧନ ଗ୍ୟାସ ଦର ବଢାଇ ଚାଲିଛନ୍ତି । ସେମାନେ କହିଛନ୍ତି ଯେ ରନ୍ଧନ ଗ୍ୟାସର ଏପରି ଆକାଶଛୁଆଁ ଦରବୃଦ୍ଧି ହେତୁ ଲକ୍ଷ ଲକ୍ଷ ମା' ଓ ଭଉଣୀମାନେ ଏହି ଗ୍ୟାସ ସିଲିଣ୍ଡର ଭରି ନପାରି ପୁନର୍ବାର ଜାଳେଣି କାଠ ବ୍ୟବହାର କରିବାକୁ ବାଧ ହେଉଛନ୍ତି । କେନ୍ଦ୍ର ସରକାର ଏନଏସଏଫଏ ଅଧିନରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା (ପିଏମଜିକେଏୱାଇ) ରେ ପ୍ରତି ବ୍ୟକ୍ତିଙ୍କ ପାଇଁ ଦେଉଥିବା ମାସିକ ୫ କିଲୋଗ୍ରାମ ମାଗଣା ଚାଉଳକୁ ବନ୍ଦ କରିଦେଲେ । ବର୍ତ୍ତମାନ ୯ ବର୍ଷରେ ରନ୍ଧନ ଗ୍ୟାସର ମୂଲ୍ୟ ତିନି ଗୁଣା ବୃଦ୍ଧି କରି ସେମାନେ ସାଧାରଣ ଲୋକଙ୍କ ରୋଷେଇ ଘର ଏବଂ ପରିବାର ଉପରେ ଦୁଇଗୁଣା ବୋଝ ଲଦି ଦେଇଛନ୍ତି । ସେମାନେ ଏହି ପ୍ରସଙ୍ଗରେ ଓଡିଶା ବିଜେପି କାହିଁକି ଚୁପ୍ ଅଛି ବୋଲି ପ୍ରଶ୍ନ କରିବା ସହ ସେମାନେ କାହିଁକି ଏହିପରି ସମସ୍ୟା ବିଷୟରେ ଆଲୋଚନା କରିବାକୁ ଚାହୁଁନାହାଁନ୍ତି ଯାହା ସାଧାରଣ ପୁରୁଷ ଏବଂ ମହିଳା, ତାଙ୍କ ରୋଷେଇ ଘର, ପରିବାର, ଜୀବନ ଏବଂ ଜୀବିକା ଉପରେ ପ୍ରଭାବ ପକାଇଥାଏ ? ରନ୍ଧନଗ୍ୟାସ ମୂଲ୍ୟ ବୃଦ୍ଧି ଯୋଗୁଁ ଓଡିଶାର ମା'ମାନଙ୍କ ଆଖିରୁ ବାହାରୁଥିବା ଲୁହ ଅପେକ୍ଷା କ'ଣ ରାଜନୀତି କରିବା ଓଡିଶା ବିଜେପି ପାଇଁ ଗୁରୁତ୍ୱପୂର୍ଣ୍ଣ କି ବୋଲି ବିଜେଡି ପ୍ରଶ୍ନ କରିଛି ।

### ବାପା କରୁଥିଲେ ଡିଲ, ପୁଅ....

ଲାଞ୍ଚ ନେଉଥିବା ସମୟରେ ଧରାପଡିଥିଲେ । ଟେଣ୍ଡର ପାଇଁ ପ୍ରଶାନ୍ତ ୮୦ଲକ୍ଷ ଟଙ୍କା ଦାବି କରିଥିଲେ । ବିଜେପି ବିଧାୟକ ମଦଲ ଏବେ କର୍ଣ୍ଣାଟକ ସୋପ୍ ଆଣ୍ଡ ଡିଟରଜେଂଟସ ଲିମିଟେଡର ଅଧ୍ୟକ୍ଷ ଅଟନ୍ତି । ଘଟଣା ସାମ୍ନାକୁ ଆସିବା ପରେ ବିଜେପି ବିଧାୟକ କହିଛନ୍ତି ପୁଅ ଲାଞ୍ଚ ନେଉଥିବା ନେଇ ସେ କିଛି ବି ଜାଣନ୍ତି ନାହିଁ । ସେପଟେ କର୍ଣ୍ଣାଟକ ସରକାର କହିଛନ୍ତି ମାମଲାର ନିରପେକ୍ଷ ତଦନ୍ତ କରାଯିବ ।

## ଦନ୍ତା ହାତୀର ଆକ୍ରମଣରେ ଗଲା ନିରିହ ଲୋକର ଜୀବନ



ବସ୍ତା, ୦୩/୦୩ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ପତ୍ରଝଡ଼ା ପଞ୍ଚାୟତ କରଞ୍ଜିଆ ଗ୍ରାମର ଦନ୍ତାହାତି ବିଳମ୍ବିତ ରାତ୍ରୀରେ ଗାଁରେପଶି ତାଣ୍ଡବ ରଚିବା ସହିତ ଭୁଲା ରାମ ନାମକ ଜଣେ ବୃଦ୍ଧ କୁ କଚାଡି ମାରି ଦେଇଛି । ସୂଚନା ଅନୁଯାୟୀ ଆଜି ଭୋର ସମୟରେ ବାହାରେ କୌଣସି ସଦ୍ଦ ପାଇ ଭୁଲା ରାମ ଘରୁ ବାହାରକୁ ବାହାରି ଆସିଥିଲେ। ହଠାତ ବାହାରେ ଥିବା ହାତୀ ତାଙ୍କୁ ଶୁଣ୍ଢ ସାହାଯ୍ୟରେ ଉଠାଇ ନେଇ କଚାଡି ବା ସହିତ ପାଦରେ ଦଳି ଦେଇଥିଲେ । ଫଳରେ ଘଟଣାସ୍ଥଳରେ ଭୁଲାୟ ମୃତ୍ୟୁ ହୋଇ ଯାଇଛି । ତେବେ ଏହି ଅଞ୍ଚଳରେ କିଛି ଦିନ ଧରି ୯ ଟି ହାତୀ ପଲ ବେତନଟୀ ଜଙ୍ଗଲ ରେ ରହି ସ୍ଥାନୀୟ ଅଞ୍ଚଳରେ ଉପଦ୍ରବ ସୃଷ୍ଟି କରୁଛନ୍ତି । ଏନେଇ ବାରମ୍ବାର ଗ୍ରାମବାସୀ ବନ ବିଭାଗ ପାଖରେ ଅଭିଯୋଗ କଲେ ମଧ ବନ ବିଭାଗ ଏଥିପ୍ରତି କୌଣସି ପଦକ୍ଷେପ ନେଉନାହାନ୍ତି । ଯାହା ଫଳରେ ଏଭଳି ବାରମ୍ବାର ଘଟଣା ଘଟୁଛି । ତେବେ, ପରିବାର ତରଫରୁ କ୍ଷତି ପୂରଣ ଦାବୀ କରିବା ସହିତ ସ୍ଥାନୀୟ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି । ଯଥାଶୀଘ୍ର ଫରେଷ୍ଟ ଅଫିସ କରିବା ପାଇଁ ଦାବୀ ଅଞ୍ଚଳବାସୀ କରିଛନ୍ତି ।

## ସମ୍ଭାବ୍ୟ ଅଂଶୁଘାତ ମୁକାବିଲା ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ



ଭଦ୍ରକ, ୦୩/୦୩ (ନି.ପ୍ର): ଗ୍ରୀଷ୍ମ ପ୍ରଧାନ ରାଜ୍ୟ ଓଡ଼ିଶାରେ ମାର୍ଚ୍ଚରୁ ଜୁନ୍ , ଜୁଲାଇ ପର୍ଯ୍ୟନ୍ତ ଅନୁଭୁତ ହେଉଥିବା ପ୍ରଚଣ୍ଡ ରୌଦ୍ର ପ୍ରବାହ ଜନିତ ଅଂଶୁଘାତ ସମସ୍ୟାର ମୁକାବିଲା ପାଇଁ ଆଜି ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲା ଜରୁରୀକାଳୀନ ବିଭାଗର ସଂଯୋଜନାରେ ଜିଲ୍ଲା ସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ସି.ଡି.ଓ. ପ୍ରତାପ ପ୍ରୀତିମୟ, ସି.ଡି.ଏମ୍.ଓ ଡା. ସନ୍ତୋଷ କୁମାର ପାତ୍ର, ଉପଜିଲ୍ଲାପାଳ ମନୋଜ ପାତ୍ର, ଏ.ଏସ୍.ପି. ବିଜୟ ରଞ୍ଜନ କେର୍କେଟା, ଅତିରିକ୍ତ ଉପଜିଲ୍ଲାପାଳ ଡ. ଲକ୍ଷ୍ମୀ ପ୍ରସାଦ ସାହୁ, ପ୍ରମୁଖଙ୍କ ସହ ସଂପୃକ୍ତ ବିଭାଗୀୟ ମୁଖ୍ୟମାନେ ଏହି ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବିଶେଷକରି ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା, ଅଂଶୁଘାତ ପୀଡ଼ିତଙ୍କ ତୁରନ୍ତ ଚିକିତ୍ସା ପାଇଁ ଡାକ୍ତରଖାନାମାନଙ୍କରେ ସ୍ୱତନ୍ତ୍ର ଚିକିତ୍ସା, ସ୍କୁଲ, ଅଙ୍ଗନବାଡ଼ି କେନ୍ଦ୍ର ମାନଙ୍କରେ ପାନୀୟ ଜଳ ଓ କାର୍ଯ୍ୟ ସମୟ ପରିବର୍ତ୍ତନ, ଜନଗହଳି ଜାଗା ମାନଙ୍କରେ ଜଳଛତ୍ର, ପ୍ରାଣୀସମ୍ପଦ ପାଇଁ ପାଣିକୁଣ୍ଡ ବ୍ୟବସ୍ଥା, ଶ୍ରମିକମାନଙ୍କ ପାଇଁ ଛାୟାପ୍ରଦ ଆଶ୍ରୟସ୍ଥଳ, ପାନୀୟ ଜଳ ବ୍ୟବସ୍ଥା ସହ ଦିବା ୧୧ ଟା ରୁ ୩ଟା ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ, ବସ୍‌ମାନଙ୍କରେ ପାନୀୟ ଜଳ ବ୍ୟବସ୍ଥା ଆବଶ୍ୟକ ହେଲେ ଚଳାଚଳ ସମୟ ପରିବର୍ତ୍ତନ ଆଦି ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ଆଶୁ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳ ପଦାଧିକାରୀମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଓସ୍ୱାନ୍ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକ ସହିତ ସମସ୍ତ ବ୍ଲକର ବିଡିଓଙ୍କ ନେତୃତ୍ୱରେ ସଂପୃକ୍ତ ବ୍ଲକସ୍ତରୀୟ ଅଧିକାରୀମାନେ ଭି.ସି. ଜରିଆରେ ଯୋଡ଼ି ହୋଇ ମତାମତ ରଖିବା ସହିତ ବ୍ଲକ ସ୍ତରରେ ଗ୍ରାମ ପଞ୍ଚାୟତ ମାନଙ୍କରେ ନିଆଯାଇଥିବା ଓ ନିଆଯିବାକୁ ଥିବା ପଦକ୍ଷେପ ସମ୍ବନ୍ଧରେ ପ୍ରକାଶ କରିଥିଲେ । ଜିଲ୍ଲାର ସମସ୍ତ ସ୍କୁଲ ଅଙ୍ଗନବାଡ଼ି ମାନଙ୍କରେ ନଳକୂପ ବା ନଳ ଦ୍ୱାରା ପାନୀୟ ଜଳ ବ୍ୟବସ୍ଥା ଠିକ୍ ଥିବା ସୂଚନା ଦିଆଯାଇଥିଲା । ସହର ହେଉ କି ଗାଁ ନଳକୂପ ଅଚଳ ସମ୍ବନ୍ଧରେ ଖବର ପାଇଲାମାତ୍ରେ ୨୪ ଘଣ୍ଟାରେ ସଚଳ କରିବା ପାଇଁ ଜନସ୍ୱାସ୍ଥ୍ୟ ଓ ଗ୍ରାମ୍ୟ ଜଳଯୋଗାଣ ବିଭାଗୀୟ ଯନ୍ତ୍ରୀଙ୍କୁ କହୁହାଯାଇଛି । ମୁଖ୍ୟ ଡାକ୍ତରଖାନା ସହିତ ସମସ୍ତ ସି.ଏଚ୍.ସି. , ପି.ଏଚ୍.ସି. ମାନଙ୍କରେ ଅଂଶୁଘାତ ଚିକିତ୍ସା ପାଇଁ ସ୍ୱତନ୍ତ୍ର କକ୍ଷ ସହ ଏ.ସି., କୁଲର, ଫ୍ୟାନ୍, ଆନୁସଙ୍ଗିକ ଔଷଧ, ସାଲାଇନ୍, ଓ.ଆର.ଏସ୍. ବରଫ ଆଦି ମହଜୁଦ ରଖିବା ନେଇ ବ୍ୟବସ୍ଥା କରାଯାଇଥିବା କଥା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରକାଶ କରିଥିଲେ । ବ୍ଲକ ଓ ପୌର ପ୍ରଶାସନ ଦ୍ୱାରା ଯଥେଷ୍ଟ ଜଳଛତ୍ର ବ୍ୟବସ୍ଥା କରାଯିବ ଓ ସେଗୁଡ଼ିକ ପରିଚ୍ଛନତା ପ୍ରତି ଦୃଷ୍ଟି ଦିଆଯିବା ଦିଗରେ ଯତ୍ନବାନ୍ ହେବାକୁ କୁହାଯାଇଛି । ସେହିପରି ଗାଈ ଗୋରୁମାନଙ୍କ ପାଇଁ ବିଭିନ୍ନ ଜାଗାରେ ପାଣିକୁଣ୍ଡ ବ୍ୟବସ୍ଥା ଜିଲ୍ଲାରେ ଥିବା ୭ଟି ଭ୍ରାମ୍ୟମାଣ ଚିକିତ୍ସାଭ୍ୟାନ୍ ଦ୍ୱାରା ଅଂଶୁଘାତ ପିଡ଼ିତ ପ୍ରାଣୀମାନଙ୍କୁ ତୁରନ୍ତ ଚିକିତ୍ସା ଯୋଗାଇ ଦିଆଯିବ ବୋଲି ସି.ଡି.ଭି.ଓ. ଡା. ଶୁଭେନ୍ଦୁ କୁମାର ମିଶ୍ର ସୂଚନା ଦେଇଥିଲେ ।

## ରେଭେନସାରେ ଅପସଂସ୍କୃତି ସମ୍ପନ୍ନ ଚଳଚ୍ଚିତ୍ର ପ୍ରଦର୍ଶନକୁ ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦର ବିରୋଧ

କଟକ, ୦୩/୦୩ (ନି.ପ୍ର): ରେଭେନସା ବିଶ୍ୱବିଦ୍ୟାଳୟରେ 'ଗେ ଇଣ୍ଡିଆ ମାଟ୍ରିମୋନି' ପରି ଭାରତୀୟ ସଂସ୍କୃତି ବିରୋଧି ଚଳଚ୍ଚିତ୍ର ପ୍ରଦର୍ଶନକୁ ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦ ପକ୍ଷରୁ ବିରୋଧ କରାଯାଇଛି । ଏ ସମ୍ପର୍କରେ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରି ସଙ୍ଗଠନର ରାଜ୍ୟ ସଭାପତି ଦୀପକ କୁମାର ମହାନ୍ତ କହିଛନ୍ତି ଯେ, ଏଭଳି ଚଳଚ୍ଚିତ୍ର ଅପ୍ରାପ୍ତ ବୟସ୍କ ଛାତ୍ର ଏବଂ ଯୁବକମାନଙ୍କ ଗହଣରେ ସାର୍ବଜନୀନ ପ୍ରଦର୍ଶନ କରିବା ଦ୍ୱାରା ସାମାଜିକ ବିଶୃଙ୍ଖଳା ସୃଷ୍ଟି ହେବ । ବିଦେଶୀ ଅପସଂସ୍କୃତିକୁ ଜବରଦସ୍ତ ଓଡିଆ ସାମାଜିକ ଜୀବନରେ ପ୍ରବେଶ କରାଇବା ପ୍ରଚେଷ୍ଟାକୁ ଶ୍ରୀ ମହାନ୍ତ ଦୃଢ ବିରୋଧ କରିଛନ୍ତି । ଚଳଚ୍ଚିତ୍ର ପ୍ରଦର୍ଶନ ନାଁ ରେ ବାଛିବାଛି ଆତଙ୍କବାଦୀ ଏବଂ ମାଓବାଦୀଙ୍କୁ ସହାନୁଭୂତି ପ୍ରଦର୍ଶନ କରୁଥିବା ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବାର ଉଦ୍ଦେଶ୍ୟ କ'ଣ ବୋଲି ସେ ପ୍ରଶ୍ନ କରିଛନ୍ତି । ଏହାଦ୍ୱାରା ରେଭେନ୍ସାର ଶାନ୍ତ ବାତାରଣ ନଷ୍ଟ ହୋଇ ଛାତ୍ର ସମାଜ ଅରାଷ୍ଟ୍ରୀୟ ତତ୍ୱଙ୍କ ଦ୍ୱାରା ପ୍ରଭାବିତ ହେବାର ସମ୍ଭାବନା ରହିଛି । ତେଣୁ ରାଜ୍ୟ ସରକାର ତୁରନ୍ତ ହସ୍ତକ୍ଷେପ କରି ରେଭେନ୍ସାରେ ବିବାଦୀୟ ଚଳଚ୍ଚିତ୍ର ପ୍ରଦର୍ଶନ ବନ୍ଦ କରିବାକୁ ସଙ୍ଗଠନ ତରଫରୁ ଦାବୀ କରାଯାଇଛି ।

## ଏକାମ୍ର ହାଟଠାରେ ହସ୍ତଶିଳ୍ପ ପ୍ରଦର୍ଶନୀ-୨୦୨୩ ଉଦ୍‌ଘାଟିତ

ଭୁବନେଶ୍ୱର, ୦୩/୦୩ (ନି.ପ୍ର): ଓଡ଼ିଶା ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅଧିନସ୍ଥ ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ (ଉତ୍କଳିକା) ଦ୍ୱାରା ବିକାଶ ଆୟୁକ୍ତ (ହସ୍ତଶିଳ୍ପ), ନୂଆଦିଲ୍ଲୀ ଭାରତ ସରକାର ଓ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱରଙ୍କ ଆର୍ଥିକ ସହାୟତାରେ ଏକ ୧୦ ଦିନ ବ୍ୟାପୀ ଜାତୀୟସ୍ତରୀୟ ପ୍ରଦର୍ଶନୀ (ହସ୍ତଶିଳ୍ପ ପ୍ରଦର୍ଶନୀ-୨୦୨୩) ମାର୍ଚ୍ଚ ୧ରୁ ୧୦ ତାରିଖ ପର୍ଯ୍ୟନ୍ତ ଏକାମ୍ର ହାଟ, ଭୁବନେଶ୍ୱରଠାରେ ଆୟୋଜିତ ହେଉଛି । ଏଥିରେ ଓଡ଼ିଶାର ୧୨ଟି ଜିଲ୍ଲା ଓ ବାହାର ୩ଟି ରାଜ୍ୟରୁ ୫୦ ଜଣ ଶିଳ୍ପୀ/ହସ୍ତଶିଳ୍ପ କାରିଗର ଭାଗ ନେଇ ସେମାନଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀମାନ ପ୍ରଦର୍ଶନୀ କରିବା ସଙ୍ଗେ ସଙ୍ଗେ ବିକ୍ରୟ କରୁଛନ୍ତି । ଓଡ଼ିଶାରେ ଖୋର୍ଦ୍ଧା, ପୁରୀ, ଗଞ୍ଜାମ, ଜଗତସିଂହପୁର, ମୟୂରଭଞ୍ଜ, କଟକ, ବାଲେଶ୍ୱର, ନୟାଗଡ଼, କେନ୍ଦ୍ରାପଡ଼ା, ଢେଙ୍କାନାଳ, ଭଦ୍ରକ ଓ ନବରଙ୍ଗପୁର ଜିଲ୍ଲାରୁ ବିଭିନ୍ନ ପ୍ରକାରର ହସ୍ତଶିଳ୍ପ ସାମଗ୍ରୀ ଯଥା ପଥର ଖୋଦେଇ, କାଠ ଖୋଦେଇ, ସବାଇ ଘାସ, ଗୋଲ୍‌ଡେନ୍ ଗ୍ରାସ ଶିଳ୍ପ, ଚାନ୍ଦୁଆ, ପଟ୍ଟଚିତ୍ର, ରୂପା ତାରକସୀ, ଆଦିବାସୀ ଜୁଏଲାରୀ, କତାଶିଳ୍ପ, ତାଳପତ୍ର ଖୋଦେଇ, ଶାମୁକା, କାର୍ପେଟ, କଂସା ଓ ପିତଳ, ଢୋକ୍ରା, ଶିଂଘ, ଝୋଟ କାମ ଭଳି ଶିଳ୍ପଗୁଡ଼ିକ ପ୍ରଦର୍ଶିତ ହେଉଛି । ଏହିଭଳି ଏକ ପ୍ରଦର୍ଶନୀର ଆୟୋଜନ ଓ ପରିଚାଳନା ତଥା ସର୍ବୋପରି କ୍ରୟକୁ ଦୃଷ୍ଟିରେ ରଖାଯାଇ ଆନୁମାନିକ ୨୫ ଲକ୍ଷ ଟଙ୍କାର ବ୍ୟବସାୟ ଆକଳନ କରାଯାଇଛି ଏବଂ ୨୫-୩୦ ହଜାର ଦର୍ଶକଙ୍କ ଆଗମନର ସମ୍ଭାବନା ରହିଛି । ଆଜି ଶ୍ରୀ ଶ୍ୟାମଭକ୍ତ ମିଶ୍ର, ନିର୍ଦ୍ଦେଶକ, ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା ଏହି ହସ୍ତଶିଳ୍ପ ପ୍ରଦର୍ଶନକୁ ଉଦ୍‌ଘାଟନ କରିଛନ୍ତି । ଏହି ଉଦ୍‌ଘାଟନୀ ଉତ୍ସବରେ କୁମାରୀ ଦେବସ୍ମିତା ସାହୁ, ସଭାପତି, ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ, ଭୁବନେଶ୍ୱର, ଶ୍ରୀ ସରୋଜ କୁମାର ପଟେଲ, ସ୍ୱତନ୍ତ୍ର ସଚିବ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ତଥା ପରିଚାଳନା ନିର୍ଦ୍ଦେଶକ, ଉତ୍କଳିକା, ଶ୍ରୀ ଅଶୋକ କୁମାର ହୋତା ଅନ୍ୟାନ୍ୟ ଅଧିକାରୀଗଣ ଉପସ୍ଥିତ ଥିଲେ ।

# ବିବାହର ଚତୁର୍ଥୀ ପୂର୍ବରୁ ଆରପାରିକୁ ଚାଲିଗଲେ ସ୍ୱାମୀ

## ଦୁଇ ପରିବାର ସମେତ ଖଡୁପାହି ଅଞ୍ଚଳରେ ଶୋକର ଛାୟା

ବାଲେଶ୍ୱର, ୦୩/୦୩ (ନି.ପ୍ର): ରାତି ପାହିଲେ ନବ ଦମ୍ପତିଙ୍କ ହୋଇଥା'ନ୍ତା ଚଉଠି । ଘରେ ବନ୍ଧୁବର୍ଗ, ସମ୍ପର୍କୀୟଙ୍କର ଭିଡ଼ ଲାଗିରହିଥିବା ବେଳେ ଭୋଜି ପାଇଁ ଚାଲିଥିଲା ଜୋରଦାର ପ୍ରସ୍ତୁତି । ମାତ୍ର ସକାଳେ ନବ ବିବାହିତ ବରର ମୃତଦେହ ଉଦ୍ଧାର ହେବା ଘଟଣା ପରିବାର ସମେତ ସମଗ୍ର ଅଞ୍ଚଳ ପାଇଁ ଦୁଃଖର ସାଗର ସୃଷ୍ଟି କରିଛି । ଅନ୍ୟପକ୍ଷରେ ଦାମ୍ପତ୍ୟ ଜୀବନର ପାଦ ଦେବା ପୂର୍ବରୁ ନବ ବିବାହିତା କନ୍ୟା ବିଧବା ହେବା ଦୁଇ ପରିବାରକୁ ମର୍ମାହତ କରିଛି । ଏହିଭଳି ଘଟଣା ଘଟିଛି ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ଅର୍ନ୍ତଗତ ତୁଣ୍ଡୁରା ପଞ୍ଚାୟତ ଖଡୁପାଡି ଗାଁ'ରେ । ଏହି ଗ୍ରାମର ଶିଶିର କୁମାର ଭଞ୍ଜଙ୍କ ସାନ ପୁଅ ଅଜୟଙ୍କର ବିବାହ ଗତ ୧ତାରିଖ ବୁଧବାର ଚାନ୍ଦିପୁର ଥାନା ଅର୍ନ୍ତଗତ ଗୁଡୁପାହି ଅଂଚଳର ମାଧବ ଜେନାଙ୍କ ଝିଅ ଚାନ୍ଦିନୀ(୨୧)ଙ୍କ ସହ ବଳରାମଗଡି ସ୍ଥିତ ରାଧାକୃଷ୍ଣ ମନ୍ଦିରରେ ବୈଦିକ ରିତିରେ ବିବାହ ହୋଇଥିଲା । ଅଜୟ ମାର୍ବଲ କାମ କରିବା ସହ ଚିଙ୍ଗୁଡି ଘେରୀ ମଧ୍ୟ କରନ୍ତି । ଏହି ବିବାହକୁ ନେଇ ଉଭୟ ପରିବାର ବେଶ ଖୁସିଥିବା ବେଳେ ଅଜୟ ବାଜା, ରୋସିଣୀ ସହ ବିବାହ କରିବା ପାଇଁ ଆସିଥିଲେ । ଆଉ ମନ୍ଦିରରେ ବିବାହ ଶେଷରେ ବରକନ୍ୟା ଖଡୁପାଡିକୁ ଫେରିଥିଲେ ।ଏହି ସମୟରେ ଗାଁ ଓ ନିଜ ପରିବାର ଲୋକେ ବେଶ ଥିଲେ ଆନନ୍ଦିତ। ବିବାହକୁ ଆଜି ତିନି ଦିନ ହୋଇଥିବା ବେଳେ ଗାଁରେ ଥିଲା ପ୍ରତିଭୋଜନ। ପ୍ରତିଭୋଜନ ପାଇଁ ସବୁ ପ୍ରକାର ପ୍ରସ୍ତୁତି ଶେଷ ହୋଇଥିବା ବେଳେ ମଧ୍ୟାହ୍ନରେ ହୋଇଥାଆନ୍ତା ଖିଆପିଆ। ହେଲେ ସକାଳେ ଏହି ଖୁସୀ ପରିବର୍ତ୍ତିତ ହୋଇଥିଲା ଶୋକାକୂଳ ପରିବେଶକୁ। ପରିବାର ଲୋକଙ୍କ କହିବା ଅନୁସାରେ ଭୋର ୩ଟା ବେଳେ ଅଜୟ ଶୌଚ ପାଇଁ ବାହାରକୁ ଯିବାକୁ ପରିବାର ଲୋକଙ୍କୁ ଡାକିଥିଲା। ଏପରିକି ପରିବାର ଲୋକେ ତାକୁ ସାଙ୍ଗରେ ନେଇ ବାହାରକୁ ଯାଇ କିଛି ସମୟ ପରେ ଘରକୁ ଫେରିଆସିଥିଲେ। ହେଲେ ସେ ଦ୍ୱିତୀୟ ଥର ଅର୍ଥାତ ଭୋର ୪ଟାରୁ ୫ଟା ମଧ୍ୟରେ ପୁଣି ଥରେ ଶୌଚ ହେବା ପାଇଁ ବାହାରକୁ ଯାଇଥିଲେ। ହେଲେ ସେହି ସମୟରେ ତାଙ୍କ ସାଙ୍ଗରେ କେହି ନଥିଲେ। ସେ ଏକୁଟିଆ ବାହାରକୁ ଶୌଚ ହେବା ପାଇଁ ଯାଇଥିଲେ। ଦୀର୍ଘ ସମୟ ଧରି ଅଜୟ ଘରକୁ ନ ଫେରିବା ଦେଖି ପରିବାର ଲୋକେ ଖୋଜାଖୋଜି କରିଥିଲେ। ନିକଟସ୍ଥ ଗଡ଼ିଆରେ ପଡ଼ିଥିବା ଦେଖି ଲୋକେ ଉଦ୍ଧାର ସହ ସଙ୍ଗେ ସଙ୍ଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ହେଲେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଖନ୍ତାପଡା ପୁଲିସ ମେଡିକାଲରେ ପହଞ୍ଚି ପଞ୍ଚନାମା କରିବା ପରେ ମୃତଦେହ ବ୍ୟବଚ୍ଛେଦ ସହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ତେବେ ଗଡ଼ିଆ ନିକଟରେ ଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସିବା କାରଣରୁ ହେଉ କିମ୍ବା ପୂର୍ବରୁ ତାଙ୍କର ଥିବା ବାତ ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଇଛି।

# ବାଲେଶ୍ୱର ଜିଲ୍ଲା ପରିଷଦର ଚତୁର୍ଥ ବୈଠକ

ବାଲେଶ୍ୱର, ୦୩/୦୩ (ନି.ପ୍ର): ବାଲେଶ୍ୱର ଷଷ୍ଠ ଜିଲ୍ଲା ପରିଷଦର ଚତୁର୍ଥ ବୈଠକ ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପରିଷଦ ସଭାପତି ନାରାୟଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସଦର ବିଧାୟକ ସ୍ୱରୂପ କୁମାର ଦାସ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଜିଲ୍ଲାପାଳ ଦତାତ୍ରୟ ଭାଓସାହେବ ଶିନ୍ଦେ, ଭଦ୍ରକ ସାଂସଦଙ୍କ ପ୍ରତିନିଧି ଅଶ୍ୱିନୀ ମହାପାତ୍ର, ବାଲେଶ୍ୱର ସାଂସଦ ପ୍ରତିନିଧି ଉମାକାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇ ଜିଲ୍ଲାରେ କାର୍ଯ୍ୟକାରୀ ବିଭିନ୍ନ ଉନ୍ନୟନ ମୂଳକ ଯୋଜନାର ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ବୈଠକରେ ପ୍ରାରମ୍ଭରେ ଜିଲାର ଶିକ୍ଷା ବିଭାଗର ଦୟନୀୟ ସ୍ଥିତିକୁ



ନେଇ ଜିଲା ପରିଷଦ ସଦସ୍ୟମାନେ ଦୀର୍ଘ ସମୟଧରି ଆଲୋଚନା କରିଥିଲେ। ବିଶେଷ କରି ଜିଲ୍ଲାରେ ଲାଗି ରହିଥିବା ଶିକ୍ଷକ କର୍ମଚାରୀ ଅଭାବ ଓ ଭିତ୍ତିଭୂମି ବିକାଶ ସମସ୍ୟା ସାଙ୍ଗକୁ ରୂପାନ୍ତରଣ ଆଳରେ ୫-ଟି ସ୍କୁଲରେ ଚାଲିଥିବା ସରକାରୀ ଅର୍ଥ ଆତ୍ମସାତକୁ ନେଇ ବୈଠକରେ ଅଭିଯୋଗ ଉଠିଥିଲା। ବାହାନଗା ବ୍ଲକର ୧୬ଟି ବିଦ୍ୟାଳୟର ରୂପାନ୍ତରଣ କାର୍ଯ୍ୟ କରୁଥିବା ଚଙ୍ଗୁ ଓ ମଙ୍ଗୁ ନିଜ ଇଚ୍ଛାନୁସାରେ କାର୍ଯ୍ୟ କରୁଥିବା ସଦସ୍ୟମାନେ ଆରୋପ କରିଥିଲେ। ଏ ବାବଦରେ ଜିଲା ଶିକ୍ଷାଧିକାରୀଙ୍କୁ ପଚରାଯିବାରେ ସେ ଅସହାୟତା ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ଚିହ୍ନଟ ହୋଇଥିବା ନକଲି ଶିକ୍ଷକଙ୍କ ବିରୋଧରେ କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ, ତାହାକୁ ନେଇ ସମସ୍ତେ ଅଡ଼ି ବସିଥିଲେ। ଅନୁରୂପ ଭାବେ ଜିଲାରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ଓ ଘରୋଇ ହସପିଟାଲଙ୍କ ଶୋଷଣକୁ ନେଇ ସଦସ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ। ଜିଲ୍ଲାରେ ଖାଲି ପଡ଼ିଥିବା ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟକର୍ମୀ ପଦ ପୂରଣ ଉପରେ ଲୋକପ୍ରତିନିଧିମାନେ ଗୁରୁତ୍ୱାରୋପ କରିଥିଲେ । ତେବେ କେଉଁ ପରିସ୍ଥିତିରେ ରୋଗୀମାନଙ୍କୁ ସିଏଚସିରୁ ଏସଡିଏଚ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ମୁଖ୍ୟ ଚିକିତ୍ସାଳୟରୁ କଟକ ତଥା ଅନ୍ୟାନ୍ୟ ହସପିଟାଲକୁ ରେଫର ହେଉଛନ୍ତି, ତା' ଉପରେ ଅନଲାଇନ ଅଡିଟ ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ସେହିପରି ଜଳସେଚନ, କ୍ଷୁଦ୍ର ଜଳସେଚନ, ବାଲେଶ୍ୱର ଉଠା ଜଳସେଚନ ବିଭାଗ, ଖାଦ୍ୟ ଓ ଯୋଗାଣ ବିଭାଗ, କୃଷି ଓ ଉଦ୍ୟାନ ବିଭାଗ, ମନରେଗା, ଆରଡି, ପୂର୍ତ୍ତ ପ୍ରଭୃତି ବିଭାଗର ବିଭିନ୍ନ ଯୋଜନା ଓ ନିର୍ମାଣଧୀନ ପ୍ରକଳ୍ପ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। କାର୍ଯ୍ୟର ଗୁଣବତ୍ତା ରକ୍ଷା ସାଙ୍ଗକୁ ଧାର୍ଯ୍ୟ ସମୟ ମଧ୍ୟରେ ଶେଷ କରିବା ଉପରେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଭିନ୍ନ ଯୋଜନା ସଫଳ ରୂପାୟନ କ୍ଷେତ୍ରରେ କାର୍ଯ୍ୟର ତଦାରଖ ପାଇଁ ଏହି ବୈଠକରେ ୭ ଗୋଟି ଷ୍ଟାଣ୍ଡିଂ କମିଟି ଗଠନ କରାଯାଇଥିଲା।

## ବରିଷ୍ଠ କବି ରାମକୃଷ୍ଣ ପତିଙ୍କ ସ୍ମୃତିରେ କବିତା ପାଠ ଉତ୍ସବ

ଭଦ୍ରକ, ୦୩/୦୩ (ନି.ପ୍ର): ଭଦ୍ରକ ଜିଲା ତିହିଡ଼ି ବ୍ଲକ ମୁକୁନ୍ଦପୁର ପ ।ୟତ ଅଧୀନ ଝିଙ୍କିରିଆ ଗ୍ରାମର ବରିଷ୍ଠ କବି ସ୍ୱର୍ଗତ ରାମକୃଷ୍ଣ ପତିଙ୍କ ସ୍ମୃତିରେ ଏକ କବିତା ପାଠ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କବିଙ୍କ ଚତୁର୍ଥ ଶ୍ରଦ୍ଧାବାର୍ଷିକ ଉତ୍ସବ ପରିପ୍ରେକ୍ଷୀରେ ଅନୁଷ୍ଠିତ ଏହି କବିତା ପାଠ ଉତ୍ସବ ସଭାରେ ପୂର୍ବତନ ସରପ ବସନ୍ତ ପତି ପୌରୋହିତ୍ୟ କରିଥିଲେ। ଏଥିରେ ଭଦ୍ରକ ତ୍ୟାଗଭୂମି ସମ୍ମେଳନ ସଭାପତି ଅଜୟ କୁମାର ନାୟକ, ବରିଷ୍ଠ କବି ହୃଦାନନ୍ଦ ପାଣିଗ୍ରାହୀ, ଶିଶୁ ସାହିତ୍ୟିକ ଗୋବିନ୍ଦ ପ୍ରସାଦ ଭଟ୍ଟାଚାର୍ଯ୍ୟ, ପ୍ରବଚିକା ବିଶ୍ୱମୈତ୍ରୀ ନାୟକ, ଶିକ୍ଷାବିତ୍ ସନାତନ ସାହୁ ପ୍ରମୁଖ ଯୋଗ ଦେଇ କବି ସ୍ୱର୍ଗତ ପତିଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। କବି ଦୀନବନ୍ଧୁ ପତି, ପି. ହୃଷିକେଶ, ଆଶୁତୋଷ କରଣ, ନୀଳମାଧବ ସେନାପତି, ସୁବାସ ଚନ୍ଦ୍ର ମହାନ୍ତି, ଉମାକାନ୍ତ ଦାସ, ପୀତାମ୍ବର ସେଠୀ, କମଳାକାନ୍ତ ସ୍ୱାଇଁ, ଜ୍ୟୋତିର୍ମୟ ପାଣ୍ଡବ, ପ୍ରହ୍ଲାଦ ଦାସ, ପଦ୍ମଲୋଚନ ପତି, ରତିକାନ୍ତ ଦାସ ପ୍ରମୁଖ କବିତା ପାଠ କରିଥିଲେ।

# ବିଜେପି ଯୁବମୋର୍ଚ୍ଚାକୁ ପୁଲିସ୍‌ର ମରଣାନ୍ତକ ଆକ୍ରମଣ ବିରୋଧରେ ଥାନାରେ ମାମଲା

ଜଳେଶ୍ୱର, ୦୩/୦୩ (ନି.ପ୍ର): ଗତ ୨୮ତାରିଖରେ ବିଜେପିର ଯୁବ ମୋର୍ଚ୍ଚା ପକ୍ଷରୁ ରାଜ୍ୟର ବିପର୍ଯ୍ୟସ୍ତ ଆଇନ୍‌ଶୃଙ୍ଖଳା ପ୍ରତିବାଦରେ ବିଧାନସଭା ଘେରାଓ କରାଯିବାର ସିଦ୍ଧାନ୍ତ ନିଆଯାଇଥିଲା । ମାଷ୍ଟର କେଣ୍ଟିନରୁ ପିଏମ୍‌ଜି ମଧ୍ୟରେ ପୁଲିସ୍ ଅତର୍କିତ ଆକ୍ରମଣ କରିଥିବାର ଅଭିଯୋଗରେ ଆଜି ବିଜେପି ପକ୍ଷରୁ ପୁଲିସ୍ ଡିଜି ଓ କମିଶନରଙ୍କ ବିରୋଧରେ ଏତାଲା ଡାଏର ପାଇଁ ଦାବି ହୋଇଛି । ଜଳେଶ୍ୱର ଥାନା ସମ୍ମୁଖରେ ଆଜି ବିଜେପିର କର୍ମୀମାନେ ଥାନା ଅଧିକାରୀଙ୍କୁ ପୁଲିସର ମାତ୍ରାଧିକ କାର୍ଯ୍ୟ, ମରଣାନ୍ତକ ଆକ୍ରମଣକୁ ନେଇ ମାମଲା ରୁଜୁ କରିବାକୁ ଦାବି କରିଛନ୍ତି । ଏଥିରେ ମନୋଜ କୁମାର ସାସମଲ, ପ୍ରଣବ ପଣ୍ଡା, ପ୍ରତାପ ସେନାପତି, ରବିନ୍ଦ୍ର ଦତ୍ତ, ସରୋଜ



ଗିରି, ଦିଲ୍ଲିପ ରଣା, ସଂଜିବ ରାଉତ, ସତ୍ୟବ୍ରତ ଚାନ୍ଦ, ଗଣେଶ ସରେନ୍ ପ୍ରମୁଖ ଯୋଗ ଦେଇଥିଲେ । ସେହିପରି ଆଜି ପୁଲିସ୍ ବିଜେପି ଯୁବମୋର୍ଚ୍ଚାର ରାଜ୍ୟ ସଭାପତି ଓ କର୍ମକର୍ତ୍ତାଙ୍କୁ ମିଛରେ ଗିରଫ କରିଥିବା ପ୍ରତିବାଦରେ ଜଳେଶ୍ୱର ଥାନାରେ କେତେକ କର୍ମୀଙ୍କ ପକ୍ଷରୁ ଅନ୍ୟଏକ ମାମଲା ରୁଜୁଲାଗି ଲିଖିତଭାବେ ଜଣାଇଛନ୍ତି । ଏହି କାର୍ଯ୍ୟକ୍ରମରେ ଅରୁଣ କୁମାର ବେଜ, ସାଂସଦ ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, କାଉନ୍‌ସିଲର ଶିବନାରାୟଣ ମହାପାତ୍ର ଓ ଚନ୍ଦନ ଦାସ, ବରେନ୍ଦ୍ର ପରିଡା, ମନମୋହନ ଆଚାର୍ଯ୍ୟ, ରାଧାକୃଷ୍ଣ ସେନ୍, ବିପ୍ଳବ ପ୍ରଦାନ, ଦେବାଶିଷ ପଟ୍ଟନାୟକ, ବ୍ୟମକେଶ ଚନ୍ଦ, ବିଜୟ ବେହେରା, ଅମୂଲ୍ୟ ସେନାପତି, ସପନ ବ୍ରହ୍ମ, ଅନନ୍ଦ ଦାସ ପ୍ରମୁଖ ଭାଗ ନେଇଥିଲେ ।

## ନାରାୟଣ ପାଟଣାରେ ମୃଦୁ ଭୂକମ୍ପ : ତୀବ୍ରତା ୩.୮

ଜୟପୁର, ୦୩/୦୩ (ନି.ପ୍ର): ନାରାୟଣ ପାଟଣା ଓ ଲକ୍ଷ୍ମୀପୁର ଆଖପାଖ ଅଂଚଳରେ ଆଜି ମୃଦୁ ଭୂ-କମ୍ପ ଅନୁଭୂତ ହୋଇଛି । ଭୋର୍ ୫ଟା ୫ ମିନିଟ୍ ରେ ଏହି ଭୂ-କମ୍ପ ଅନୁଭୂତ ହୋଇଥିଲା । ରିକ୍ଟର ସ୍କେଲ୍ ରେ ଏହାର ତୀବ୍ରତା ଥିଲା ୩.୮ । ଛତିଶଗଡ଼ ଜଗଦଳପୁର ଠାରୁ ୧୨୯ କି.ମି. ଦୂରରେ ରହିଥିଲା ଭୂକମ୍ପର କେନ୍ଦ୍ରସ୍ଥଳ। ଏନେଇ ନେସନାଲ ସେଂଟର ଫର୍ ସେସମୋଲୋଜି ପକ୍ଷରୁ ସ୍ପଷ୍ଟ କରାଯାଇଛି । ତେବେ କ୍ଷୟକ୍ଷତି ନେଇ ଅଦ୍ୟାବଧି କୌଣସି ସୂଚନା ମିଳିନାହିଁ । କୋରାପୁଟ, କାକିରିଗୁମ୍ମା, ଲକ୍ଷ୍ମୀପୁର, ନାରାୟଣପାଟଣା ଓ ରାୟଗଡ଼ା ଜିଲ୍ଲାର ରାୟଗଡ଼ା ସହର ସମେତ ଟିକିରି, କାଶୀପୁର, ମୁନିଗୁଡ଼ା, ବିଷମକଟକ ଆଦି ଅଂଚଳରେ ଏହି ଭୂକମ୍ପର ଝଟକା ଅନୁଭୂତ ହୋଇଛି । ଘର ଗୁଡିକ ସାମାନ୍ୟ ଦୋହଲି ଥିବା ବେଳେ ଲୋକେ ଭୟଭିତ ହୋଇ ଜୀବନ ବିକଳରେ ପଦାକୁ ବାହାରି ଆସିଥିବା ଦେଖିବାକୁ ମିଳିଥିଲା ।

## ଗତ ୨୪ ଘଂଟାରେ ମୟୁରଭଂଜ ପୋଲିସ ଦ୍ୱାରା ୧ ଲକ୍ଷ ୩୭ ହଜାରରୁ ଅଧିକ ଟଙ୍କା ଜୋରିମାନା ଆଦାୟ

ଭୁବନେଶ୍ୱର, ୦୩/୦୩ (ନି.ପ୍ର): ଗତ ୨୪ ଘଂଟା ମଧରେ ମୟୁରଭଂଜ ଜିଲ୍ଲା ପୋଲିସ ମୟୁରଭଂଜ ଜିଲ୍ଲାର ବିଭିନ୍ନ ସ୍ଥାନରେ ଗାଡି ଚେକିଂ ବେଳେ ମୋଟର ଭେଇକିଲ ନିୟମକୁ ଅମାନ୍ୟ କରିବା ଅପରାଧରେ ଜିଲ୍ଲା ପୋଲିସ ସମୁଦାୟ ୧ ଲକ୍ଷ ୩୭ ହଜାର ୯୦୦ ଟଙ୍କା ଜୋରିମାନା ଆଦାୟ କରିଛି । ଏହା ସହିତ ଗାଡି ଚେକିଂ ବେଳେ ୬ ଜଣ ନିୟମ ଉଲଙ୍ଘନ କାରୀଙ୍କର ଡ୍ରାଇଭିଂ ଲାଇସେନ୍ସ କ୍ୟାନସେଲ କରାଯାଇଅଛି । ଜିଲ୍ଲାରୁ ମଦ ପାନ କରି ଗାଡି ଚଲାଉଥିବା ଅପରାଧରେ ୨ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ପୋଲିସ ପକ୍ଷରୁ ସୁଚନା ଦିଆଯାଇଛି । ଜିଲ୍ଲାରେ ୨ ଜଣଙ୍କ ନାମରେ ୨ ଗୋଟି ଅବକାରୀ ମାମଲା ରୁଜୁ କରାଯାଇଛି ବୋଲି ଏ ସଂପର୍କରେ ମୟୁରଭଂଜ ପୋଲିସ୍ ଦ୍ୱାରା ଟ୍ୱିଟ କରି ସୂଚନା ଦିଆଯାଇଛି ।

## ଜଗବନ୍ଧୁ ନୋଡାଲ ବିଦ୍ୟାପୀଠର ବାର୍ଷିକ ଉତ୍ସବ

ବାସୁଦେବପୁର, ୦୩/୦୩ (ନି.ପ୍ର): ବାସୁଦେବପୁର ବ୍ଲକ ବରଣ୍ଡୁଆ ପଂଚାୟତ ର ଜଗବନ୍ଧୁ ନୋଡାଲ ବିଦ୍ୟାପୀଠ ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗଙ୍ଗାଧର ସେଠି ଏହି ଉତ୍ସବ ରେ ସଭାପତିତ୍ୱ କରିଥିଲେ । ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଲେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସହିତ ଛାତ୍ର ଛାତ୍ରୀ ମାନେ କଠିନ ପରିଶ୍ରମ ଓ ଅଧବସାୟ କଲେ ନିଶ୍ଚିତ ସଫଳତା ପାଇ ପାରିବେ । ବାସୁଦେବପୁର ବ୍ଲକ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ, ସାହିତ୍ୟିକ ଡ଼କ୍ଟର ବସନ୍ତ ଦାସ, ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ମଳିକ, ପୂର୍ବତନ ସରପଞ୍ଚ ସୂର୍ଯ୍ୟକାନ୍ତ ସେଠି, ସମାଜସେବୀ



ଦୀନବନ୍ଧୁ ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସରୋଜ ନଳିନୀ ମହାନ୍ତି ପ୍ରମୁଖ ଏହି ଉତ୍ସବ ରେ ଅତିଥି ଓ ବକ୍ତା ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ବାର୍ଷିକ ବିବରଣୀ ପାଠ କରିଥିଲେ ଶୁଚିସ୍ମିତା ଶୁକ୍ଳ । ଅତିଥି ପରିଚୟ ରଶ୍ମି ରଂଜିତା ପାଣିଗ୍ରାହୀ ଓ ଧନ୍ୟବାଦ ଅର୍ପଣ କରିଥିଲେ ସଂଯୁକ୍ତା ବେହେରା । ସହକାରୀ ଶିକ୍ଷକ ଶ୍ରୀକାନ୍ତ ପାକଳ ମଞ୍ଚ ସଂଯୋଜନା କରିଥିଲେ । ଏହି ଉତ୍ସବ ରେ ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟତ୍ରୀ ଶଶିକାନ୍ତ ମହାନ୍ତି, ରଞ୍ଜନ ଧଳ, ପ୍ରିୟଙ୍କା ପ୍ରିୟ ଦର୍ଶିନୀ, ଜୟଶ୍ରୀ ପାତ୍ରୀ, ଶ୍ରଦ୍ଧାଞ୍ଜଳି ମହାପାତ୍ର, ଜୟନ୍ତୀ ଧଳ, କୁନ୍ତଳା ନାୟକ, ସୀତାମଣି ପଣ୍ଡା, ଦିବାକର ସେଣ୍ଠ, ଜୟନ୍ତ ସିଂ, ଅଙ୍କିତା ଦେ, ରମା ମଣି ପଣ୍ଡା, ପ୍ରଂଜ୍ଞା ପାରମିତା ସାହୁ, ପ୍ରତାପ ଦାସ ପ୍ରମୁଖ ସହଯୋଗ କରିଥିଲେ । ବିଭିନ୍ନ ପ୍ରତିଯୋଗିତା ରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

## ମୟୁରଭଞ୍ଜ ଜିଲ୍ଲାର ଆପ କର୍ମକର୍ତ୍ତାଙ୍କ କଂଗ୍ରେସରେ ଯୋଗଦାନ

ଭୁବନେଶ୍ୱର, ୦୩/୦୩ (ନି.ପ୍ର): କଂଗ୍ରେସ ଅଧକ୍ଷ ଶ୍ରୀ ମଲ୍ଲିକାର୍ଜ୍ଜୁନ ଖଡ଼ଗେ, ପୂର୍ବତନ କଂଗ୍ରେସ ଅଧକ୍ଷା ଶ୍ରୀମତୀ ସୋନିଆ ଗାନ୍ଧୀ ଏବଂ ଯୁବ ମାନସର ପ୍ରତୀକ ଶ୍ରୀ ରାହୁଲ ଗାନ୍ଧୀଙ୍କ ନେତୃତ୍ୱ ପ୍ରତି ଗଭୀର ଆସ୍ଥା ପ୍ରକଟ କରି ଏବଂ କଂଗ୍ରେସ ଦଳର ନୀତି, ଆଦର୍ଶରେ ଅନୁପ୍ରାଣୀତ ହୋଇ ମୟୁରଭଞ୍ଜ ଜିଲ୍ଲାର ପୂର୍ବତନ ଜିଲ୍ଲା କଂଗ୍ରେସ ସଂପାଦକ ଶ୍ରୀ ସୁକୁମାର ରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ବହୁ ଆପ କର୍ମକର୍ତା ଆଜି କଂଗ୍ରେସ ଦଳରେ ସାମିଲ ହୋଇଛନ୍ତି। ଏହି ଉପଲକ୍ଷେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ଠାରେ ଆୟୋଜିତ ଏକ ମିଶ୍ରଣ ପର୍ବ ଉତ୍ସବରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକ ସମସ୍ତ ଆପ ନେତୃବୃନ୍ଦଙ୍କୁ ପୁଷ୍ପମାଲ୍ୟ ଓ ଉତରୀୟ ପ୍ରଦାନ କରି ଆନୁଷ୍ଠାନିକ ଭାବେ କଂଗ୍ରେସ ଦଳରେ ଗ୍ରହଣ କରିନେଇଥିଲେ ଏବଂ ସେମାନଙ୍କର ଯୋଗଦାନ କଂଗ୍ରେସ ଦଳକୁ ସୁଦୃଢ଼ କରିବବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧରେ ଚନ୍ଦନ କିସ୍‌କୁ, ବାଦଲ ହେମ୍ବ୍ରମ, ଲାଦୁରାମ ସୋରେନ, ଚାନ୍ଦରାୟ ହାଂସଦା, ରବିନ୍ଦ୍ର ନାଥ ଗିରି, ବିରାମ ମୁର୍ମୁ, ଶ୍ରୀମତୀ ଅନିତା ମୁର୍ମୁ, ଦିପୁ କୁମାର ଟୁଡୁ, ସୁଶିଲ କିସ୍‌କୁ, ଏସ୍‌କେ ବାବୁ ପ୍ରମୁଖ ଏହି ଅବସରରେ କଂଗ୍ରେସ ଦଳରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଶ୍ରୀ ରାଜକିଶୋର ବାରିକ ସଂଯୋଜନା କରିଥିଲେ।

# ସଦର ବିଜେପି ପକ୍ଷରୁ ପୁଲିସ ଡିଜିଙ୍କ ବିରୋଧରେ ଏତଲା

ବାଲେଶ୍ୱର, ୦୩/୦୩ (ନି.ପ୍ର): ବଜେପି ଯୁବମୋର୍ଚ୍ଚା କର୍ମକର୍ତ୍ତା ଓ ସଦସ୍ୟଙ୍କ ଉପରେ ରାଜଧାନୀ ପୁଲିସ ଅମାନୁଷିକ ଅତ୍ୟାଚାର କରିଥିବା ଅଭିଯୋଗରେ ବିଜେପି ପକ୍ଷରୁ ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକ (ଡିଜି)ଙ୍କ ସମେତ କଟକ-ଭୁବନେଶ୍ୱର ପୁଲିସ କମିଶନର ଏବଂ ପୁଲିସ ଡେପୁଟି କମିଶନର (ଡିସିପି)ଙ୍କ ବିରୋଧରେ ରାଜ୍ୟବ୍ୟାପୀ ଥାନାରେ ଏତଲା ଦିଆଯାଇଥିବା ବେଳେ ବାଲେଶ୍ୱରରେ ମଧ୍ୟ ଅନୁରୂପ ପ୍ରତିଫଳନ ପରିଲକ୍ଷିତ ହୋଇଛି। ରାଜ୍ୟ ଯୁବମୋର୍ଚ୍ଚା ଉପ ସଭାପତି ତଥା ସଦର ନିର୍ବାଚନମଣ୍ଡଳୀ ନେତା ମାନସ କୁମାର ଦତ୍ତଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ଏକ ଶୋଭାଯାତ୍ରାରେ ଯାଇ ଟାଉନ ଥାନାରେ ଲିଖିତ ଏତଲା ଦେଇଛନ୍ତି। ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପ୍ରତିବାଦ କରିଥିବା ବିଜେପି କାର୍ଯ୍ୟକର୍ତ୍ତାଙ୍କୁ ଭୁବନେଶ୍ୱରରେ ପୁଲିସ ପୂର୍ବ ଯୋଜନା ମୁତାବକ ଭାବରେ



ଅତର୍କିତ ମରଣାନ୍ତକ ଆକ୍ରମଣ କରିଥିଲା ବୋଲି ଶ୍ରୀ ଦତ୍ତ ଆରୋପ କରିଛନ୍ତି। ସାଧା ପୋଷାକଧାରୀ ପୁଲିସ ଏବଂ ଶାସକ ଦଳର ଗୁଣ୍ଡାଙ୍କ ମିଳିତ ଆକ୍ରମଣରେ ଶତାଧିକ ବିଜେପି କର୍ମୀ ଗୁରୁତର ହୋଇ ଏବେ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ପୁଲିସ ଡିଜି, କଟକ-ଭୁବନେଶ୍ୱର ପୁଲିସ କମିଶନର ଏବଂ ଭୁବନେଶ୍ୱର ଡିସିପି ଏହି ଘଟଣାର ନିରପେକ୍ଷ ତଦନ୍ତ ନ କରି ଆକ୍ରୋଶମୂଳକ ଭାବେ ବିଜେପି କାର୍ଯ୍ୟକର୍ତ୍ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦେବା ଦୁର୍ଭାଗ୍ୟର ବିଷୟ ବୋଲି ସେ କହିଛନ୍ତି। ପୁଲିସ ପ୍ରଶାସନର କିଛି ଅଫିସର ଶାସକ ଦଳର ଏଜେଣ୍ଟ ହୋଇ ଯେଉଁ କାର୍ଯ୍ୟ କରୁଛନ୍ତି ତାହା ଗଣତନ୍ତ୍ର ପାଇଁ ଶୋଭନୀୟ ନୁହେଁ ବୋଲି ଶ୍ରୀ ଦତ୍ତ ଅଭିଯୋଗ କରିଛନ୍ତି। ମନ୍ତ୍ରୀ ନବ ଦାସଙ୍କ ହତ୍ୟା ଘଟଣାରେ ବିଜେପି ବାରମ୍ବାର ସ୍ୱର ଉଠାଇବା ଯୋଗୁଁ ପୁଲିସ ଆକ୍ରୋଶମୂଳକ ଭାବେ ଯୁବମୋର୍ଚ୍ଚା କର୍ମକର୍ତ୍ତାଙ୍କ ଉପରେ ଆକ୍ରମଣ କରିଛି। ଆଗାମୀ ଦିନରେ ବିଜେପି ଆନ୍ଦୋଳନକୁ ଆହୁରି ଜୋରଦାର କରିବ ବୋଲି ଶ୍ରୀ ଦତ୍ତ ଚେତାବନୀ ଦେଇଛନ୍ତି। ଏହି ଅବସରରେ ବିଜେପି କର୍ମକର୍ତ୍ତାମାନେ ଟାଉନଥାନା ଆଇଆଇସିଙ୍କୁ ଲିଖିତ ଏତଲା ପ୍ରଦାନ କରିଥିଲେ। ଏତଲା ପ୍ରଦାନ ବେଳେ ଶ୍ରୀ ଦତ୍ତଙ୍କ ସମେତ ବରିଷ୍ଠ ନେତା ରବିନାରାୟଣ ମହାପାତ୍ର, ରାଜ୍ୟ ସମ୍ପାଦିକା ଶିପ୍ରା ବାଜପେୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ପୂର୍ବତନ ନଗର ସଭାପତି ସୀତାକାନ୍ତ ସ୍ୱାଇଁ, ଗୌରାଙ୍ଗ ଦାସ, ସୁଜିତ ଦେବ, ଉପେନ୍ଦ୍ର ଶତପଥୀ, ଲୋକନାଥ ଭୂୟାଁ, ଅନନ୍ତ ନାୟକ, ବୈଲୋଚନ ଦାସ, ଲକ୍ଷ୍ମୀଧର ବେହେରା, କାଉନସିଲର ସତ୍ୟଶିବ ସୁନ୍ଦର ଦାଶ, ନିତ୍ୟଗୋପାଲ ସିଂ, ରୋଜାଲିନ ପାଣି, ଜିଲ୍ଲା ପରିଷଦ ଗୟାଧର ବେହେରା, ସରପଞ୍ଚ ରବିନାରାୟଣ ପ୍ରଧାନ, ସମିତିସଭ୍ୟ ଅଞ୍ଜନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ବିଜେପି ପକ୍ଷରୁ ବାଲେଶ୍ୱର ଜିଲାର ଅନ୍ୟାନ୍ୟ ଥାନାରେ ବି ଅନୁରୂପ ଭାବେ ଏତଲା ଦିଆଯାଇଛି।

# ରାଇରଙ୍ଗପୁରରେ ଫାଇଭ-ଟି ସଚିବ : ଭିଭିନ୍ନ ବିକାଶ ମୂଳକ ପ୍ରକଳ୍ପ ପରିଦର୍ଶନ ଏବଂ ସମୀକ୍ଷା

ବାରିପଦା /ରାଇରଙ୍ଗପୁର, ୦୩/୦୩ (ନି.ପ୍ର): ମୟୂରଭଂଜ ଜିଲ୍ଲାର ଦ୍ୱିତୀୟ ବୃହତମ ସହର ରାଇରଙ୍ଗପୁରକୁ ଆଜି ଓଡିଶା ସରକାରଙ୍କ ଫାଇଭ-ଟି ମହାସଚିବ ଭିକେ ପାଣ୍ଡିଆନଙ୍କ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ କତରିବା ସହ ସମୀକ୍ଷା କରିଥିଲେ । ପରିପ୍ରେକ୍ଷୀରେ ରାଇରଙ୍ଗପୁର ଡାକବଙ୍ଗଳାରେ କିଛି ସମୟ ପାଇଁ ଭି.କେ.ପାଣ୍ଡିଆନଙ୍କ ବିଶ୍ରାମ ସମୟରେ ରାଇରଙ୍ଗପୁରର ବୁଦ୍ଧିଜୀବୀ, ସାମ୍ବାଦିକ, ବ୍ରାହ୍ମଣ ମହାସଂଘ ଓ ବିଭିନ୍ନ ସାମାଜିକ ସଂଘଠନ ପକ୍ଷରୁ ଆଲୋଚନା କରାଯାଇଥିଲା ଓ ତେବେ ସଚିବ ଶ୍ରୀ ପାଣ୍ଡିୟାନ ପ୍ରାରମ୍ଭରେ ଅଲଚିକ ଭାଷାର ସ୍ରଷ୍ଟା ଗୁରୁ ଗମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସମାଧି ସ୍ଥଳ ଦାଣ୍ଡବୋଷ କୁ ଗସ୍ତକରି ଏହାର ପୁନଃ ନବୀକରଣ କାର୍ଯ୍ୟ ପାଇଁ



ପରିଦର୍ଶନ କରିବା ସହିତ ଗ୍ରାମବାସୀମାନଙ୍କ ସହ ଆଲୋଚନା କରିଥିଲେ ଓ ଏହାପରେ ରାଇରଙ୍ଗପୁର ହାଟ ବନ୍ଧର ପରିଦର୍ଶନ କରିବା ସମୟରେ ପୌର ପରିଷଦ ପକ୍ଷରୁ ନବୀକରଣର ଏକ ପୂର୍ଣ୍ଣାଙ୍ଗ ବ୍ଲୁପ୍ରିଂଟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମେନ୍ଦ୍ର ଶତପଥି ଫାଇଭ-ଟି ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଓ ହାଟ ବନ୍ଧରେ ଚିଲିଡ୍ରେନ ପାର୍କ, ଅତ୍ୟାଧୁନିକ ଜିମ, ବୋଟିଙ୍ଗ, ପିଲା ମାନଙ୍କ ପାଇଁ ଟୟ ଟ୍ରେନ ପ୍ରଭୃତି ନିର୍ମାଣ କରିବା ପାଇଁ ଉପସ୍ଥାପନ କରିଥିଲେ ଓ ଏହି ଗସ୍ତ ସମୟରେ ଜିଲ୍ଲାପାଳ ବିନୀତ ଭରଦ୍ୱାଜ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରଷିକେଶ ଡି.ଖିଲାରୀ, ରାଇରଙ୍ଗପୁର ଉପ ଜିଲ୍ଲାପାଳ ସରୋଜ ଦାଶ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଗୋକୁଳାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିବା ସହ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ହୋଇଥିଲେ । ମହୁଲଡିହା ଡାକ ବଗଂଳାରେ ଭିଭିନ୍ନ ସାମାଜିକ ସଂଗଠନ ସହ ସାକ୍ଷାତ କରିଥିଲେ । ସନ୍ଧ୍ୟା ସମୟରେ ରାଇରଙ୍ଗପୁର ର ଶ୍ରୀଜଗନ୍ନାଥ ମନ୍ଦିର ଓ ରଘୁନାଥ ଜିଉ ମଠ ଓ ଗୋଶାଳା ପରିଦର୍ଶନ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo